


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 25 | ଭାଗ ୩୪ | ସଂଖ୍ୟା ୨୫ Bhubaneswar | Thursday 17 April 2025 | Page 8 Rs. 4.00 ● ଭୁବନେଶ୍ୱର ଗୁରୁବାର ୧୭ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ବାରିପଦାରେ 'ପିଏମ୍ ବିଶ୍ୱକର୍ମା' ଓ 'ରାଷ୍ଟ୍ରୀୟ ଏସ୍‌ଟି-ଏସ୍‌ସି ହବ୍' କନ୍‌କ୍ଲେଭ୍

# ମଝବୁତ ହେବେ ପାରମ୍ପରିକ କାରିଗର



**ବାରିପଦା,୧୬।୪(ସଂଚାର ବ୍ୟୁରୋ):** ପିଏମ୍ ବିଶ୍ୱକର୍ମା ଯୋଜନା ଏକ ଅର୍ଥନୈତିକ ସହାୟତା ନୁହେଁ, ବରଂ ଏହା ଆମର ମହତ ଭାବନା ଓ ଏକ ଦୃଢ଼ ସଂକଳ୍ପର ପରିଣାମ। ଗରିବ ଶିଳ୍ପୀ ଓ କାରିଗରଙ୍କୁ ଏହା ମାଧ୍ୟମରେ ବିକାଶର ମୁଖ୍ୟ ଧାରାରେ ସାମିଲ କରାଯାଇପାରିବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଠାରେ ଆୟୋଜିତ ପିଏମ୍ ବିଶ୍ୱକର୍ମା ଓ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଓ ଜାତି ହବ୍ କନ୍‌କ୍ଲେଭ୍‌ରେ ଯୋଗଦେବା ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସମାଜରେ ବହୁ ପୁରାତନ କାଳରୁ ବିଶ୍ୱକର୍ମାମାନେ ଯଥା-ବଢ଼େଇ, ରାଜମିସ୍ତ୍ରି, କୁମ୍ଭାର, ମୂର୍ତ୍ତିକାର, ବଣିଆ, ଡୋକ୍ରା କାରିଗର, ଚମଡ଼ା କାରିଗର, ନଡିଆ କତା ଶିଳ୍ପୀଙ୍କ ପରି ଅନେକ କାରିଗର ନିଜ କୌଶଳ ଦ୍ୱାରା ଦେଶ ଓ ରାଜ୍ୟକୁ ସମୃଦ୍ଧ କରିପାରିଛନ୍ତି। ଏହି ପରମ୍ପରାକୁ ଅଧିକ ସମୃଦ୍ଧ ଓ ଗରିମାମୟ କରିବା ଏବଂ ପାରମ୍ପରିକ ଶିଳ୍ପୀ ଓ କାରିଗରମାନଙ୍କୁ ଯଥୋଚିତ ସମ୍ମାନ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୨୩ରେ ପିଏମ୍ ବିଶ୍ୱକର୍ମା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ବଢ଼େଇ, ଡଙ୍ଗା ନିର୍ମାତା, କମାର, ବଣିଆ, କୁମ୍ଭକାର, ମୂର୍ତ୍ତିକାର, ପଥର ଖୋଦେଇକାରୀ, ଜୋତା କାରିଗର, ରାଜମିସ୍ତ୍ରି, ନଡ଼ିଆ କତା ଶିଳ୍ପୀ, ଝୁଡ଼ି/ ଗାଲିଚା କାରିଗର, କଣ୍ଢେଇ ଓ ଖେଳଣା ନିର୍ମାତା, ନାପିତ, ରଜକ, ଫୁଲମାଳ ନିର୍ମାତା, ଦରଜି, ମାଛ ଜାଲ ବୁଣାଳୀ ଆଦି ୧୮ ପ୍ରକାର ବୃତ୍ତିକୁ ସାମିଲ କରାଯାଇଛି। ଏହି ପାରମ୍ପରିକ କାରିଗର ଓ ଶିଳ୍ପୀମାନଙ୍କୁ ବିଶ୍ୱକର୍ମାର ପରିଚୟ

**୧୮ ବୃତ୍ତିରେ ଲକ୍ଷାଧିକ ହିତାଧିକାରୀ ପଞ୍ଜୀକୃତ**

**ମୟୂରଭଞ୍ଜରେ ପ୍ରତିଷ୍ଠା ହେବ ୧୦ ଶିଳ୍ପ, ଖର୍ଚ୍ଚ ହେବ ୭ ହଜାର କୋଟି: ମୁଖ୍ୟମନ୍ତ୍ରୀ**

**ବେକାରୀ ଦୂର ଦିଗରେ ଏମ୍‌ଏସ୍‌ଏମ୍‌ଇ ପ୍ରଭାବଶାଳୀ: କେନ୍ଦ୍ର ମନ୍ତ୍ରୀ**

ଦେଇ ଯୋଜନାରେ ଉପଲବ୍ଧ ସୁବିଧା ହାସଲ ନିମନ୍ତେ ସମର୍ଥ କରାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଯୋଜନାରେ ସମୟର ଆବଶ୍ୟକତା ଅନୁସାରେ ଆମର ବିଶ୍ୱକର୍ମାମାନଙ୍କୁ ପ୍ରୋତ୍ସାହନ, ଦକ୍ଷତା ବିକାଶ ଓ ଆଧୁନିକ ଯନ୍ତ୍ରପାତିର ସହଯୋଗ ପ୍ରଦାନ କରାଯାଉଛି।

ଏହି ଯୋଜନାରେ ବର୍ତ୍ତମାନ ରାଜ୍ୟରେ ୧ ଲକ୍ଷ ୫ ହଜାର ୩୬୧ ଜଣ ହିତାଧିକାରୀ ପଞ୍ଜୀକୃତ ହୋଇସାରିଛନ୍ତି। ୭୭,୧୦୩ ଜଣ ହିତାଧିକାରୀ ମୌଳିକ ପ୍ରଶିକ୍ଷଣ ନେଇସାରିଥିବା ବେଳେ ୧୦ ହଜାର ୫୨୩ ହିତାଧିକାରୀଙ୍କୁ ଋଣ ମଞ୍ଜୁର କରାଯାଇ ୮,୮୬୭ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି। ସେହିଭଳି ମୟୂରଭଞ୍ଜ ଜିଲ୍ଲାର ୧,୮୩୧ ଜଣ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି। ୧୪୭୫ ଜଣ ହିତାଧିକାରୀ ମୌଳିକ ପ୍ରଶିକ୍ଷଣ ନେଇଛନ୍ତି ଓ ୨୦୯ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି।

ମୟୂରଭଞ୍ଜ ଜିଲ୍ଲାର ଦୁଇ ଜଣ ଉଦ୍ୟୋଗୀଙ୍କ ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ କହିଥିଲେ ଯେ ଆଜି ଆଉ ଚାକିରି ପଛରେ ଗୋଡ଼ାଇବାର ଆବଶ୍ୟକତା ନାହିଁ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଉଦ୍ୟୋଗୀ ବନାଇବା ପାଇଁ ସରକାରୀ ସ୍ତରରେ ଋଣଠାରୁ ତାଲିମ୍ ପର୍ଯ୍ୟନ୍ତ ସମସ୍ତ ସହାୟତା ପ୍ରଦାନ କରାଯାଉଛି। ୨୦୧୪ ➪ପୃଷ୍ଠା-୬

## ବନ୍ଧାହେଲେ କୁବେର ଯନ୍ତ୍ରୀ



**ଢେଙ୍କାନାଳ,୧୬।୪(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଠମଲ୍ଲିକ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ)। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ସକାଳୁ ଭିଜିଲାନ୍ସ ପକ୍ଷରୁ ଏଇଇ ରାମଚନ୍ଦ୍ର ଶତପଥୀଙ୍କ ସହ ଜଡ଼ିତ ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯିବା ପରେ ପାଖାପାଖି ୨୪ ଲକ୍ଷ ଟଙ୍କା ନଗଦ ଟଙ୍କା ଉଦ୍ଧାର କରାଯାଇଛି। ଏଥିସହ ତାଙ୍କ ନାମରେ ୧୭ଟି ଦାମୀ ପ୍ଲଟ୍ ଥିବା ବେଳେ ୩ ଶହ ଗ୍ରାମ୍‌ରୁ ଅଧିକ ଓଜନର ସୁନାଗହଣା ଏବଂ ଗୋଟିଏ ଦ୍ୱିତଳ ପ୍ରାସାଦ ଓ ପାଖାପାଖି ୬୪ ଲକ୍ଷ ଟଙ୍କାର ଜମା ଠାବ କରାଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚାଲିଛି ରେଡ୍ । ଏକକାଳୀନ ୯ଟି ସ୍ଥାନରେ

**● ୬୪ ଲକ୍ଷ ଜମା ସହ ୧୭ ପ୍ଲଟ୍ ଠାବ**

**● ଜ୍ୱାଇଁଙ୍କ ଘରୁ ମିଳିଲା ନଗଦ ୨୪ ଲକ୍ଷ**

ଚଢ଼ାଉ କରାଯାଉଛି । ଢେଙ୍କାନାଳ ସହର ଗାୟତ୍ରୀ ନଗରସ୍ଥିତ ବାସଭବନ ସମେତ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ଓ ସରକାରୀ ବାସଭବନ, ଢେଙ୍କାନାଳ ସଦର ବ୍ଲକ ବଣସିଂହସ୍ଥିତ ପୈତୃକ ଘର ଓ କଟକରେ ଏହି ଚଢ଼ାଉ କରାଯାଇଛି। ଏହାଛଡ଼ା ଭବାନୀପାଟଣାର ଧର୍ମଗଡ ଓ ଜୁନାଗଡ଼ରେ ଥିବା ଶ୍ରୀ ଶତପଥୀଙ୍କ ଦୁଇ ଝିଅଙ୍କ ଘରେ ଚଢ଼ାଉ ହୋଇଛି। ଢେଙ୍କାନାଳ ବ୍ୟତୀତ ଅନୁଗୁଳ, କଟକ ଓ ଭବାନୀପାଟଣା ବି ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି। ଚଢ଼ାଉ ସମୟରେ ଶ୍ରୀ ଶତପଥୀଙ୍କ ଜ୍ୱାଇଁ ଜୁନାଗଡ଼ ସିଏସ୍‌ସିରେ ମେଡିକାଲ୍ ଅଫିସର୍ ଭାବେ କାମ କରୁଥିବା ତପନ ➪ପୃଷ୍ଠା-୬

## ଭାଣ୍ଡିଆ ହେଲେ ବିଜେଡି ପ୍ରତିନିଧି



**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ଯାଜପୁରରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ଆକ୍ରମଣ ଏବଂ ପାଟଣାଗଡରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଯିବା ଘଟଣାରେ ବିଜେଡିର ଏକ ପ୍ରତିନିଧି ଦଳ ଆଜି ପୁଲିସ ଡିଜିଙ୍କୁ ଭେଟିବାକୁ ସମୟ ନେଇଥିଲେ। ସେହି ଅନୁଯାୟୀ ଆଜି ଅପରାହ୍ନ ୫ଟା ୩୦ରେ ବିଜେଡି ଟିମ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସରେ ଡିଜିଙ୍କୁ ଭେଟିବାକୁ ପହଞ୍ଚିଥିଲେ। ହେଲେ ଡିଜି ଆସିଲେନି, ଆଉ ବିଜେଡି ପ୍ରତିନିଧିଙ୍କ ସ୍ମାରକପତ୍ର କାର୍ଯ୍ୟକ୍ରମ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚିଯାଇଛି। ମିଳିଥିବା ସୂଚନାନୁଯାୟୀ, ବିଜେଡିର ୩ ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ପ୍ରଣବ ବଳବନ୍ତରାୟ ଓ ବିଧାୟକ ବ୍ୟୋମକେଶ ରାୟଙ୍କ ସହ ମୁଖପାତ୍ର ଲେଲିନ ➪ପୃଷ୍ଠା-୬

## ପାରମିତା ମୁଖ୍ୟ ଆୟକର କମିଶନର



**ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ):** ୧୯୮୯ ବ୍ୟାଚ୍ ଭାରତୀୟ ରାଜସ୍ୱ ସେବା (ଆଇଆରଏସ) ଅଧିକାରୀ ପରମିତା ଶତପଥୀ ତ୍ରିପାଠୀ ବୁଧବାର ଓଡ଼ିଶାରେ ଆୟକର ବିଭାଗର ପ୍ରମୁଖ ମୁଖ୍ୟ କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣେ ପ୍ରସିଦ୍ଧ ଲେଖିକା ଏବଂ ଔପନ୍ୟାସିକ ପରମିତା ପୂର୍ବରୁ ଓଡ଼ିଶାରେ ଆୟକର ବିଭାଗରେ ବିଭିନ୍ନ ➪ପୃଷ୍ଠା-୬

## ଲକ୍ଷପତି ଦିଦି: ଦେଶରେ ଓଡ଼ିଶା ପ୍ରଥମ



**ଅନୁମୋଦିତ ଲକ୍ଷ୍ୟର ୮୨% ପୂରଣ କରିଛି ଓଡ଼ିଶା**

**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଯୋଗାଇ ଦେଇ ବାର୍ଷିକ ୧ ଲକ୍ଷ କିମ୍ବା ଅଧିକ ରୋଜଗାର କରିବାକୁ ସଶକ୍ତ କରୁଥିବା 'ଲକ୍ଷପତି ଦିଦି' ଯୋଜନାରେ ଓଡ଼ିଶା ଆଜି ଭାରତରେ ପ୍ରଥମ ସ୍ଥାନ ହାସଲ କରିଛି। ଗତ ୧୩ ତାରିଖ ସୁଦ୍ଧା ରାଜ୍ୟରେ ଚିହ୍ନଟ ହୋଇଥିବା ୧୭.୫୯ ଲକ୍ଷ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ ମଧ୍ୟରୁ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଲକ୍ଷପତି ଦିଦିରେ ପରିଣତ ହୋଇସାରିଛନ୍ତି। ଅନୁମୋଦିତ ଲକ୍ଷ୍ୟର ୮୨ ପ୍ରତିଶତ ପୂରଣ କରି ଓଡ଼ିଶା ଦେଶର ଅନ୍ୟ ସମସ୍ତ ରାଜ୍ୟକୁ ପଛରେ ପକାଇଦେଇଛି। ଏହି ପ୍ରୟାସକୁ ଓଡିଶାରେ ମିଶନ ଶକ୍ତି ବିଭାଗ ଅଧୀନରେ ଓଡିଶା ଜୀବିକା ମିଶନ (ଓଏଲଏମ) ଦ୍ୱାରା ➪ପୃଷ୍ଠା-୬

## ମେ' ୬ରୁ ଖରାଛୁଟି

**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ଆସନ୍ତା ୬ରୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଚଳିତ ବର୍ଷର ଖରାଛୁଟି ହେବ। ସମ୍ପ୍ରତି ସ୍କୁଲ୍‌ଗୁଡ଼ିକ ପୂର୍ବାହ୍ନ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଚାଲୁଥିବା ବେଳେ ଆସନ୍ତା ୬ ତାରିଖରୁ ଖରାଛୁଟି ଆରମ୍ଭ ହେବ ବୋଲି ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ କ୍ୟାଲେଣ୍ଡର୍ ପ୍ରକାଶ ପାଇବା ପରେ ଏହି ସୂଚନା ମିଳିଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ୍‌ର ଛୁଟି ବ୍ୟତୀତ ଉକ୍ତ କ୍ୟାଲେଣ୍ଡର୍‌ରେ ପରୀକ୍ଷା ଓ ବିଦ୍ୟାଳୟ ସମୟ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଅନୁସାରେ ବିଦ୍ୟାଳୟଗୁଡ଼ିକ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବାହ୍ନ ସାଢ଼େ ୯ଟାରୁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ଏବଂ ଶନିବାର ପୂର୍ବାହ୍ନ ସାଢ଼େ ୬ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ଶିକ୍ଷକମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ମହଜୁଦ ରହିବେ। ଏହାଛଡ଼ା ୨୦୨୫-୨୬ ଶିକ୍ଷା ବର୍ଷରେ ୨୩୧ ଦିନ ବିଦ୍ୟାଳୟ ଖୋଲାରହିବ ଓ ୫୨ଟି ରବିବାର ବ୍ୟତୀତ ୮୨ଟି ଛୁଟିଦିନ ରହିଛି। ଆସନ୍ତା ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୭ ପୂଜା ଛୁଟି ଏବଂ ଡିସେମ୍ବର ୨୩ରୁ ୩୧ କ୍ରିସମାସ୍ ଛୁଟି ରହିଛି।



### କାନ ଡେରିଥା

ରାମାୟଣ ଯାତ୍ରା ଏବେବି ବଞ୍ଚିଛି
ପୁରାଣ ମନେ ପଡୁଛି
ପୌରାଣିକ ତଥ୍ୟ ଶୁଣିଲେ ଲାଗୁଛି
ରାବଣ ସଦା ହାରିଛି
ଚରିତ୍ର ରେ କିଛି ଅଛି...
ଏହି ଚରିତ୍ରକୁ ଆପଣାଇ ନେଲେ
ପାଇବନି ଆଉ କିଛି ।

■ ଦେବାଶିଷ

## ସଡ଼କ ସଂଯୋଗୀକରଣରେ ରାଜ୍ୟ ହେବ ନଂ-୧



**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ସଡ଼କ ସଂଯୋଗୀକରଣରେ ସାରା ଦେଶରେ ୮ ନମ୍ବର ସ୍ଥାନରେ ଥିବା ଓଡ଼ିଶାକୁ ୧ ନମ୍ବର କରିବାକୁ ମୋହନ ସରକାରଙ୍କ ବ୍ଲୁ ପ୍ରିଣ୍ଟ। ଡବଲ ଇଞ୍ଜିନ ସରକାରରେ ଡବଲ ଗତିରେ ସରିବ ରାସ୍ତା ଆଉ ପୋଲ କାମ । ଆସନ୍ତାକାଲି ଓଡ଼ିଶା ପାଇଁ ବଡ଼ ବଡ଼ ପ୍ରକଳ୍ପ ଧରି ଆସୁଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ । ୪ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିବେ କେନ୍ଦ୍ର ମନ୍ତ୍ରୀ। ପ୍ରଶସ୍ତ ହେବ ଭୁବନେଶ୍ୱର-ପୁରୀ, ମେରାଇନ୍ ଡ୍ରାଇଭ୍ ଓ ପୁରୀ-ସାତପଡ଼ା ରୋଡ୍। ଖୁବଶୀଘ୍ର ଆରମ୍ଭ ହେବ ଉପକୂଳ ରାଜପଥ କାମ। ୨୯ ଶହ ୫ କୋଟି ଟଙ୍କାର ୧୩ଟି ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ସହ ୪୨୭ କୋଟି ଟଙ୍କାର ୪ ବ୍ରିଜର ଭିତ୍ତିପ୍ରସ୍ତର ସ୍ଥାପନ କରିବେ କେନ୍ଦ୍ରମନ୍ତ୍ରୀ। ୮୪୧ କୋଟି ଟଙ୍କାରେ ୪୪ କିମି ବିଶିଷ୍ଟ ୨ଟି ଜାତୀୟ ରାଜପଥର ଉଦଘାଟନ କରିବେ ଗଡକରୀ । ସେହିପରି ୧୪୪ କୋଟି ବ୍ୟୟରେ ଟିଟିଲାଗଡ ଏନଏଚ୍-୫୯ରେ ବାଇପାସ୍ ରୋଡ୍, ୧୭୨ କୋଟି ବ୍ୟୟରେ ଧର୍ମଗଡଠାରେ ଏନଏଚ-୧୩୦ରେ ବାଇପାସ୍ ପ୍ରକଳ୍ପ ବି ରହିଛି। ଅନ୍ୟପଟେ ଆସନ୍ତାକାଲି ଏହି ସବୁ ପ୍ରକଳ୍ପର ଶିଳାନ୍ୟାସ ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା ➪ପୃଷ୍ଠା-୬

## ଜଷ୍ଟିସ୍ ଗଭାଇ ପରବର୍ତ୍ତୀ ସିଜେଆଇ



**ନୂଆଦିଲ୍ଲୀ,୧୬।୩(ସଂଚାର ବ୍ୟୁରୋ):** ଜଷ୍ଟିସ୍ ବି.ଆର୍. ଗଭାଇ ଦେଶର ପରବର୍ତ୍ତୀ ମୁଖ୍ୟ ବିଚାରପତି (ସିଜେଆଇ) ହେବେ। ବର୍ତ୍ତମାନର ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜିବ ଖାନ୍ନା ବୁଧବାର ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ବି.ଆର.ଗଭାଇଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବରେ ସୁପାରିସ୍ କରିଛନ୍ତି। ଜଷ୍ଟିସ୍ ଗଭାଇ ଭାରତର ୫୨ତମ ମୁଖ୍ୟ ବିଚାରପତି ହେବାକୁ ଯାଉଛନ୍ତି। ବି.ଆର. ଗଭାଇ ମେ' ୧୪ ତାରିଖରେ ଶପଥ ଗ୍ରହଣ କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇବେ। ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୂଡ଼ ➪ପୃଷ୍ଠା-୬

# କେନ୍ଦ୍ରାପଡ଼ିଆଙ୍କୁ 'ଓଲୁ' ଭାବୁଛନ୍ତି ଗଣେଶ୍ୱର

**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବିଧାୟକ ଗଣେଶ୍ୱର ବେହେରା ଆନ୍ଦୋଳନ ଡାକରା ଦେବାପରେ ଏବେ ଏହି ପ୍ରସଙ୍ଗରେ ଜିଲ୍ଲାବାସୀଙ୍କୁ ସେ ଚଷମା ପିନ୍ଧାଉଥିବା ନେଇ ଆଲୋଚନା ଜୋର ଧରିଛି । ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ କରି ମେଡିକାଲ କଲେଜ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିସାରିବା ପରେ ଗଣେଶ୍ୱରଙ୍କର ଏଭଳି ରାଜନୀତି ଏବେ କେନ୍ଦ୍ରାପଡିଆଙ୍କୁ ଓଲୁ ବନାଇବା ପାଇଁ ବୋଲି କୁହାଯାଉଛି ।

ଗଣେଶ୍ୱର କଂଗ୍ରେସରେ ଥିବାବେଳେ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠାକୁ ନେଇ ରାଜନୀତି କରୁଥିଲେ । ଦୁଇ ଦୁଇ ଥର କଂଗ୍ରେସ ବ୍ୟାନର ତଳେ ମହା ଆନ୍ଦୋଳନ







### କେନ୍ଦ୍ରାପଡ଼ା ମେଡିକାଲ କଲେଜ ପ୍ରସଙ୍ଗ

**● ମଉକା ଦେଖି ଚଉକା ମାରୁଛନ୍ତି**

**● ଆଗରୁ ବିଜେଡିକୁ ମନଇଚ୍ଛା ଗାଳି ଦେଉଥିଲେ**

ଡାକରା ଦେଇଥିଲେ । ମାଟି ପାଇଁ ମାଡି ଚାଲ, ମାଟି ପାଇଁ ପାଟି ଖୋଲ ଭଳି ଗରମା ଗରମ ସ୍ଲୋଗାନ ଦେଇ ବିଜେଡିକୁ ମନଇଚ୍ଛା ଗାଳି ଦେଉଥିଲେ । ବିଜେଡିର ଅପାରଗତାରୁ କେନ୍ଦ୍ରାପଡାରେ ମେଡିକାଲ କଲେଜ ହୋଇପାରୁନାହିଁ ବୋଲି କହି ବୁଲୁଥିଲେ । ବିଜେଡି ସରକାରକୁ ଗାଳିଦେବା ଯେମିତି ସହଜ ହେବ ସେଥିପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରିଥିଲେ।

ତେବେ ଗଣେଶ୍ୱର ଯେତେବେଳେ ଦଳ ବଦଳ କରି ବିଜେଡିରେ ଯୋଗଦେଲେ ସେତେବେଳେ ମେଡିକାଲ କଲେଜ ପ୍ରସଙ୍ଗକୁ ଭୁଲିଗଲେ। କାଳେ କ୍ରିୟାନୁଷ୍ଠାନ କମିଟି ରହିଲେ ତାଙ୍କ ନାଁ ଧରି ବିଜେଡିକୁ କିଏ ଗାଳି କରିବ, ସେଥିପାଇଁ କମିଟିକୁ ବି ଭାଙ୍ଗିଦେଲେ। ବିଜେଡିର ଗେହ୍ଲାପୁଅ ହେବା ପାଇଁ ଗଣେଶ୍ୱରଙ୍କର ଏଭଳି କାରନାମାକୁ ସେତେବେଳେ ନାପସନ୍ଦ କରାଯାଇଥିଲା। ହେଲେ ଗଣେଶ୍ୱର ସିନା ବିଜେଡିରେ ଯୋଗଦେଇ ବିଧାୟକ ଭାବେ ଜିଣିଗଲେ, କିନ୍ତୁ ବିଜେଡି ଶାସନ କ୍ଷମତାରୁ ହଟିଗଲା ।

ଏବେ ଗଣେଶ୍ୱର ବିରୋଧିଦଳରେ ଥିବାରୁ ପୁଣିଥରେ କେନ୍ଦ୍ରାପଡା ମେଡିକାଲ ପ୍ରସଙ୍ଗକୁ ଆୟୁଧ କରି ରାଜନୀତି ଆରମ୍ଭ କରିଦେଇଛନ୍ତି। ହେଲେ ଭୁଲି ଯାଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ଘୋଷଣା ସହିତ ରାଜ୍ୟ ସରକାର ମଧ୍ୟ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ କରି ମେଡିକାଲ କଲେଜ ହେବ ବୋଲି ଘୋଷଣା କରିସାରିଛନ୍ତି । ତଦନୁଯାୟୀ ➪ପୃଷ୍ଠା-୬

### ମେଡିକାଲ କଲେଜ ଦାବି କରିବାର ନୈତିକତା ବିଜେଡିର ନାହିଁ



**କେନ୍ଦ୍ରାପଡା:** ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି କରିବା ବିଜେଡିର କୁମ୍ଭୀର କାନ୍ଦଣା ବୋଲି ଜିଲ୍ଲା ବିଜେପି ପକ୍ଷରୁ କୁହାଯାଇଛି। ୨୪ ବର୍ଷ ଧରି କ୍ଷମତାରେ ରହିବା ପରେ କାହିଁକି ଦଳ ମେଡିକାଲ କଲେଜ ସ୍ଥାପନ ପ୍ରତି ଦୃଷ୍ଟି ଦେଲା ନାହିଁ, ତା'ର ଜବାବ ଦେଉ ବୋଲି ବିଜେପି ନେତା ସଲିମ ଖାନ ଦାବି କରିଛନ୍ତି। ସେ କହିଛନ୍ତି ଯେ ଦୀର୍ଘ ୨୪ ବର୍ଷ ଧରି ନବୀନ ବାବୁଙ୍କ ନେତୃତ୍ୱରେ ବିଜେଡି କ୍ଷମତାରେ ଥିଲା। କେନ୍ଦ୍ରାପଡାବାସୀ ଲଗାତାର ଜିଲ୍ଲାର ପ୍ରାୟ ସମସ୍ତ ବିଜେଡି ବିଧାୟକଙ୍କୁ ନିର୍ବାଚିତ କରି ରାଜ୍ୟ ବିଜେଡି ସରକାରରେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଥିଲେ। କିନ୍ତୁ ସେମାନେ ଜିଲ୍ଲାର ସ୍ୱାସ୍ଥ୍ୟସେବାର ବିକାଶ ପରିବର୍ତ୍ତେ ସୁପ୍ରିମୋଙ୍କ ପାଖରେ ମୁହଁ ଲୁଚାଇ ରହିଥିଲେ। ନବୀନଙ୍କ ➪ପୃଷ୍ଠା-୬

SIKSHA 'O' ANUSANDHAN

SAAT-2025

Empowering students for a brighter future

LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 09th Best in Law Category
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

**ନ୍ୟାସନାଲ ହେରାଲ୍ଡ ଦୁର୍ନୀତି ପ୍ରସଙ୍ଗ**

# ରକ୍ଷକ ହୋଇ ଭକ୍ଷକ ସାଜିଲା କଂଗ୍ରେସ




**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ୫ ହଜାରରୁ ଊର୍ଦ୍ଧ୍ୱ ଦେଶଭକ୍ତ ଓ କ୍ରାନ୍ତିକାରୀଙ୍କ ଆର୍ଥିକ ସହଯୋଗରେ ୧୯୩୭ ମସିହାରେ ନ୍ୟାସନାଲ ହେରାଲ୍ଡ ସମ୍ବାଦପତ୍ରର ପ୍ରକାଶନ ଆରମ୍ଭ ହୋଇଥିଲା। ଏହା କେବଳ ନେହରୁ ପରିବାରର ବ୍ୟକ୍ତିଗତ ଅଫିସ ନଥିଲା, ବରଂ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ବାର୍ତ୍ତାକୁ ସାରା ଦେଶରେ ପହଞ୍ଚାଇବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଦେଶର ବିଭିନ୍ନ ସ୍ଥାନରେ ପ୍ରକାଶକ ଏଜେଏଲ୍ କମ୍ପାନୀ ଜରିଆରେ ନ୍ୟାସନାଲ ହେରାଲ୍ଡ ନିଜର ଶାଖାପ୍ରଶାଖା ଖୋଲି ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ନେଇଥିଲା। ପରବର୍ତ୍ତୀ ସମୟରେ ୨୦୦୮ରେ ୯୦ କୋଟିର ଋଣ ଦେଖାଇ ୨୦୦୮ରେ ଏହାକୁ ବନ୍ଦ କରିଦିଆଗଲା। କଂଗ୍ରେସର ତତ୍କାଳୀନ କୋଷାଧ୍ୟକ୍ଷ ମୋତିଲାଲ ଭୋରା ସେତେବେଳେ ଏହାର ନିର୍ଦ୍ଦେଶକ ଥିଲେ। ଅନ୍ୟ ପକ୍ଷରେ ମାତ୍ର ୫୦ ଲକ୍ଷ ଟଙ୍କା ଦେଇ ଏହି ସଂସ୍ଥାର ସମସ୍ତ ସମ୍ପତ୍ତି ୟଙ୍ଗ ଇଣ୍ଡିଆକୁ ଦିଆଗଲା। ଏହାର ୩୮ ପ୍ରତିଶତ ଲେଖାଏଁ ଅଂଶଧନ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କର ଥିଲା। ଅର୍ଥାତ ମାତ୍ର ୫୦ ଲକ୍ଷ ଟଙ୍କା ବିନିମୟରେ ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, ଭୋପାଳ ଓ ପାଟନାଠାରେ ଥିବା ହଜାର ହଜାର କୋଟି ଟଙ୍କାର ସମ୍ପତ୍ତିକୁ ନିଜ ନାମରେ କରିନିଆଗଲା। ବହୁଚର୍ଚ୍ଚିତ 'ନ୍ୟାସନାଲ ହେରାଲ୍ଡ ଦୁର୍ନୀତି'ର ପର୍ଦ୍ଦାଫାସ୍ ହୋଇସାରିଛି। ଏହି ମାମଲାରେ ମୋତିଲାଲଙ୍କ ସମେତ ପବନ ବଂଶଲ, ସୋନିଆ ଓ ରାହୁଲଙ୍କୁ ଇଡି ଜେରା କରିସାରିଛି। ଦଳ ନାଁରେ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ ସହ ମାତ୍ର ୫୦ ଲକ୍ଷ ଟଙ୍କାରେ ୫ ହଜାର କୋଟି ଟଙ୍କାର ସମ୍ପତ୍ତିକୁ ହାତେଇନେଇଛି କଂଗ୍ରେସ। ଏହି ଖବର ସରାବରାହ ସଂସ୍ଥାକୁ କଂଗ୍ରେସ ଓ ଗାନ୍ଧୀ ପରିବାର ନିଜର ସମ୍ପତ୍ତି ଭଳି ବ୍ୟବହାର କରିଛି। ରକ୍ଷକ ହୋଇ ଭକ୍ଷକ ସାଜିଛି ଦଳ। ଏପରି ଦୁର୍ନୀତି ମାମଲାରେ ଦେଶବାସୀ କଦାପି କଂଗ୍ରେସକୁ କ୍ଷମା ଦେବେ ନାହିଁ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନିରେ ଶ୍ରୀ ସାମଲ କହିଛନ୍ତି ଯେ ଧାରଣା ଦେବାର ଅଧିକାର ସମସ୍ତଙ୍କର ରହିଛି, କିନ୍ତୁ ଦେଶର ସମ୍ପତ୍ତି, ଜମି ଓ ଧନ ଲୁଟ ଅଧିକାର କାହାର ବି ନାହିଁ। ଧାରଣା ଦେଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ନିର୍ଲ୍ଲଜ କାମ କରୁଛି କଂଗ୍ରେସ।

# ଓଡ଼ିଶାରେ ସାଢ଼େ ୪ ହଜାର କୋଟି ନିବେଶ କରିବ ଏଜିଇଏଲ୍



**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆପୋଲୋ ଗ୍ରୀନ ଏନର୍ଜି ଲିମିଟେଡ୍ (ଏଜିଇଏଲ୍) କମ୍ପାନୀ ପକ୍ଷରୁ ରାଜ୍ୟରେ ସୌର ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ନିମନ୍ତେ ପ୍ରସ୍ତାବ ଦିଆଯାଇଛି। କମ୍ପାନୀ ଗଞ୍ଜାମ ଜିଲ୍ଲାରେ ୫୪ ମେଗାୱାଟ ବିଶିଷ୍ଟ ୧୫୧ କୋଟି ଟଙ୍କାର ସୌର ବିଦ୍ୟୁତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ସେହିପରି ଓଡ଼ିଶାର ଅନ୍ୟ ଜାଗାରେ ମଧ୍ୟ ଗ୍ରୀନ ଏନର୍ଜି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କମ୍ପାନୀ ଆଗ୍ରହୀ। ସମୁଦାୟ ୧୦୦୦ ମେଗାୱାଟର ଗ୍ରୀନ ଏନର୍ଜି ପ୍ରକଳ୍ପ ନିମନ୍ତେ କମ୍ପାନୀ ପକ୍ଷରୁ ସାଢ଼େ ୪ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିବା ସକାଶେ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ସୌରବିଦ୍ୟୁତ ଉତ୍ପାଦନ ସହ ୩ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ପାଇବେ। ଆବଶ୍ୟକ ଅନୁଯାୟୀ ବିଦ୍ୟୁତ ବ୍ୟବହାର ପରେ ବଳକା ବିଦ୍ୟୁତ ବ୍ୟାଟେରୀ ଦ୍ୱାରା ଷ୍ଟୋର କରି ରଖିବା ସୁବିଧା ମଧ୍ୟ ଏହି ପ୍ରକଳ୍ପରେ ଉପଲବ୍ଧ ହେବ। ଏ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ସରକାରଙ୍କଠାରୁ ଆବଶ୍ୟକ ସହଯୋଗ କାମନା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଓ ସବୁଜ ଭାରତ ଲକ୍ଷ୍ୟକୁ ସାକାର କରିବା ଦିଗରେ ଓଡ଼ିଶା କାର୍ଯ୍ୟ କରିଚାଲିଛି। ଓଡ଼ିଶାର ସବୁଜ ଶକ୍ତି ଲକ୍ଷ୍ୟ ହାସଲ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ସିଂହଦେଓ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, ଗ୍ରୀଡକୋ ଏମଡି ତ୍ରିଲୋଚନ ପଣ୍ଡା, ଆପୋଲୋ ଗ୍ରୀନ ଏନର୍ଜି ଲିମିଟେଡ୍ ସିଇଓ ଶ୍ରୀ ସଞ୍ଜୟ ଗୁପ୍ତା, ପ୍ରେସିଡେଣ୍ଟ ଶ୍ରୀ ରାକେଶ ଗୁପ୍ତାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।




ଛତୁଆର ଗୁଣାତ୍ମକ ମାନବୃଦ୍ଧି ବିଷୟରେ ପ୍ରସ୍ତୁତକାରୀ ସଂସ୍ଥା ସହ ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଲୋଚନା।

## ବସ୍-ଟ୍ରକ୍ ମୁହାଁମୁହିଁ: ବର୍ତ୍ତିଲେ ୪୦ ଯାତ୍ରୀ




**ସୋର,୧୬।୪(ସଂଚାର ବ୍ୟୁରୋ):** ସୋର କଲେଜ ଛକ ନିକଟରେ ୧୬ ନଂ ଜାତୀୟ ରାଜପଥରେ ଆଜି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବାଲେଶ୍ୱର ଜିଲ୍ଲାରେ ଘଟିଥିବା ଏହି ଦୁର୍ଘଟଣାରେ ବସ୍ ଓ ଟ୍ରକ୍ ପରସ୍ପର ସହ ମୁହାଁମୁହିଁ ହୋଇଥିବା ବେଳେ ସୌଭାଗ୍ୟବଶତଃ ବସ୍‌ରେ ଥିବା ପାଖାପାଖି ୪୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, 'ଅଜୟ' ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ସତସଙ୍ଗ ବିହାର ନିକଟରେ ଏକ ପୋଲ ଅତିକ୍ରମ କରୁଥିବା ସମୟରେ ଏକ ଟ୍ରଲର ସହ ଧକ୍କା ହୋଇଥିଲା। ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ପ୍ରାୟତଃ ସମସ୍ତେ ଅଳ୍ପେବହୁତେ ଆହତ ହୋଇଥିଲେ ହେଁ କେହି ବି ଗୁରୁତର ହୋଇନଥିଲେ। ସେହିପରି ଟ୍ରଲର ଡ୍ରାଇଭର ଦୀର୍ଘ ସମୟ ଧରି ଟ୍ରକ୍ ଓ ବସ୍ ମଧ୍ୟରେ ଫସି ରହିଥିଲେ। କିନ୍ତୁ ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ପଠାଯାଇଛି। ବସ୍‌ଟି ଭୁବନେଶ୍ୱରରୁ ବାଲେଶ୍ୱର ଯାଉଥିବା ସମୟରେ ଏପରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।

## ଲାଞ୍ଚ ନେଇ ଗିରଫ ହେଲେ ଏସ୍ଆଇ



**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ପୁଲିସ୍‌କୁ ବାନ୍ଧିଲା ଭିଜିଲାନ୍ସ। ଗିରଫ ହେଲେ ଲାଞ୍ଚୁଆ ସବଇନସ୍ପେକ୍ଟର (ଏସ୍ଆଇ)। କେସ୍ ଡାଏରୀ ଦେବା ପାଇଁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶରଣକୂଳ ଥାନା ସବ୍‌ଇନ୍ସପେକ୍ଟର ରାଜେଶ ଶ୍ରୀଚନ୍ଦନଙ୍କୁ ଧରିଥିଲା ଭିଜିଲାନ୍ସ। କଲ୍ୟାଣପୁରର ମୋନାଲିସା ଦାସଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ପ୍ରମାଣ ସହ ଧରାଯାଇଛି। ଏହି ଚଢ଼ାଉରେ ଭୁବନେଶ୍ୱର ଓ ନୟାଗଡ଼ ଭିଜିଲାନ୍ସ ଟିମ୍‌ର ସଦସ୍ୟମାନେ ସାମିଲ୍ ଥିଲେ। ମିଳିଥିବା ସୂଚନାନୁଯାୟୀ, ମୋନାଲିସା ଦାସ ନାମ୍ନୀ ଜନୈକା ମହିଳା ଥାନାରେ ମାମଲା ରୁଜୁ କରିବା ସକାଶେ ଆସିଥିଲେ। ମାତ୍ର ଏଫଆଇଆର ରଖିବାକୁ ସମ୍ପୃକ୍ତ ଏସ୍ଆଇ ଜଣଙ୍କ ତାଙ୍କୁ ଟଙ୍କା ମାଗିଥିଲେ। ଏମିତିକି ଟଙ୍କା ନଦେଲେ ଏଫଆଇଆର ରଖିବେନି ବୋଲି ମଧ୍ୟ ସେ ରୋକ୍‌ଠୋକ୍ ମନା କରିଦେଇଥିଲେ। ଏନେଇ ଶେଷରେ ମୋନାଲିସା ବାଧ୍ୟ ହୋଇ ଭିଜିଲାନ୍ସକୁ ଅବଗତ କରାଇଥିଲେ । ଆଉ ଭିଜିଲାନ୍ସ ସମ୍ପୃକ୍ତ ଏସଆଇଙ୍କୁ କେସ୍ ଡାଏରୀ ଦେବା ସକାଶେ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ମାଡ଼ି ବସିଥିଲା। ସେପଟେ ଭିଜିଲାନ୍ସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଶ୍ରୀଚନ୍ଦନଙ୍କ ଘର ଏବଂ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଆଜି ଏହି ମାମଲାରେ ଶ୍ରୀଚନ୍ଦନଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

**● ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳଲାଇନ୍ ପ୍ରକଳ୍ପରେ ବଡ଼ ଉପଲବ୍ଧି**

# ଟି-୪ରେ ଡେଲାଇଟିଂ ବ୍ରେକ୍‌ଥ୍ରୁ କାର୍ଯ୍ୟ ସମ୍ପନ୍ନ



**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ଓଡ଼ିଶାର ସବୁଠାରୁ ସୁଦୀର୍ଘ ରେଳ ସୁଡ଼ଙ୍ଗ (୪୧୮୫ ମିଟର ଦୈର୍ଘ୍ୟ ବିଶିଷ୍ଟ) ଖୋର୍ଦ୍ଧା-ବଲାଙ୍ଗୀର ନୂତନ ରେଳ ଲାଇନ୍ ପ୍ରକଳ୍ପ ଅନ୍ତର୍ଗତ ଟନେଲ୍ ଟି-୪ର ଆଜି 'ଡେଲାଇଟିଂ' ବ୍ରେକଥ୍ରୁ କାର୍ଯ୍ୟ କରାଯାଇଛି। ଏହି ଟନେଲ୍ ବୌଦ୍ଧ ଜିଲ୍ଲାର ଆଡ଼େଣିଗଡ଼-ଚାରିଛକ ଷ୍ଟେସନ ମଧ୍ୟରେ ରହିଥିବା ବେଳେ ଏହି କାର୍ଯ୍ୟ ନୂତନ ଜ୍ଞାନକୌଶଳ ପଦ୍ଧତି ଦ୍ୱାରା ସମ୍ପନ୍ନ ହୋଇଛି। ଏହି ଟନେଲ୍ କେବଳ ଏହି ପ୍ରକଳ୍ପରେ ନୁହେଁ, ବରଂ ସମଗ୍ର ଓଡ଼ିଶାରେ ସୁଦୀର୍ଘ ରେଳ ସୁଡ଼ଙ୍ଗ ଭାବେ ଇତିହାସ ରଚିଛି। ସୁଡ଼ଙ୍ଗ ଖନନରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ମେସିନ୍ ନିୟୋଜିତ କରାଯାଇଥିଲା, ଯାହା ପୂର୍ବ ଘାଟର ଚ୍ୟାଲେଞ୍ଜିଂ ଏବଂ ଦୁର୍ଗମ ଭୂଖଣ୍ଡକୁ ନେଭିଗେଟ୍ କରିବା ପାଇଁ ଡିଜାଇନ୍ କରାଯାଇଥିଲା।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସମୁଦାୟ ଦାର୍ଘ୍ୟ ୩୦୧ କିମି, ଯାହା ସୁଡ଼ଙ୍ଗ ନିର୍ମାଣ କ୍ଷେତ୍ରରେ ଅନେକ ଇଞ୍ଜିନିୟରିଂ ଓ ଲଜିଷ୍ଟିକ୍ ଚ୍ୟାଲେଞ୍ଜର ସାମ୍ନା କରିଛି। ଏହି ପ୍ରକଳ୍ପରେ ୭୫ କିମି ଦୈର୍ଘ୍ୟ ମଧ୍ୟରେ ୭ଟି ସୁଡ଼ଙ୍ଗ ରହିଛି। ଏଗୁଡ଼ିକ ଦଶପଲ୍ଲା ଓ ପୁରୁଣାକଟକ ମଧ୍ୟରେ ରହିଥିବା ବେଳେ ଏହି ସୁଡ଼ଙ୍ଗଗୁଡ଼ିକର ବିଶେଷକରି ପୂର୍ବଘାଟର କଷ୍ଟକର ଭୂଖଣ୍ଡ ଦେଇ ନିର୍ମାଣ କାର୍ଯ୍ୟ ପ୍ରକଳ୍ପର ସବୁଠାରୁ ଜଟିଳ ଦିଗ ମଧ୍ୟରୁ ଗୋଟିଏ। ଏହି ପ୍ରକଳ୍ପରେ ଗୋଟିଏ ପଟେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ଓ ଅନ୍ୟ ପଟେ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ ୨୨୬ କିମି ଅଂଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୭୫ କିମି ଅଂଶ ମଧ୍ୟରେ ୭ଟି ଟନେଲ୍ ରହିଥିବା ବେଳେ ଏହା ଏବେ ନିର୍ମାଣାଧୀନ ରହିଛି। ଟି-୪ର 'ଡେଲାଇଟିଂ' ବ୍ରେକଥ୍ରୁ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଗତି ବଢ଼ାଇବାରେ ମୁଖ୍ୟ ଭୂମିକା ନେବ। ଏହି ଐତିହାସିକ ସଫଳତା ଓଡ଼ିଶାର ଉପକୂଳ ଅଞ୍ଚଳ ସହ ପଶ୍ଚିମାଞ୍ଚଳକୁ ସଂଯୋଗ କରିବ। ଏହାଦ୍ୱାରା ଉକ୍ତ ଅଞ୍ଚଳର ପରିବହନ ଓ ଆର୍ଥିକ ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ପ୍ରଶାସନରେ ଏଆଇର ଉପଯୋଗ ସମ୍ବନ୍ଧିତ କର୍ମଶାଳା


**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ରାଜ୍ୟର ସରକାରୀ ଅଫିସରଙ୍କୁ 'କୃତ୍ରିମ ବୁଦ୍ଧିମତା (ଏଆଇ)ର ପ୍ରୟୋଗ ଉପରେ ବ୍ୟବହାରିକ ତାଲିମ ନିମନ୍ତେ ଆଜି ଲୋକସେବା ଭବନସ୍ଥିତ ରାଜ୍ୟ କନଭେନସନ୍ ସେଣ୍ଟରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ୱାଧୱାନି ଫାଉଣ୍ଡେସନ ପକ୍ଷରୁ ମିଳିତ ଭାବେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ




ଏଆଇକୁ ଡାଟା ସମର୍ଥିତ ଦୃଷ୍ଟିଭଙ୍ଗୀ ଆପଣାଇ ବିଭିନ୍ନ ସରକାରୀ ବିଭାଗ ଜନସେବା ବିତରଣ ବ୍ୟବସ୍ଥାକୁ କିଭଳି ପ୍ରଭାବୀ ଢଙ୍ଗରେ ପରିଚାଳିତ କରାଯାଇପାରିବ, ଏହା ଆଲୋଚ୍ୟ କର୍ମଶାଳାର ମୌଳିକ ଲକ୍ଷ୍ୟ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ୍ ଦେବ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମାନସ ପଣ୍ଡା, ୱାଧୱାନି ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କୁମାର ଓ ଓଡ଼ିଶା ଡିଜିଟାଲ ଗଭର୍ଣ୍ଣାନ୍ସ ଇକୋସିଷ୍ଟମ୍‌ର ପ୍ରମୁଖ ହିତାଧିକାରୀମାନେ କର୍ମଶାଳାରେ ଯୋଗଦେଇଥିଲେ। ଶାସନ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କ ସହ ସାଧାରଣ ଜନତାଙ୍କ ଯୋଗାଯୋଗ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବା ପାଇଁ ଏଆଇ ସକ୍ଷମ ବୋଲି ଶ୍ରୀ ଆହୁଜା କହିଥିଲେ। ଆଗାମୀ ଦିନରେ ଏଆଇର ସୁପ୍ରୟୋଗ ମାଧ୍ୟମରେ ସରକାରୀ କାର୍ଯ୍ୟ ସହଜରେ ହୋଇପାରିବ। ସେହିପରି ଏଆଇର ଅବଲମ୍ବନ କ୍ଷେତ୍ରରେ ଓଡ଼ିଶାକୁ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାରଙ୍କ ରଣକୌଶଳ ସମ୍ପର୍କରେ ଶ୍ରୀ ଦେବ ସବିଶେଷ ସୂଚନା ଦେଇଥିଲେ। ତାଙ୍କ କହିବାନୁସାରେ, ଖୁବଶୀଘ୍ର ରାଜ୍ୟର ସ୍ୱତନ୍ତ୍ର ଏଆଇ ପଲିସି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବ। ଏଥିସହ ବିଭିନ୍ନ କ୍ଷେତ୍ର ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ 'ଓଡ଼ିଶା ଏଆଇ ମିଶନ' ମଧ୍ୟ ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ଶ୍ରୀ ଦେବ କହିଥିଲେ। ଏଆଇ ପରିଚାଳିତ ଶାସନ ବ୍ୟବସ୍ଥା ପାଇଁ ଓଡ଼ିଶା ବଳିଷ୍ଠ ପଦକ୍ଷେପ ଗ୍ରହଣ କରୁଥିବାରୁ ଏନେଇ ୱାଧୱାନି ଫାଉଣ୍ଡେସନ୍ ସିଇଓ ପ୍ରକାଶ କୁମାର ଖୁସି ପ୍ରକାଶ କରିଥିଲେ। ଆଇଆଇଟି ଭୁବନେଶ୍ୱର, ଭାଶିନୀ ଓ ସି-ଡାକ୍ ସହ ମିଶି ଓଡ଼ିଶା ସରକାର ଏକ ଭାଷାଗତ ଏଆଇ ପ୍ରସ୍ତୁତି ଦିଗରେ ପଦକ୍ଷେପ ନେଉଥିବା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

**● ହାଇକୋର୍ଟରେ ପଦ୍ମଶ୍ରୀ ପୁରସ୍କାର ବିବାଦ ମାମଲା**

## ପ୍ରମାଣ ନ ଥିବାରୁ ୧୦ ହଜାର ଟଙ୍କା ଜରିମାନା କଲେ ହାଇକୋର୍ଟ



**କଟକ,୧୬।୪(ସଂଚାର ବ୍ୟୁରୋ):** ହାଇକୋର୍ଟରେ ପଦ୍ମଶ୍ରୀ ପୁରସ୍କାର ବିବାଦ। ସମାନ ନାମ ଥାଇ ଦୁଇ ଜଣ ବ୍ୟକ୍ତି ସାହିତ୍ୟ କ୍ଷେତ୍ରରେ ଘୋଷିତ ହୋଇଥିବା ପଦ୍ମଶ୍ରୀ ପୁରସ୍କାର ନିଜର ବୋଲି ହୋଇଥିବା ଦାବି ମାମଲାରେ ଦଣ୍ଡିତ ହେଲେ କୋର୍ଟରେ ମିଥ୍ୟା ମକଦ୍ଦମା କରିଥିବା ଅନ୍ତର୍ଯ୍ୟାମୀ ମିଶ୍ର। ପୁରସ୍କାର ପାଇବା ପାଇଁ କେନ୍ଦ୍ର ସରକାରଙ୍କ ପାଖରୁ କୌଣସି ଚିଠି ସେ ପାଇନାହାନ୍ତି। କୌଣସି ପ୍ରମାଣ ନଥାଇ କୋର୍ଟଙ୍କ ସମୟ ନଷ୍ଟ କରିଥିବାରୁ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ହାଇକୋର୍ଟ ବାର ଆସୋସିଏସନ୍ ଫଣ୍ଡରେ ଏହି ଜରିମାନା ଟଙ୍କା ପଇଠ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏଥିସହ ମାମଲାକୁ ଖାରଜ କରି ମାମଲାରେ ଅନ୍ତ ଘଟାଇଛନ୍ତି ଓଡ଼ିଶା ହାଇକୋର୍ଟ। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ହେବା ପରେ ଖଣ୍ଡପୀଠ ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

## ୪ ଝିଅଙ୍କୁ ନେଇ ଦଲାଲ ଫେରାର୍

**● ୧୬ ଦିନ ତଳେ ମହୁଲ ଗୋଟାଇବାକୁ ଯାଇଥିଲେ**

**ବାରିପଦା,୧୬।୪(ସଂଚାର ବ୍ୟୁରୋ):** ପ୍ରାପ୍ତବୟସ୍କ ଝିଅଙ୍କ ଫେରିବା ବାଟକୁ ଚାହିଁ ଦୁଆର ମୁହଁରେ ଜଗିବସିଛନ୍ତି ବାପା-ମା'। ମହୁଲ ଗୋଟାଇବାକୁ ଯାଇ ଆଉ ଘରକୁ ଫେରିନାହାନ୍ତି। ଏହାରି ଭିତରେ ୧୬ ଦିନ ବିତିଗଲାଣି। ଝିଅମାନେ କୁଆଡେ ଗଲେ କେଉଁଠି ଅଛନ୍ତି କିଛି ଜଣା ନାହିଁ। କାହିଁକିନା ଗାଁର ଯୁବକ ଦଲାଲ ସାଜି ପରିବାର ଲୋକଙ୍କ ଅନୁପସ୍ଥିତିରେ ୪ ଜଣ ଯୁବତୀଙ୍କୁ କୁଆଡ଼େ ନେଇଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଶରତ ଥାନା କଟୁରିଆ ଗାଁରେ। କଟୁରିଆ ଗାଁର ଯୁବକ ଧନେଶ୍ୱର ମୁର୍ମୁ ମାହାରାସାହି ଗାଁର ୪ ଜଣ ଝିଅଙ୍କୁ ବାହାର ରାଜ୍ୟକୁ ନେଇ ଫେରାର୍ ହୋଇଯାଇଛି। ଦାଦନ ଖଟାଇବା ପାଇଁ ନା ବାହାର ରାଜ୍ୟରେ ଝିଅଙ୍କୁ ବିକ୍ରି କରି ଦେଇଛି ସେ କଥା କିଛି ସ୍ପଷ୍ଟ ହେଉନାହିଁ। ସେମାନଙ୍କ ସହ କୌଣସି ଭାବେ ଯୋଗାଯୋଗ ହୋଇପାରୁନି। ଏପଟେ ଲୋକେସନ୍ ଟ୍ରାକ୍ କଲେ ସେମାନେ ମଧ୍ୟପ୍ରଦେଶରେ ଥିବା ସ୍ପଷ୍ଟ ହେଉଛି। ମାହାରା ସାହି ଗାଁର ୪ ଝିଅ ପାନବତୀ ସୋରେନ, ରୁପି ସୋରେନ, ପାନ ସୋରେନ ଓ ସିନିଗ ସୋରେନ ୧୬ ଦିନ ତଳୁ ଗାଏବ ହୋଇସାରିଛନ୍ତି। ସେମାନେ ମହୁଲ ଗୋଟାଇବା ପାଇଁ ଜଙ୍ଗଲକୁ ଯାଇଥିବା ସମୟରେ ଦଲାଲ ଧନେଶ୍ୱର ଭୁଲାଇ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇବା ସହ ସାଙ୍ଗରେ ନେଇ ବାହାର ରାଜ୍ୟକୁ ଚାଲିଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଗତ ୧ ତାରିଖରେ ଏହି ଘଟଣା ଘଟିଥିବା ବେଳେ ଏନେଇ ପରିବାର ଲୋକେ ଧନେଶ୍ୱର ସହ ଯୋଗାଯୋଗ କରିଥିଲେ। ସେତେବେଳେ ୭ ଦିନ ଭିତରେ ସେ ଝିଅମାନଙ୍କୁ ନେଇ ଘରକୁ ଫେରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ମଧ୍ୟ ଧନେଶ୍ୱର ଫେରିନାହିଁ। ଏ ନେଇ ଶରତ ପୁଲିସ ଷ୍ଟେସନରେ ଅଭିଯୋଗ ହୋଇଥିଲେ ସୁଦ୍ଧା ପୁଲିସ୍ ମଧ୍ୟ କୌଣସି ପ୍ରକାର ସଫଳତା ପାଇପାରିନାହିଁ।

**● ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲା**

# ମୁକୁଳିଲେ ଦାରା ସହଯୋଗୀ ମହେନ୍ଦ୍ର

**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଗ୍ରାହାମ୍ ଷ୍ଟେନ୍ସ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂହଙ୍କ ସହଯୋଗୀ ମହେନ୍ଦ୍ର ହେମ୍ବ୍ରମଙ୍କୁ ଆଜି ଜେଲରୁ ମୁକ୍ତି ମିଳିଛି। କାରାଦଣ୍ଡ ସମୟରେ ଉତ୍ତମ ଆଚରଣ ପାଇଁ ସରକାର ମହେନ୍ଦ୍ରଙ୍କ ମୁକ୍ତି ପାଇଁ ସୁପାରିସ୍ କରିଥିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେ ବୁଧବାର ଜେଲରୁ ମୁକୁଳିଛନ୍ତି। ମହେନ୍ଦ୍ର ଗତ ୨୦୦୦ରୁ ଦୀର୍ଘ ୨୫ ବର୍ଷ ଧରି ଆଜୀବନ କାରାଦଣ୍ଡାଦେଶ ଭୋଗୁଥିଲେ।

ଗତ ୧୯୯୯ ଜାନୁଆରୀ ୨୨ ତାରିଖ ରାତିରେ ଆନନ୍ଦପୁର ଥାନା ମନୋହରପୁର ଗ୍ରାମରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ତାଙ୍କ ୨ ପୁଅ ଫିଲିପ୍ (୧୦ ) ଓ ତିମୋତି (୬)ଙ୍କ ସହ ଗାଡ଼ିରେ ଶୋଇଥିଲେ। ଏହି ସମୟରେ ଦାରାଙ୍କ ନେତୃତ୍ୱରେ କିଛି ଲୋକ ଉକ୍ତ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଫଳରେ ଗାଡ଼ି ଭିତରେ ଥିବା ୩ ଜଣଯାକ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହି ଘଟଣା ସେତେବେଳେ ସାରା ବିଶ୍ୱରେ ହଇଚଓ ସୃଷ୍ଟି କରିଥିଲା। ଏହି ମାମଲାରେ ଦାରା ଓ ତାଙ୍କ ସହଯୋଗୀ ମହେନ୍ଦ୍ରଙ୍କୁ ପୁଲିସ ଗିରଫ କରିଥିବା ବେଳେ ୪ ବର୍ଷ ପରେ ଅର୍ଥାତ୍ ଗତ ୨୦୦୩ରେ ନିମ୍ନ ଅଦାଲତ ଦାରାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। କିନ୍ତୁ ୨୦୦୫ରେ ହାଇକୋର୍ଟ ତାଙ୍କ



ମୃତ୍ୟୁଦଣ୍ଡକୁ କୋହଳ କରି ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ। ଏହି ଆଦେଶ ମଧ୍ୟ ଗତ ୨୦୧୧ରେ ସୁପ୍ରିମ୍‌କୋର୍ଟ କାଏମ୍ ରଖିଥିଲେ। ଦାରାଙ୍କ ପରି ମହେନ୍ଦ୍ର ମଧ୍ୟ ଏହି ଘଟଣାରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ। କିନ୍ତୁ ଦୀର୍ଘ ୨୫ ବର୍ଷ ପରେ ସେ ବାହାର ଦୁନିଆକୁ ଆସିପାରିଛନ୍ତି।

# ଦୟା ମାଗିଲେ କ୍ଷମା



**ନରିଙ୍କୁ ସମର୍ଥନ ଦେବ କଳାକାର ସଂଘ**

**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ:** ଯାତ୍ରା ଜଗତରେ କଳି ବଢ଼ିବା ପରେ ବଳି ପଡୁଥିଲେ ଜଣଙ୍କ ପରେ ଜଣେ କଳାକାର। ଯାତ୍ରା ମାଲିକଙ୍କ ଆକ୍ରୋଶର ଶିକାର ହୋଇ ନରି ପଣ୍ଡା ବ୍ୟାନ ହୋଇଥିବା ବେଳେ ଶେଷରେ ଟଙ୍କା ଫେରାଇ ଯାତ୍ରାରୁ ବର୍ଷେ ପାଇଁ ସନ୍ନ୍ୟାସ ନେଇଛନ୍ତ ଅଭିନେତା ପୀୟୂଷ ତ୍ରିପାଠୀ। ଯାତ୍ରା ଜଗତର ଆଭ୍ୟନ୍ତରୀଣ ବିବାଦ କାହାର ଦାନା ଛଡାଇନେଉଛି ତ ପୁଣି କେଉଁ କଳାକାରଙ୍କୁ ଯାତ୍ରା ଛାଡ଼ିବାକୁ ବାଧ୍ୟ କରୁଛି।

ନିଜ ନିଜର ଜିଦ୍‌ରେ ଅଟଳ ମାଲିକ ଓ ଯାତ୍ରା କାଳକାର। ପୀୟୂଷ ଓ ନରିଙ୍କ ପରେ ନମିତା ଭୂୟାଁଙ୍କୁ ମଧ୍ୟ ଯାତ୍ରା ମାଲିକ ସଂଘ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ କରାଯାଇଥିଲା। ଏହାପରେ ଏକାଠି ହୋଇଛନ୍ତି ଯାତ୍ରା କଳାକାର। ଯାତ୍ରା କଳାକାର ସଂଘର ବୈଠକ ମଧ୍ୟ ଶେଷ ହୋଇଛି। ଏହି ବୈଠକ ପରେ କଳାକାର ସଂଘ ନରିଙ୍କୁ ସମର୍ଥନ କରିବା ପାଇଁ ନିଷ୍ପତ୍ତି ନେଇଛି । ଯାତ୍ରା କଳାକାର ଓ ମାଲିକ ସଂଘ ବିବାଦରେ ଯବନିକା ପକାଇବା ଲକ୍ଷ୍ୟରେ ଆଜି ଭୁବନେଶ୍ୱରରେ କଳାକାର ସଂଘର ବୈଠକ ବସିଥିଲା। ଏଥିରେ ସମସ୍ତ କଳାକାର ଯୋଗଦେଇଥିଲେ। ସେଠାରେ ସବୁ ବିବାଦ ସମ୍ପର୍କରେ ଆଲୋଚନା ମଧ୍ୟ ହୋଇଥିଲା। ଗତ କିଛିଦିନ ହେଲା ଯାତ୍ରା ଜଗତରେ ଝଡ଼ ସୃଷ୍ଟି ହୋଇଛି। ପ୍ରଥମେ ପୀୟୂଷ, ପରେ ହାସ୍ୟ ଅଭିନେତା ନରି ଓ ଦୟାନିଧି ଉପାଧ୍ୟାୟ ଏବଂ ସବା ଶେଷରେ ଅଭିନେତ୍ରୀ ନମିତା। ଜଣଙ୍କ ପରେ ଜଣେ ଯାତ୍ରା ମାଲିକଙ୍କ ଉପରେ ଅସନ୍ତୋଷ ଝାଡ଼ିଛନ୍ତି। ଏହି କ୍ରମରେ ନିକଟରେ ଦୟାନିଧି ଖୋଲାଖୋଲି ଭାବେ ଯାତ୍ରା ମାଷ୍ଟର, ନିର୍ଦ୍ଦେଶକ ଓ ମାଲିକଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ଯାତ୍ରାରେ କମେଡି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ରାଗ ରୁଷା, ସିରିୟସ୍ ଡାଏଲଗ ଭିତରେ ମଣିଷକୁ ଟିକିଏ ହସାଇବା ହାସ୍ୟ ଅଭିନେତାଙ୍କ ପାଇଁ କଷ୍ଟକର ହୋଇପଡିଥାଏ। କିନ୍ତୁ, ଯାତ୍ରା ଲେଖକମାନେ ହାସ୍ୟ ଅଭିନେତାଙ୍କୁ ଗୁରୁତ୍ୱ ଦିଅନ୍ତି ନାହିଁ କି ମାଲିକମାନେ ଗୋଟିଏ କି ଦୁଇଟି ସିନ୍ ଦେଇଦେଲେ ସବୁ ହୋଇଗଲା ବୋଲି ଭାବନ୍ତି। ଦୟାନିଧିଙ୍କ ଏପରି ମନ୍ତବ୍ୟ କୁହୁଳୁଥିବା ଯାତ୍ରା ନିଆଁରେ ଘିଅ ଢାଳିବା ଭଳି ହୋଇଥିଲା। ଏହା ଦୟାନିଧିଙ୍କ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲା। କାରଣ ଏଭଳି ମତକୁ ନେଇ ଯାତ୍ରା ଲେଖକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଥିଲା ଓ ସେମାନେ ଦୟାନିଧିଙ୍କ ପାଇଁ ଆଉ ଲେଖିବେନି ବୋଲି ନିଷ୍ପତ୍ତି ନେଇଥିଲେ। ତେବେ ଏହି ନିଷ୍ପତ୍ତି ପରେ ଆଜି ଦୟାନିଧି ଲୁହ ଛଳ ଛଳ ଆଖିରେ କ୍ଷମତା ମାଗିଛନ୍ତି। ସେ କହିଛନ୍ତି ଯେ ଆପଣଙ୍କ କଲମ ମୂନରୁ ଆମ ଘରର ଚୁଲି ଜଳୁଛି। ଯେହେତୁ ମୋତେ ସାର୍‌ମାନେ ଓ ଗୁରୁ ମାନେ କିଛି ଜଣାଇ ନଥିଲେ ତେଣୁ ମୁଁ ମିଡିଆ ମାଧ୍ୟମରେ ଗୁରୁମାନଙ୍କୁ ଭୁଲ୍ ମାଗୁଛି, ମତେ କ୍ଷମା କରନ୍ତୁ। ମୋର କହିବାର ଆଭିମୁଖ୍ୟକୁ ସାର୍ ବୋଧହୁଏ ଠିକ୍‌ରେ ବୁଝିଲେନି କିମ୍ବା ତାଙ୍କ ହୃଦୟକୁ ଏହା କଷ୍ଟ ଦେଇଛି। ମୁଁ କେବଳ ମୋ କଥା କହିନଥିଲି, ବରଂ ଯାତ୍ରା ସହ ଜଡ଼ିତ ସମସ୍ତ ହାସ୍ୟ ଅଭିନେତାଙ୍କ କଥା କହିଥିଲି ବୋଲି ଦୟା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

# ଦାରା ସିଂଙ୍କ ମୁକ୍ତି ପାଇଁ ଉଦ୍ୟମ ଜାରି

**ଭୁବନେଶ୍ୱର,୧୬।୪:** ଗ୍ରାହମ ଷ୍ଟେନ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ରବୀନ୍ଦ୍ର ପାଲ୍ ଓରଫ ଦାରା ସିଂ କାରାମୁକ୍ତ ହେବାପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଆବେଦନ କରିବା ସହିତ ସେ ସୁପ୍ରିମକୋର୍ଟରେ ମାମଲା ଲଢୁଛନ୍ତି । ଆସନ୍ତା ମାସରେ ତାଙ୍କ ମାମଲାର ଶୁଣାଣି ହୋଇପାରେ ।

ଏଠାରେ ଉଲ୍ଲେଖନୀୟ ଯେ ୨୫ବର୍ଷ ତଳେ ଅଷ୍ଟ୍ରେଲୀୟ ଧର୍ମ ପ୍ରଚାରକ ଗ୍ରାହମ ଷ୍ଟେନ ଓ ତାଙ୍କର ଦୁଇ ଶିଶୁପୁତ୍ର ଗାଡିରେ ରାତିରେ ଶୋଇଥିବାବେଳେ ସେମାନଙ୍କୁ ଜୀଅନ୍ତା ପୋଡି ମାରିଦିଆଯାଇଥିଲା । ଏହି ଘଟଣା ସେ ସମୟରେ କେବଳ ଓଡିଶାରେ ନୁହେଁ, ଦେଶ ବିଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା । ବିଶେଷକରି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଏହା ସେତେବେଳେ ଆଲୋଡନ ସୃଷ୍ଟି କରିଥିଲା ।

ଏହି ହତ୍ୟା ମାମଲାରେ ଦାରା ସିଂ ସମେତ ଆଉ କେତେଜଣଙ୍କୁ ଗିରଫ କରାଯାଇଥିଲା । ଏବେ



ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି । ଦାରାର ଜଣେ ସହ ଅପରାଧି ମହେନ୍ଦ୍ର ହେମ୍ବ୍ରମ ପ୍ରତି ଇତି ମଧ୍ୟରେ କୋହଳ ମନୋଭାବ ପୋଷଣ କରାଯାଇ ଜେଲରେ ତାହାର ଆଚରଣରେ ସନ୍ତୋଷ ପ୍ରକାଶ କରି କର୍ତ୍ତୃପକ୍ଷ ତାକୁ ମୁକ୍ତ କରିଛନ୍ତି। ଏହି ପ୍ରକ୍ରିୟାରୁ ଦାରା ମଧ୍ୟ ଫାଇଦା ଉଠାଇପାରେ ବୋଲି ଆଇନ୍‌ଜୀବୀମାନେ ମତବ୍ୟକ୍ତ କରୁଛନ୍ତି ।

ଏଠାରେ ଉଲ୍ଲେଖନୀୟ ଯେ ଯେଉଁମାନେ ଆଜୀବନ କିମ୍ବା ଦୀର୍ଘ କାରାଦଣ୍ଡ ଭୋଗୁଛନ୍ତି ସେମାନଙ୍କ ଜେଲ୍ ଜୀବନରେ ସଂସ୍କାର ଓ ଶୃଙ୍ଖଳା ଆସିଥିଲେ ତାହାକୁ ବିଚାର କରି ସମ୍ପୃକ୍ତ କମିଟିଙ୍କ ସୁପାରିଶ୍ ଆଧାରରେ ଆଗୁଆ କାରାମୁକ୍ତ କରିବାଲାଗି ବ୍ୟବସ୍ଥା ରହିଛି । ଏହା ଆଧାରରେ ଅନେକ ଦୋଷୀ ଓଡିଶା ସମେତ ବିଭିନ୍ନ ରାଜ୍ୟରେ କାରାମୁକ୍ତ ହେବାର ନଜିର ରହିଛି । ଦିଲ୍ଲୀର ଏକ ଦୌରାକୋର୍ଟ ଦ୍ୱାରା ଆଜୀବନ କାରାଦଣ୍ଡ ଭୋଗୁଥିବା ମନୁ ଶର୍ମା ନାମକ ଜଣେ ଅପରାଧିକୁ ଏହି ଆଧାରରେ ପୂର୍ବରୁ ଖଲାସ କରାଯାଇଛି । ମନୁ ଶର୍ମା ଜଣେ ବ୍ୟବସାୟୀଙ୍କ ପୁଅ ଓ ସେ ଏକ ବାର୍‌ରେ ଜେସିକା ଲାଲ୍ ନାମ୍ନୀ ଜଣେ ମଡେଲଙ୍କୁ ଗୁଳିକରି ହତ୍ୟା କରିଥିଲେ । ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ ଆଦି ବିଭିନ୍ନ ରାଜ୍ୟରେ ଏଭଳି ବହୁ ଦଣ୍ଡିତ ଅପରାଧି ସରକାରଙ୍କ କ୍ଷମା ନୀତିରୁ ଫାଇଦା ଉଠାଇଛନ୍ତି ।

ତେବେ ଗୁଜୁରାଟର ବିଲ୍ କିସ୍ ବାନୁ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ୧୧ଜଣ ଅପରାଧିଙ୍କୁ ଏହି ଯୋଜନାରେ ସରକାର କାରାମୁକ୍ତ କରିବାପରେ ପୀଡିତା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ପୁଣି ସେମାନଙ୍କୁ କାରାଗାରକୁ ଫେରିବାକୁ ପଡିଛି । ଏଭଳି ଘଟଣା ଦୃଷ୍ଟିରୁ ଦାରା ସିଂର ମୁକ୍ତି ସଂକ୍ରାନ୍ତରେ ଓଡିଶା ସରକାର କି ପଦକ୍ଷେପ ଗ୍ରହଣ କରିବେ ସେଥିଘେନି ବିଭିନ୍ନ ମହଲ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ।

ଏଠାରେ ଉଲ୍ଲେଖନୀୟ ଯେ ଦାରା ସିଂ ପକ୍ଷରୁ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ଯାଚିକାରେ ସେ ଯୁବକ ଅବସ୍ଥାରେ ଘଟାଇଥିବା ଏଭଳି ଅପରାଧ ଘେନି ଅନୁତପ୍ତ ଏବଂ ଏବେ ସେ ବାର୍ଦ୍ଧକ୍ୟରେ ଉପନୀତ ହୋଇଥିବା ଦର୍ଶାଇଛି । ରାଜ୍ୟ ସରକାରଙ୍କ ୨୦୨୨ର ବନ୍ଦୀମୁକ୍ତି ନୀତି ଆଧାରରେ ତାକୁ କାରାମୁକ୍ତ କରିବାଲାଗି ଦାରା ପକ୍ଷରୁ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ନିବେଦନ କରାଯାଇଥିବାବେଳେ ଏ ପ୍ରସଙ୍ଗରେ ପୂର୍ବରୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ମତାମତ ସତ୍ୟପାଠ ଆକାରରେ ଜାଣିବାକୁ ଚାହିଁଛନ୍ତି। ତେବେ ଦାରା ସିଂ କାରାମୁକ୍ତ ହେବ କି ନାହିଁ ତାହା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଓ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି କୁହାଯାଉଛି । (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

SANCHAR
ସଂଚାର

୪ ଗୁରୁବାର ୧୭ ଏପ୍ରିଲ ୨୦୨୫, ଭୁବନେଶ୍ୱର
Thursday 17 April 2025 Bhubaneswar

# ସମସ୍ୟାରେ ପ୍ରବାସୀ ଭାରତୀୟ

ଗତ ଜାନୁଆରୀ ମାସରେ ଆମେରିକାର ନୂତନ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱଗ୍ରହଣ କରିବା ପରେ ଆମେରିକାରେ ବସବାସ କରୁଥିବା ଅନ୍ୟ ଦେଶର ନାଗରିକଙ୍କ ଆଖିରୁ ନିଦ ହଜିଯାଇଛି। ଏମାନଙ୍କ ମଧ୍ୟରେ ଅନେକ ଭାରତୀୟ ବି ଅଛନ୍ତି। ଯେଉଁମାନେ ବେଆଇନ ଭାବେ ଆମେରିକାରେ ବସବାସ କରୁଛନ୍ତି ସେମାନଙ୍କ କଥା ଛାଡ଼ , ଯେଉଁମାନେ ଆଇନଗତ ଭାବେ ଭିସା ପାଇ ଆମେରିକାରେ ଅଛନ୍ତି ସେମାନେ ମଧ ଟ୍ରମ୍ପଙ୍କ କଠୋର ନୀତି ଆଗରେ ଅସହାୟ ହୋଇ କଲବଲ ହେଉଛନ୍ତି। ଅନେକ ମାନସିକ ନିର୍ଯାତନା ଭୋଗୁଛନ୍ତି। ଏବେ ଟ୍ରମ୍ପ କହିଛନ୍ତି ଯେ, ଯେଉଁମାନେ ବିନା କାଗଜପତ୍ରରେ ୩୦ ଦିନରୁ ଅଧିକ ଦିନ ଆମେରିକାରେ ରହିଥିବେ ସେମାନଙ୍କୁ ଜେଲ ଓ ଜୋରିମାନା ହେବ। ତେଣୁ ସେମାନେ ନିଜ ଆଡୁ ଦେଶଛାଡ଼ି ଚାଲିଯାଆନ୍ତୁ କିମ୍ବା ଜେଲ ଜୋରିମାନା ସହିବାକୁ ପ୍ରସ୍ତୁତ ହୋଇଯାଆନ୍ତୁ। ୩୦ ଦିନରୁ ଅଧିକ ଦିନ ଆମେରିକାରେ ରହିଥିଲେ, ତୁରନ୍ତ ଉଚିତ କର୍ତ୍ତୃପକ୍ଷଙ୍କ ନିକଟରେ ନିଜ କାଗଜପତ୍ର ଅପଡେଟ କରିନିଅନ୍ତୁ। କହିବା ବାହୁଲ୍ୟ ଯେ, ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ୨୦୨୧ରେ ଦେଶର ଜନଗଣନା ହେବାର ଥିଲା। କିନ୍ତୁ କୋଭିଡ ମହାମାରୀ ଯୋଗୁ ଏହା ସମ୍ଭବ ହୋଇପାରିନଥିଲା। କିନ୍ତୁ ଦେଶର ଜନସଂଖ୍ୟା ଏବେ ୧୪୦କୋଟିରୁ ଅଧିକ ବୋଲି ଆକଳନ କରାଯାଉଛି। କେବଳ ସେତିକି ନୁହେଁ, ବିଶ୍ୱର କୋଣ ଅନୁକୋଣରେ, ପ୍ରତି ଦେଶରେ ଭାରତୀୟମାନେ ବସବାସ କରୁଛନ୍ତି। ଅନେକ ସେଠାକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। ଆଉ କେତେକ ଶିକ୍ଷା ବା ପେଷା ପାଇଁ ବିଦେଶରେ ରହୁଛନ୍ତି। ଆମେରିକା, ଋଷିଆ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଜର୍ମାନୀ, କାନାଡ଼ା,ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ଏପରିକି ଚୀନରେ ମଧ ଅନେକ ଭାରତୀୟ



ବସବାସ କରୁଛନ୍ତି। ଭାରତୀୟ ଛାତ୍ରମାନଙ୍କର ଏକ ସ୍ୱପ୍ନ ଥାଏ ଆମେରିକା ବା ବ୍ରିଟେନରେ ଯାଇ ପଢ଼ିବା। ସେଠାରେ ଅନେକ ଭାରତୀୟ ଛାତ୍ର ରହୁଛନ୍ତି ଏବଂ ପାଠପଢ଼ା ପରେ ଅନେକ ସେଠାରେ ଚାକିରୀ ମଧ କରୁଛନ୍ତି। ଅନେକ ବ୍ୟବସାୟ ପାଇଁ ମଧ ବିଦେଶକୁ ଯାଇଛନ୍ତି ସେଠାରେ ସଫଳତା ହାସଲ କରିବା ସହ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ସାଉଦୀ ଆରବ, ୟୁଏଇ, ଓମାନ, କୁଏତ, ବାହାରିନ, ଇରାନ, ଇରାକ ଭଳି ଦେଶରେ ଅନେକ ଭାରତୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏସବୁ ଦେଶରେ ସେମାନଙ୍କୁ ଭଲ ପାରିଶ୍ରମିକ ମିଳୁଛି। ମଧ୍ୟପ୍ରାଚ୍ୟ ବା ଆରବରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଅନେକ ଓଡ଼ିଆ ମଧ ଅଛନ୍ତି। ଅନେକ ସମୟରେ ଏହି ପ୍ରବାସୀମାନେ ପ୍ରତାରଣା, ଦୁର୍ଦ୍ଦଶା ଏବଂ ଶୋଷଣର ଶିକାର ହେଉଛନ୍ତି। ଅନେକ ଓଡ଼ିଆ ଶ୍ରମିକ ମଧ୍ୟପ୍ରାଚ୍ୟରେ ଶୋଷଣର ସମ୍ମୁଖୀନ ହୋଇ ଘରକୁ ଫେରିଆସିବା ନିମନ୍ତେ ଇଚ୍ଛା ବ୍ୟକ୍ତ କରୁଥିଲେ ମଧ ସେଠାରୁ ଫେରିପାରୁନାହାଁନ୍ତି। ଅନେକ ସମୟରେ ସେମାନେ ସରକାରଙ୍କୁ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ନିବେଦନ କରୁଛନ୍ତି। ୨୦୨୨ରେ ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ପରେ ସେଠାରେ ପାଠପଢୁଥିବା ହଜାର ହଜାର ଭାରତୀୟ ଛାତ୍ରଛାତ୍ରୀ ପାଠପଢ଼ା ଅଧାରୁ ଛାଡ଼ି ଗରକୁ ଫେରିଆସିବାକୁ ବାଧ ହେଲେ। ଭାରତ ସରକାର ସେଥିପାଇଁ ସେମାନଙ୍କୁ ସାହାଯ୍ୟ କରିଥିଲେ ଏବଂ ସ୍ୱତନ୍ତ୍ର ବିମାନରେ ସେମାନେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଫଗାନିସ୍ତାନରେ ତାଲିବାନ କ୍ଷମତା ଦଖଲ କରିବା ପରେ ସେଠାରେ ବସବାସ କରୁଥିବା ଭାରତୀୟମାନେ ଅତି ଅସହାୟଭାବେ ସବୁ କିଛି ଛାଡ଼ି ଭାରତକୁ ଫେରିଆସିଥିଲେ। ଏବେ ଆମେରିକାରୁ ଅନେକ ଭାରତୀୟଙ୍କୁ ହାତ ଗୋଡ଼ ବାନ୍ଧି ସ୍ୱଦେଶ ପଠାଯାଉଛି। ଏବେ ସୁଦ୍ଧା ୩ଟି ପର୍ଯ୍ୟାୟରେ ୩୩୨ ଜଣ ଭାରତୀୟ ଫେରିଲେଣି। ସମୁଦାୟ ୧୮ହଜାର ଭାରତୀୟ ଆମେରିକାରୁ ଫେରିବେ ବୋଲି କୁହାଯାଉଛି। ଏମାନେ ସମସ୍ତେ ବେଆଇନ ଭାବେ ଆମେରିକାରେ ବସବାସ କରୁଥିଲେ। ଆମେରିକାରେ କାମ କରି ଅଧିକ ଅର୍ଥ ରୋଜଗାର କରିବା ସ୍ୱପ୍ନରେ ସେମାନେ ଆମେରିକା ଯାଇଥିଲେ। ଏଥିରେ ସେମାନଙ୍କୁ କିଛି ଦଲାଲ ସହାୟତା କରିଥିଲେ। ଏଥିଲାଗି ସେମାନଙ୍କୁ ବେଶ ମୋଟା ଅଙ୍କର ଅର୍ଥ ବ୍ୟୟ କରିବାକୁ ପଡ଼ିଛି। ଦଲାଲଙ୍କୁ ୪୦ରୁ ୫୦ ଲକ୍ଷ ଟଙ୍କା ଦେବାକୁ ପଡ଼ିଛି। ଅନେକ ଜମିବାଡ଼ି ବିକି, ପୈତୃକ ଗର ବିକି ଏହି ଅର୍ଥ ଯୋଗାଡ଼ କରିଥିଲେ। ସେମାନେ ଏବେ ସର୍ବସ୍ୱାନ୍ତ ଏବଂ ଅସହାୟ। ଏମାନେ ନିଜ ଦୁର୍ଦ୍ଦଶା ପାଇଁ ସରକାରଙ୍କୁ ଦାୟୀ କରୁନାହାଁନ୍ତି ସତ୍ୟ, ମାତ୍ର ସହାୟତା ପାଇଁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ବାସ୍ତବରେ ଏମାନଙ୍କ ଦୁର୍ଦ୍ଦଶା ଦୁଃଖଦାୟକ। ସବୁଠାରୁ ବଡ଼ କଥା ହେଲା ଏମାନଙ୍କୁ ଆମେରିକା ସରକାର ଯେପରି ହାତ ଗାଡ଼େ ବାନ୍ଧି ଅପରାଧି ଭଳି ବିମାନରେ ଲଦି ସ୍ୱଦେଶ ପଠାଉଛନ୍ତି ତାହା ହୃଦୟବିଦାରକ ଏବଂ ମାନବାଧିକ ଉଲ୍ଲଘଂନର ଚରମ ଉଦାହରଣ। ଏଥିରେ ଭାରତ ସରକାର ହସ୍ତକ୍ଷେପ କରିବା ଉଚିତ। ବେଆଇନ ଭାବେ ବିଦେଶରେ ବସବାସ କରିବାକୁ ଅନୁପ୍ରବେଶ ବୋଲି କୁହାଯାଇପାରିବ। ସେମାନଙ୍କୁ ବହିଷ୍କାର କରିବାର ଅଧିକାର ଆମେରିକା ସରକାରଙ୍କର ରହିଛି। କିନ୍ତୁ ସେମାନଙ୍କ ପ୍ରତି ନିହାତି ଖରାପ ବ୍ୟବହାର ନକରି ସମ୍ମାନର ସହ ଦେଶାନ୍ତର କଲେ କ୍ଷତି ନାହିଁ। କେବଳ ଭାରତ ନୁହେଁ, ବିଶ୍ୱର ଅନେକ ଦେଶର ନାଗରିକ ଆମେରିକାରେ ଏଭଳି ବେଆଇନ ଭାବେ ବସବାସ କରୁଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ କ୍ଷମତାକୁ ଆସିବା ପୂର୍ବରୁ ଏମାନଙ୍କୁ ଆମେରିକାରୁ ବହିଷ୍କାର କରାଯିବ ବୋଲି କହିଥିଲେ। ଏବେ ସେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି। ଆମେରିକାର ଅର୍ଥନୀତିକୁ ସୁଧାରିବା ଏବଂ ଆମେରିକା ନାଗରିକଙ୍କ ସ୍ୱାର୍ଥ ରକ୍ଷା କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି ଟ୍ରମ୍ପ କହିଛନ୍ତି। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ଏଭଳି ଭାବେ ବିଦା କରାଯିବା ଉଚିତ। ତେବେ ଭାରତରୁ ଏତେ ସଂଖ୍ୟାରେ ବ୍ୟକ୍ତି କାହିଁକି ଆମେରିକା ବା ଅନ୍ୟ ଦେଶକୁ ଯାଉଛନ୍ତି ? ଏହାର କାରଣ ହେଲା ଭାରତରେ ଉପଯୁକ୍ତ କର୍ମନିଯୁକ୍ତି ବ୍ୟବସ୍ଥା ନାହିଁ ବା ଭଲ ପାରିଶ୍ରମିକ ମିଳୁନି। ତେଣୁ ସେମାନେ ବିଦେଶ ଯିବାକୁ ବାଧ ହେଉଛନ୍ତି। ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ସମସ୍ତଙ୍କୁ କର୍ମନିଯୁକ୍ତି ଦେବା ମଧ ଅସମ୍ଭବ। ଆଉ କିଛି ଲୋକ ଅଧିକ ଅର୍ଥ ରୋଜଗାର କରିବା ଲୋଭରେ ବିଦେଶକୁ ଯାଉଛନ୍ତି। ଜଣେ ଯଦି ଦଲାଲକୁ ୪୦ ଲକ୍ଷ ଦେଇ ପାରୁଛନ୍ତି ତେବେ ସେ ସେହି ଟଙ୍କାରେ ଭାରତରେ ଛୋଟ ବ୍ୟବସାୟ ବା ଚାଷବାସ କରିପାରିବ। ଭାରତରେ ଲକ୍ଷ ଲକ୍ଷ ହେକ୍ଟର ଜମି ପଡ଼ିଆ ପଡ଼ୁଛି। ଚାଷ କରିବାକୁ ଲୋକ ମିଳୁନାହାଁନ୍ତି। ତେଣୁ ବିଦେଶରେ ଖଟିବା ଅପେକ୍ଷା ସେମାନେ ନିଜ ଗାଁରେ ରହି ଚାଷବାସ କରିପାରିବେ ବା ଅନ୍ୟ କାମ କରିପାରିବେ। ନିଜ ଜୀବନକୁ ବିପଦରେ ପକାଇ ସେମାନେ ବିଦେଶକୁ ଯିବା ଅନୁଚିତ। ଏବେ ଭାରତ ସରକାର ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଉଚିତ। ଯେଉଁମାନେ ବିଦେଶରେ ବିଭିନ୍ନ ପେଷାରେ ରହିଛନ୍ତି ସେମାନେ ତୁରନ୍ତୁ ବିକଳ୍ପ ଚିନ୍ତା କରନ୍ତୁ। ସମୟ କେତେବେଳେ ବଦଳିଯିବ ତାହା କୁହାଯାଇପାରିବ ନାହିଁ। ବିଶ୍ୱର କୋଣ ଅନୁକୋଣରେ ଭାରତୀୟମାନେ ଅଛନ୍ତି। ସେମାନଙ୍କ ପ୍ରଭାବ କ୍ଷୁର୍ଣ୍ଣ କରିବାକୁ ବିଧିବଦ୍ଧ ଷଡ଼ଯନ୍ତ୍ର ଚାଲୁଛି। ଏହାକୁ ସେମାନେ ବୁଝିବା ଆବଶ୍ୟକ।

# ବିଜୁବାବୁ ଓ ଅନୈତିକ ସମ୍ପର୍କ




**ସତୀଶ ବିଶ୍ୱାଳ**

ଜାତିର ପିତା ମହାତ୍ମା ଗାନ୍ଧୀ ଜଣେ ସଚ୍ଚା ହିନ୍ଦୁ ଥିଲେ। ଗାନ୍ଧିଜୀଙ୍କୁ ଭଲ ଭାବେ ବୁଝିଥିବା ଏବଂ ପଢିଥିବା ମଣିଷ ଏକଥା କୁହିଛି। ମାନବ ଜାତି ଏବଂ ଦେଶ ପାଇଁ ଗାନ୍ଧିଜୀଙ୍କ ସବୁ ଆନ୍ଦୋଳନ ଓ ଅଭିଯାନକୁ ଭିତରକୁ ଯାଇ ନିରେଖି ଦେଖିଲେ ସେଥିରୁ କେବଳ ହିନ୍ଦୁତ୍ୱର ଝଲକ ଉଜ୍ଜ୍ୱଳ ଭାବେ ଉପଲବ୍ଧି କରିହେବ। ଅତି ସଂକ୍ଷିପ୍ତରେ କହିବାକୁ ଗଲେ, ବସୁଧୈବ କୁଟୁମ୍ବକମ , ଜଗତର କଲ୍ୟାଣ, ପ୍ରତ୍ୟେକ ମଣିଷକୁ ଭଲ ପାଇବାର ମହାନ ତତ୍ତ୍ୱ ମଣିଷ ଜାତିକୁ ହିନ୍ଦୁ ଧର୍ମ ଶିଖାଇଛି। ସତ୍ୟ, ଅହଂସା ଓ ଭାଇଚାରା ହିନ୍ଦୁଧର୍ମର ପରିଚୟ। ପରାଧୀନ ଭାରତରେ ଇଂରେଜ ବିରୋଧରେ ଜଣେ ସଚ୍ଚା ହିନ୍ଦୁଭାବେ ଗାନ୍ଧିଜୀ ଏହି ଧାରାରେ ସଂଗ୍ରାମ ଆରମ୍ଭ କରିଥିଲେ। ସତ୍ୟାଗ୍ରହ ଓ ଅହିଂସା ଭଳି ମହାନ ଅସ୍ତ୍ରକୁ ଗାନ୍ଧିଜୀ ନିଜର ଆଧାତ୍ମିକ ସାମର୍ଥ୍ୟରୁ ହିଁ ଠାବ କରିଥିଲେ।

ଗାନ୍ଧଜୀଙ୍କୁ ଅନୁସରଣ କରୁଥିବା କଂଗ୍ରେସ ହିନ୍ଦୁଙ୍କ ଠାରୁ ଦୂରେଇ ନଯାଉ। ଏ କ୍ଷେତ୍ରରେ କଂଗ୍ରେସ ନିଜର ତ୍ରୁଟିକୁ ଦେଖି ପାରୁନାହିଁ। ଯେଉଁଥିପାଇଁ କଂଗ୍ରେସର ପ୍ରତିପକ୍ଷ ହିନ୍ଦୁଙ୍କ ସ୍ୱାର୍ଥର ଠିକା ନେବାର ସୁଯୋଗଟିଏ ପାଉଛି। ସେ ସମୟରେ ବି ଗାନ୍ଧିଜୀ ସଂଖ୍ୟାଲଘୁଙ୍କ ସ୍ୱାର୍ଥ ପାଇଁ ନିଜ ଶୈଳୀରେ ଯୁଦ୍ଧ କରିବାକୁ ଆଦୌ ପଛାଉ ନଥିଲେ। ହେଲେ ଗାନ୍ଧୀ ହିନ୍ଦୁ ବିରୋଧୀ ଥିଲେ ବୋଲି ନିନ୍ଦୁକ ଯେତେ ଅଭିଯୋଗ କଲେ ବି ତାହା ଆଦୌ ଗ୍ରହଣୀୟ ହୋଇ ନଥିଲା। ଇତିହାସ ବି ବୁକୁ ଫଟାଇ ଚିତ୍କାର କରି କହୁଛି ଗାନ୍ଧିଜୀଙ୍କ ଜଣେ ସଚ୍ଚା ଓ ବାସ୍ତବ ହିନ୍ଦୁ। ଏବେ ବୁଦ୍ଧିଜୀବି ମହଲର ଦୃଷ୍ଟିରେ 'ହିନ୍ଦୁ' ପରି ମହାନ ଧର୍ମର ସୁରକ୍ଷା ଓ ସମୃଦ୍ଧି ନେଇ ସମଗ୍ର ବିଶ୍ୱରେ ବିପଦର ଆଶଙ୍କା ସୃଷ୍ଟି ହୋଇଛି। ଆଜିର କଂଗ୍ରେସ ସଂଖ୍ୟାଲଘୁଙ୍କ ଉପରେ କୌଣସି ଅନ୍ୟାୟ ବିରୋଧରେ ଲଢେଇ କରିବା ସହ ହିନ୍ଦୁସ୍ଥାନର ହିନ୍ଦୁଙ୍କ ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରୁଛି ବୋଲି ସାଧାରଣରେ ଧାରଣା ସୃଷ୍ଟି ହେଉନାହିଁ। ଫଳରେ ହିନ୍ଦୁ ଧର୍ମ କେବଳ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଇସ୍ତାହାର ହେଉଛି। କଂଗ୍ରେସ ପରି ଏକ ମହାନ ଦଳ ଏ କ୍ଷେତ୍ରରେ ପ୍ରତିପକ୍ଷକୁ ସୁଯୋଗ ଦେବା ସହ ଐତିହାସିକ ଅକ୍ଷମଣୀୟ ତ୍ରୁଟି କରୁଛି।

ଓଡିଶା ଜନଜୀବନ ଓ ରାଜନୀତି ସହ ବିଜୁ ଲିଗାସୀ ଯୋଡି ହୋଇ ରହିଛି ଏବଂ ରହିବ। ଏହାକୁ କୌଣସି ଶକ୍ତି ମାଟିରେ ମିଶାଇ ପାରିବ ନାହିଁ। ଅଜି ସୁଦ୍ଧା ଜନ୍ମ ହୋଇ ନଥିବା ଓଡିଆଟିଏ ଆଗାମୀ ୫୦ ବର୍ଷ ପରେ ବିଜୁବାବୁଙ୍କୁ ଅଧିକ ସମ୍ମାନ ଦେବ ଏବଂ ପୂଜା କରିବ। ଏହାର ଅନ୍ତରାଳରେ ଯଥେଷ୍ଟ କାରଣ ରହିଛି। ଓଡିଶା କାହିଁକି ଦେଶର କୌଣସି ରାଜନେତା ବିଜୁବାବୁଙ୍କ ପରି ଦେଶର ଘଡିସନ୍ଧି ସମୟରେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ନଥିବେ। ଓଡିଆ ଜାତି ଦାନର ପ୍ରତିଦାନ ନିଏ ନାହିଁ ବୋଲି ଇଣ୍ଡୋନେସିଆର କୋଟି କୋଟି ଟଙ୍କାର ଦାନ ସମ୍ପତ୍ତିକୁ ସେହି ମଂଚରେ ଫେରାଇ ଦେଇଥିଲେ ଭୂମୀପୁତ୍ର ବିଜୁ ପଟ୍ଟନାୟକ। ଏହା ଓଡିଆତ୍ୱର ଗରିମା ନୁହେଁ କି? ଜୀବନର ଘଡିସନ୍ଧି ସମୟରେ ବି ତାଙ୍କର କାର୍ଯ୍ୟଧାରା ତାଙ୍କୁ ଜଣେ ରାଷ୍ଟ୍ରପ୍ରେମୀ ଓ ରାଷ୍ଟ୍ର ନାୟକର ମର୍ଯ୍ୟାଦା ଦେଇଛି। କିଏ ଆଉ ଓଡିଶା ମାଟିରେ ଠିଆ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କୁ ବଜ୍ର ଗମ୍ଭୀର ସ୍ୱରରେ ଆହ୍ୱାନ ଦେବ – 'ପ୍ରଧାନମନ୍ତ୍ରୀ, ମୋ ଓଡିଶାରେ ଗୋଟିଏ ବମ୍ବେ ଦେ'। ତତ୍କାଳୀନ ପ୍ରଧାନମନ୍ତ୍ରୀ ଯବାହରଲାଲ ନେହରୁଙ୍କ କଲମରୁ କଳେ ବଳେ କୌଶଳେ ପାରଦ୍ୱୀପ ବନ୍ଦରର ଅନୁମତି ହାସଲ କରିପାରିବ?

ଦେଶରେ ଦୀର୍ଘଦିନ ଧରି ବି.ଜେ.ପି ଓ ବି.ଜେ.ଡିର ମଧୁର ସମ୍ପର୍କକୁ ଏ ଆଲେଖ୍ୟରେ ବେଶି ଦେଖାଇବାର ଆବଶ୍ୟକ ହେଉନାହିଁ। ଏ ସମ୍ପର୍କ ଥିଲା ଓ ରହିଛି। ଏହି ପ୍ରେମକୁ ଅନୈତିକ ସମ୍ପର୍କ କିମ୍ବା ଚୋରା ପିରତୀ କୁହାଯାଇ ପାରେ। ଏଭଳି ଅନୈତିକ ସମ୍ପର୍କକୁ ଯେତେ ଲୁଚାଇଲେ ବି ତାହା ଲୁଚେନାହିଁ। ଯେମିତି ବ୍ଲାକରୋଜ ଜାହାଜ ବୁଡି ପରି ଦେଶର ବଡ ଭ୍ରଷ୍ଟାଚାର ଓ ଲୁଟ ନେଇ ସିବିଆଇ ତଦନ୍ତ ନହେବା ଠାରୁ ମଣିପୁରରେ ମହିଳାଙ୍କ ପ୍ରତି ନଗ୍ନ ଅତ୍ୟାଚାର ଏବଂ ୱାକଅଫ ବିଲରେ ବି.ଜେ.ଡିରେ ସମର୍ଥନ ପ୍ରସଙ୍ଗ ଏହାର ନମୁନା ମାତ୍ର। ଅନୈତିକ ସମ୍ପର୍କରେ ଅନେକ ନଘଟିବା ଘଟଣା ବି ଘଟିଥାଏ। ଯେମିତି କି ଏଭଳି ସମ୍ପର୍କରେ କିଏ କହାର ବାପାକୁ ମାରି ଦେଲାଣି ତ କିଏ କାହାର ସ୍ତ୍ରୀକୁ ମାରିଦିଏ। ଏମିତି କି କେହି କେହି




ବିବାହିତା ମହିଳା ନିଜର ଭେଣ୍ଡିଆ ପୁଅ ଝିଅଙ୍କ ଛାଡି ଅନୈତିକ ପ୍ରେମ ସହ ପରିବାର ଛାଡି ଚାଲିଯାଏ। ଗତ ୨୪ ବର୍ଷର ବି.ଜେ.ଡି ସରକାରରେ ଯାବତୀୟ ଭ୍ରଷ୍ଟାଚାର, ହତ୍ୟା, ନାରୀ ଜାତି ପ୍ରତି ଅତ୍ୟାଚାର, ଖଣି ଲୁଟ ଆଦି ନାନା ପ୍ରସଙ୍ଗକୁ ବି.ଜେ.ପି ଚିତ୍କାର କରି କହୁଛି। ହେଲେ କେଜିରିୱାଲଙ୍କ ପରି ନେତାଙ୍କ କ୍ଷେତ୍ରରେ ସି.ବି. ଆଇ ଦ୍ୱାରା ଯାହା ଘଟିଲା, ତାହା ଓଡିଶାର ଭ୍ରଷ୍ଟାଚାର କ୍ଷେତ୍ରରେ କେନ୍ଦ୍ରର ବି.ଜେ.ପି ନେତୃତ୍ୱାଧୀନ ସରକାର ଘଟାଇ ନାହିଁ। ହେଲେ ଏ କ୍ଷେତ୍ରରେ ବି.ଜେ.ପି ଓ ବି.ଜେ.ଡିର ଅନୈତିକ ସମ୍ପର୍କ ଆଧାରରେ ଅଘଟଣ ଗୁଡିଏ ତ ଘଟିଲା କିନ୍ତୁ ଓଡିଶାର ସ୍ୱାର୍ଥରକ୍ଷା ପାଇଁ ଯାହା ଘଟଣା ଘଟିବା କଥା ତାହା ଘଟିଲା ନାହିଁ।

ପ୍ରତିଟି ଓଡିଆ ଲୋକଙ୍କ ଆବେଗ ସହ ବିଜୁବାବୁ ଯୋଡି ହୋଇ ରହିଛନ୍ତି। ବିଜୁବାବୁଙ୍କ ବ୍ୟକ୍ତିତ୍ୱ ଭାରତରତ୍ନ ପାଇଁ ହକଦାର। ଏହା କେବଳ ବିଜୁବାବୁଙ୍କ ସମ୍ମାନ ନୁହେଁ ବରଂ ଓଡିଆ ଅସ୍ମିତା। ଚଳିତ ବର୍ଷ ବିଜୁବାବୁଙ୍କ ଜୟନ୍ତି ପାଳନ ନେଇ ବଡ ବିବାଦ ଠିଆ ହେଲା। ଅନେକ ଓଡିଆଙ୍କୁ ଏହା ମର୍ମାହତ କରିଛି। ପରେ ଡବଲ ଇଂଜିନ ସରକାର ତରଫରୁ ଉତ୍କଳ ଦିବସ ଅବସରରେ ମହାମହିମ ରାଜ୍ୟପାଳଙ୍କ ଉପସ୍ଥିତିରେ ଭୁବନେଶ୍ୱରରେ ଖୁବ ସୁନ୍ଦର ଭାବେ ଓଡିଆ ଦିବସ ତଥା ଓଡିଆ ନବବର୍ଷ ଉତ୍ସବ ପାଳିତ ହେଲା। ଏହି ଉତ୍ସବରେ ଖାଦ୍ୟପେୟ ଆଦି କେତେକ ପ୍ରସଙ୍ଗକୁ ନେଇ ଅସନ୍ତୋଷ ଥିଲା। ହେଲେ ଓଡିଆ ତଥା ଓଡିଶାର ଗରିମା ବୃଦ୍ଧି ପାଇଁ ଆବେଗପୂର୍ଣ୍ଣ କାର୍ଯ୍ୟକ୍ରମ ଥିଲା। ଓଡିଶା ଏବଂ ଓଡିଆଙ୍କ ସ୍ୱାର୍ଥରକ୍ଷା ପାଇଁ ଗଢା ହୋଇଥିବା ବିଜୁ ଜନତା ଦଳ ଏଭଳି ଗରିମାପୂର୍ଣ୍ଣ ଦିବସକୁ ଏଭଳି ଢଙ୍ଗରେ ପାଳନ କରିନାହିଁ। ଓଡିଆର ସ୍ୱାଭିମାନ ଜାଗ୍ରତ ପାଇଁ ବିଜୁ ଜନତା ଦଳ ସରକାରରେ ଆବଶ୍ୟକ ଉଦ୍ୟମ କରାଯାଇ ନାହିଁ। ନିଜର ସାରା ଜୀବନର ସବୁ ସୁଖକୁ ଓଡିଆ ଏବଂ ଓଡିଶା ପାଇଁ ଉତ୍ସର୍ଗ କରିଥିବା ବିଜୁବାବୁଙ୍କ ନାମରେ ଗଢା ହୋଇଥିବା ବିଜୁ ଜନତା ଦଳର ସରକାର ଠାରୁ ଏହା ଆଶା କରାଯାଇ ନପାରେ। ବି.ଜେ.ପି ସରକାରରେ ହୋଇଥିବା ଏହି ଉତ୍ସବରେ ଓଡିଆ ଜାତିର ସ୍ୱାଭିମାନ ନେଇ ବିଭିନ୍ନ ସଙ୍ଗୀତରେ ପ୍ରାମାଣିକ ଚଳଚିତ୍ର ପରଦାରେ ପ୍ରଦର୍ଶିତ ହୋଇଥିଲା। ଉକ୍ତ ଚଳଚିତ୍ରରେ ଉତ୍କଳମଣୀଙ୍କ ଠାରୁ ହରେକୃଷ୍ଣ ମହତାବଙ୍କୁ ଦେଖିବାକୁ ମିଳିଥିଲା। ହେଲେ ଓଡିଆ ଜାତିର ଗର୍ବ, ଗୌରବ ଏବଂ ତିନୋଟି ଦେଶର ଜାତୀୟ ପତାକା ନେଇ ଶେଷଯାତ୍ରା କରିଥିବା ବିଜୁ ପଟ୍ଟନାୟକଙ୍କୁ ଦେଖିବାକୁ ମିଳି ନଥିଲା। ଓଡିଆ ଜନମନର ସେହି ମୁକୁଟ ବିହୀନ ସମ୍ରାଟ ବିଜୁ ପଟ୍ଟନାୟକଙ୍କୁ ଏହି ପରଦାରେ ପ୍ରତ୍ୟେକ ଓଡିଆଙ୍କ ମନ ଖୋଜୁଥିଲା। କେବଳ ପରଦାରେ କାହିଁକି ଭାଷଣରେ କାହା ପାଟିରୁ ବିଜୁବାବୁଙ୍କ ତ୍ୟାଗର ପଦୁଟିଏ ବି ବାହାରି ନଥିଲା। ଓଡିଆର ଆବେଗକୁ ଉଜ୍ଜିବୀତ କରିବା ପାଇଁ ହେଉଥିବା କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ପ୍ରତି ଅଣଦେଖା ଜନିତ ଆବେଗର ଅଶ୍ରୁ ଅମାନିଆ ହୋଇ ମୋ ପରି ଅନେକଙ୍କ ଆଖିରୁ ନିଗିଡି ପଡିଥିଲା। କେହି କିଛି ନକହି ପାରିଲେ ବି ସମସ୍ତେ ଅନୁଭବ କରୁଥିଲେ। ଛୋଟ ମନ, ଛୋଟ ହୃଦୟ ଏବଂ ହୀନ ରାଜନୀତିରେ ଏଭଳି ମହାନ ମଂଚ ବଂଧା ନପଡିଥିଲେ ବିଜୁବାବୁଙ୍କ ପରି ବଡ ହୃଦୟଙ୍କ କଥା ଓ ଚିତ୍ର ନିଶ୍ଚୟ ଆସିଥାନ୍ତା।

ମର୍ଯ୍ୟାଦା ପୁରୁଷ ଭଗବାନ ଶ୍ରୀ ରାମଚନ୍ଦ୍ର କିମ୍ବା ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ସମସ୍ତ ଦେବତ୍ୱର ଉତ୍ତରାଧିକାରୀ କେବଳ ତାଙ୍କର ପୁଅମାନେ ନୁହନ୍ତି। ସେହିପରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଠାରୁ ଯଶସ୍ୱୀ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଲାଲ ବହାଦୂର ଶାସ୍ତ୍ରୀଙ୍କ ପର୍ଯ୍ୟନ୍ତ ଯେତେ ରାଷ୍ଟ୍ରନେତା ଶରୀର ତ୍ୟାଗ କରିଛନ୍ତି, ସେମାନଙ୍କ ତ୍ୟାଗ ଓ ମହାନତାର ଉତ୍ତରାଧିକାରୀ ସେମାନଙ୍କ ପୁଅ ନୁହନ୍ତି ବରଂ ଦେଶବାସୀ। ପ୍ରତ୍ୟେକ ମହାପୁରୁଷ ତଥା ରାଷ୍ଟ୍ରନେତା ମାନବ ଜଗତ ତଥା ଦେଶର ଗରିମା ଓ ସମ୍ପତ୍ତି।ଏହି ଧାରାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱର ଗୌରବ କେବଳ ବିଜୁ ଜନତା ଦଳ କିମ୍ବା ନବୀନ ପଟ୍ଟନାୟକଙ୍କ ନୁହେଁ। ବିଜୁବାବୁଙ୍କୁ ନେଇ ବି.ଜେ.ପିର ଆଚରଣ ଏବଂ ଉଚ୍ଚାରଣରେ ପାର୍ଥକ୍ୟହୁଏତ ବିଜୁ ଜନତା ଦଳ ପାଇଁ ଗୋଟିଏ ସୁଯୋଗ ସୃଷ୍ଟି କରିପାରେ। ଯେମିତି କଂଗ୍ରେସର ଆଚରଣ ହିନ୍ଦୁତ୍ୱ ପ୍ରସଙ୍ଗରେ ବି.ଜେ.ପି ପାଇଁ ବଡ ସୁଯୋଗ ସୃଷ୍ଟି କରିଛି। ବି.ଜେ.ଡି ଓ ବି.ଜେ.ପି ମଧ୍ୟରେ ଥିବା ଅନୈତିକ ସମ୍ପର୍କରେ ପରସ୍ପର ପରସ୍ପରର ଅଦୃଶ୍ୟ ଆଖିର ଭାଷାକୁ ଠିକରେ ବୁଝି ପାରି ତଦନୁଯାୟୀ କାମ କରୁଛନ୍ତି। ହେଲେ ବିଜୁବାବୁଙ୍କୁ ମର୍ଯ୍ୟାଦା ପ୍ରଦାନ କ୍ଷେତ୍ରରେ କଂଟା ସାଜିଛି ବି.ଜେ.ଡି ଏବଂ ବି.ଜେ.ପି ମଧ୍ୟରେ ଥିବା ଏହି ଅନୈତିକ ସମ୍ପର୍କ।

**ଭୁବନପୁର, ମଧୁପୁରଗଡ, ଧର୍ମଶାଳା, ଯାଜପୁର,**
**ମୋବାଇଲ୍: ୯୪୩୭୦୧୯୧୧୭**

# ମେଧାବୀଙ୍କ ଆତ୍ମହତ୍ୟା



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**



ଆମ ଦେଶରେ ଛାତ୍ର ଆତ୍ମହତ୍ୟା ଘଟଣା ନୂଆ ନୁହେଁ କିନ୍ତୁ ଦେଶରେ ସବୁଠାରୁ ଖ୍ୟାତିସମ୍ପନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥା (ଆଇଆଇଟି)ରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଉଦ୍‌ବେଗଜନକ ଭାବେ ବଢିବାରେ ଲାଗିଛି। ଏକ ସରକାରୀ ରିପୋର୍ଟରେ କୁହାଯାଇଛି ଯେ, ଗତ ୫ବର୍ଷ ତଥା ୨୦୧୯ରୁ ୨୦୨୪ ମଧ୍ୟରେ ପ୍ରାୟ ୨୦ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଖ୍ୟାତି ସମ୍ପନ୍ନ ଆଇଆଇଟି ବମ୍ବେ, ଆଇଆଇଟି ମାଡ୍ରାସ, ଆଇଆଇଟି ଦିଲ୍ଲୀ, ଆଇଆଇଟି କାନପୁର, ଆଇଆଇଟି ଖଡଗପୁର, ଆଇଆଇଟି ରୋପଡ, ଆଇଆଇଟି ଗୌହାଟିରେ ମେଧାବୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବଢିଚାଲିଥିବାବେଳେ ଦେଶର ସୁବଠାରୁ ସର୍ବାଧିକ ଆତ୍ମହତ୍ୟା ପ୍ରବଣ ବୋଲି ରିପୋର୍ଟରେ କୁହାଯାଇଛି। ଆଉ କେତେକ ଆଇଆଇଟି ଛାତ୍ର ଆତ୍ମହତ୍ୟା ଘଟଣା ପ୍ରକାଶ କରୁନଥିବାରୁ ପ୍ରକୃତ ସଂଖ୍ୟା ଜଣାପଡୁନାହିଁ। ଏହା ଉପରକୁ ହେଲେ ହୁଏତ ଅପମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଆଇଆଇଟି ଦିଲ୍ଲୀରେ ୨୦୧୯ରୁ ୨୦୨୪ ମଧ୍ୟରେ ୭ଟି ଆତ୍ମହତ୍ୟା ଘଟଣା ଘଟିଥିବାବେଳେ ୨୦୨୩ ଏବଂ ୨୦୨୪ ବର୍ଷରେ କେବଳ ୫ଜଣ ଛାତ୍ରଛାତ୍ରୀ ଜୀବନ ହାରିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ମହାମାରୀ କୋରୋନା କାଳରେ ଛାତ୍ର ଆତ୍ମହତ୍ୟା ଘଟଣା ହ୍ରାସ ପାଇଥିବାବେଳେ ଗତ ଦୁଇ ଧରି ଏହି ଦୁଃଖଦ ଘଟଣା ବୃଦ୍ଧି ପାଇଁ ରିପୋର୍ଟ ସୂଚନା ପ୍ରଦାନ କରେ। ତେବେ ଛାତ୍ରଛାତ୍ରୀମାନେ କାହିଁକି ଏଭଳି ଚରମ ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା ଅନୁଧାନ ଏକ ୧୨ଜଣିଆ ତଦନ୍ତ କମିଟି ଦିଲ୍ଲୀ ଆଇଆଇଟି କର୍ତ୍ତୃପକ୍ଷ ଗଠନ କରିଥିଲେ। ଗତ ବର୍ଷ ସପ୍ଟେମ୍ବର ମାସରେ କମିଟି ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ତେବେ କମିଟି କରିଥିବା ସୁପାରିଶ ପ୍ରତିଷ୍ଠାନ କାର୍ଯର୍‌ୟକାରୀ କରିବ କି ନାହିଁ, ତାହା ସ୍ପଷ୍ଟ ଜଣାପଡି ନଥିବାବେଳେ ଇତି ମଧ୍ୟରେ ତଥା କମିଟି ରିପୋର୍ଟ ପ୍ରଦାନ କରିବା ପରେ ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ଜଣାଯାଏ। ଏହି ରିପୋର୍ଟ କେବଳ ଦିଲ୍ଲୀ ଆଇଆଇଟି ନୁହେଁ, ଦେଶର ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଆତ୍ମହତ୍ୟା ଘଟଣା ବୃଦ୍ଧି ନେଇ ଆଲୋକପାତ କରୁଛି। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ମେଧାବୀ ଛାତ୍ରଛାତ୍ରୀ ଆତ୍ମହତ୍ୟା ଘଟଣା ଅତ୍ୟନ୍ତ ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି, ଯାହାକି ଜାତୀୟ ଜନସଂଖ୍ୟା ବୃଦ୍ଧି ହାରଠାରୁ ଅଧିକ ଆଇଆଇଟି ଦିଲ୍ଲୀ ଘଟଣାରେ ରିପୋର୍ଟରେ କୁହାଯାଇଛି ଯେ, ଅତ୍ୟଧିକ ଚାପ, ଅଧ୍ୟୟନଜନିତ ତୀବ୍ର ପ୍ରତିଯୋଗିତା, ଜାତି ଓ ଲିଙ୍ଗଗତ ବାଛବିଚାର ଏବଂ ଶିକ୍ଷାନୁଷ୍ଠାନରେ ପକ୍ଷପାତିତା ଛାତ୍ରଛାତ୍ରୀଙ୍କ ଜୀବନ ହାରିବା ପଛରେ ମୁଖ୍ୟ କାରଣ। ସେହିପରି ଫୋରମ ଫର କାଷ୍ଟ (ଜାତି) ଜଷ୍ଟିସ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଦର୍ଶାଯାଇଛି । ଗତ ବାଛବିଚାର ଚରମ ସୀମାରେ ପହଁଚିଛି। ସେହିପରି ଗରିବ ଛାତ୍ରଛାତ୍ରୀଙ୍କ ଆର୍ଥୀକ ଅଭାବ, ପ୍ରତିଯୋଗିତାରେ ସାମିଲ ହୋଇନପାରିବାର ଗ୍ଲାନି, ଯାହାକି ସେମାନଙ୍କୁ ହତବୁଦ୍ଧି କରିଦେଉଛି। ତେବେ ଯେଉଁ କାରଣଗୁଡିକ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି, ତାହାର ନିରାକରଣ ପାଇଁ କମିଟି କରିଥିବା ସୁପାରିଶଗୁଡିକ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷା, ଓ କର୍ମଚାରୀଙ୍କୁ ଏକାଠି ସମାନତା ଏବଂ ସମ୍ମାନଜନକ ବ୍ୟବହାର ପ୍ରଦର୍ଶନ ଉପରେ ବାଧତାମୂଳକ ତାଲିମ, ଛାତ୍ରଛାତ୍ରୀଙ୍କୁ ନିୟମିତ କାଉନସେଲିଂ, ବାଛବିଚାର ନିଷିଦ୍ଧ ଆଇନକୁ କଡାକଡି ଭାବେ କାର୍ଯ୍ୟ କରିବା ଆଜି ଅର୍ନ୍ତଭୁକ୍ତ ରହିଛି। ଉଲ୍ଲେଖଯୋଗ୍ୟ ଯେ, ସ୍କୋରଭିତିକ ଶିକ୍ଷା ବ୍ୟବସ୍ଥାରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ନିରନ୍ତର ଚାପ ଏବଂ ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡିକରେ ପଢିବା ପାଇଁ ଚରମ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ଉପରେ ଭୟଙ୍କର ବୋଝ ପକାଉଛି ବୋଲି ନିକଟରେ ସୁପ୍ରିମକୋର୍ଟ ଯାହା କହିଥିଲେ, ତାହା ଯଥାର୍ଥତା ବହନ କରେ ଏବଂ ଏହା ଉପରେ ଧାନ ଦିଆଯିବା ଜରୁରୀ। ଏବେ ଛାତ୍ରଛାତ୍ରୀମାନଙ୍କର ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଏବଂ ଆତ୍ମହତ୍ୟା ରୋକିବା ପାଇଁ ଏକ ଜାତୀୟ ଟାସ୍କଫୋର୍ସ ଗଠନ କରାଯାଇଛି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏହାର ସଫଳତା ନେଇ ଟାସ୍କ ଫୋର୍ସକୁ ଶିକ୍ଷାନୁଷ୍ଠାଗୁଡିକ ସମସ୍ତ ପ୍ରଭାର ସହଯୋଗ କରିବା ଏକାନ୍ତ ଜରୁରୀ। ସେହିପରି ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ଧାନ ଦିଆଯିବା ଆବଶ୍ୟକ। ଏହା ସତ୍ୱେ ପିଲାଙ୍କ ପାରିବାର ତଥା ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ ହେବା ଜରୁରୀ, ଯାହାକି ମାର୍କ ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ସଞ୍ଚୟର ସହଜ ସୂତ୍ର



**ଡକ୍ଟର ତପନ କୁମାର ପାଲ**

କହନ୍ତି ଚାକିରି କଲେ ଦାୟିତ୍ୱ ବଢ଼େ। ଆପଣ ଚାକିରି ବା ବ୍ୟବସାୟ କରନ୍ତି ଟଙ୍କା ରୋଜଗାର ପାଇଁ। ସେଇ ରୋଜଗାର ଟଙ୍କାରୁ କିଛି ବଳିଗଲେ ତାକୁ ସଞ୍ଚୟ କରନ୍ତି। ହେଲେ ଅଧିକାଂଶ ସମୟରେ ଆପଣ ଯେତିକି ରୋଜଗାର କରନ୍ତି ତାହା ଅଣ୍ଟେ ନାହିଁ କିମ୍ବା ସଞ୍ଚୟ ମଧ କରିପାରନ୍ତି ନାହିଁ। ମୂଳକଥା ହେଲା ନିଜର ଏକ ବଜେଟ ଯୋଜନା କରିବା। ଏଥିପାଇଁ ଅନେକ ସୂତ୍ର ରହିଛି। ହେଲେ ସେସବୁ ମଧ୍ୟରୁ ସବୁଠୁ ଲୋକପ୍ରିୟ ହେଉଛି ୫୦-୩୦-୨୦ ଫର୍ମୁଲା।

### ୫୦-୩୦-୨୦ ଫର୍ମୁଲା କ'ଣ?

ଏହି ଫର୍ମୁଲାଟି ଅର୍ଥନୀତି ପରାମର୍ଶଦାତାଙ୍କ ପାଇଁ ସବୁଠୁ ଗ୍ରହଣୀୟ ସୂତ୍ର। ଏହି ସୂତ୍ରରେ ଆପଣ ଆପଣଙ୍କ ଦରମାକୁ ତିନିଭାଗରେ ବିଭକ୍ତ କରନ୍ତୁ। ଏଥିରେ ୫୦ ପ୍ରତିଶତ ଖର୍ଚ୍ଚ, ୩୦ ପ୍ରତିଶତ ଆବଶ୍ୟକତା ଓ ୨୦ ପ୍ରତିଶତ ସଞ୍ଚୟ ଅନ୍ତର୍ଭୁକ୍ତ। ଏହି ଫର୍ମୁଲା ସଞ୍ଚୟ ସହିତ ଖର୍ଚ୍ଚ ପରିଚାଳନା ଓ ଆର୍ଥିକ ଲାଭ ହାସଲ କରିବାରେ ସାହାଯ୍ୟ କରେ।

### ଏହି ସୂତ୍ର କିପରି କାମ କରେ?

ମନେ କରନ୍ତୁ ଆପଣ ଏକ ପ୍ରାଇଭେଟ କମ୍ପାନୀରେ ଚାକିରି କରୁଛନ୍ତି ଏବଂ ମାସିକ ୫୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ଏଥିରୁ ଆପଣ ପ୍ରତି ମାସରେ ବାପାମାଆଙ୍କୁ ୧୦ ହଜାର ଟଙ୍କା ପଠାନ୍ତି ତେବେ ଏହି ସୂତ୍ର ଅନୁସାରେ ଆପଣ ଖର୍ଚ୍ଚ ଓ ଆବଶ୍ୟକତା ଅନୁସାରେ ସଞ୍ଚୟ କରିବେ କିପରି? ୧୦ ହଜାର ଟଙ୍କା ପରିବାରକୁ ପଠାଇଲା ପରେ ଆପଣଙ୍କ ପାଖରେ ବଞ୍ଚୁଛି ୪୦ ହଜାର ଟଙ୍କା। ଏହାର ୫୦ ପ୍ରତିଶତ ଅର୍ଥାତ୍ ୨୦ ହଜାର ଟଙ୍କା ଆପଣ ଘରଭଡ଼ା, ଖାଦ୍ୟ, ବିଜୁଳି ବିଲ ଇତ୍ୟାଦିରେ ଖର୍ଚ୍ଚ କରନ୍ତୁ। ଏବେ ବାକି ୫୦ ପ୍ରତିଶତ ଦରମାକୁ ଦୁଇ ଭାଗରେ ବାଣ୍ଟନ୍ତୁ। ବାକି ଥିବା ଦରମାର ୩୦%, ଅର୍ଥାତ ୧୨ ହଜାର ଟଙ୍କା ଆପଣଙ୍କ ଆବଶ୍ୟକତା ପାଇଁ ଯଥା ଜିମ କିମ୍ବା କୌଣସି କର୍ମଶାଳା ଇତ୍ୟାଦିରେ ଖର୍ଚ୍ଚ କରନ୍ତୁ। ଆପଣ ଏଥିରୁ ମଧ କିଛି ପରିମାଣ ସଞ୍ଚୟ କରିବାକୁ ଚେଷ୍ଟା କରିବା ଉଚିତ, ଯାହା ଆପଣଙ୍କୁ ଟ୍ରାଭେଲ ଟ୍ରିପ କିମ୍ବା ବ୍ରାଣ୍ଡେଡ ପୋଷାକ ବା ସ୍ମାର୍ଟଫୋନ କିଣିବା ଆଦି ଛୋଟ ଛୋଟ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିବ।



ଏବେ ବାକି ୨୦% ଅର୍ଥାତ୍ ୮ ହଜାର ଟଙ୍କା ସଞ୍ଚୟ କରନ୍ତୁ। ସଞ୍ଚୟ ସହିତ ଆପଣ ପ୍ରତି ମାସରେ ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ଏକ ଜରୁରୀକାଳୀନ ପାଣ୍ଠିରେ କିଛି ପରିମାଣ ରଖିବା ଜରୁରୀ। ତାଛଡ଼ା ଆପଣ କିଛି ଟଙ୍କା ନିବେଶ କରିବା ଉଚିତ। ଏଥିରେ ଆପଣଙ୍କୁ ରିଟର୍ଣ୍ଣ ମିଳିବ ଏବଂ ଏହା ଆପଣଙ୍କ ସଞ୍ଚୟ ବୃଦ୍ଧି କରିବ। ଏହା ସହିତ ମେଡ଼ିକାଲ ଏମର୍ଜେନସି ପାଇଁ ମଧ କିଛି ଟଙ୍କା ରଖିବା ଆବଶ୍ୟକ।

ଏପରି କଲେ ଆପଣ ୫୦-୩୦-୨୦ ଫର୍ମୁଲା ସାହାଯ୍ୟରେ ଆପଣଙ୍କର ଖର୍ଚ୍ଚ ଓ ଆବଶ୍ୟକତା ଅନୁସାରେ ସଞ୍ଚୟ କରିପାରିବେ।

କଥାରେ ଅଛି ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି। ସଂସାର ଜୀବନରେ ଅନେକ ଝଡ଼ଝଞ୍ଜା, ଅଭାବ, କଷ୍ଟକୁ ନେଇ ଚଳିବାକୁ ପଡ଼ିଥାଏ ତେବେ ସବୁଠାରୁ ବଡ଼ କଥା ହେଉଛି ସଞ୍ଚୟ ଅଭ୍ୟାସ। ଅନେକଙ୍କର ବଦଖର୍ଚ୍ଚ ଗୁଣ ଓ ବନ୍ଧୁବତ୍ସଳତା ପାଇଁ ଖୋଲା ହାତ ଖର୍ଚ୍ଚ ପରବର୍ତ୍ତୀ ସମୟରେ ସେମାନଙ୍କୁ ଅଭାବୀ କରେ ଏବଂ ଅନେକ ସର୍ବସ୍ୱାନ୍ତ ବା ଏକ ପ୍ରକାର କାଙ୍ଗାଳ ହୋଇପଡ଼ନ୍ତି। ତେଣୁ ସାମାଜିକ ଜୀବନରେ ସଞ୍ଚୟ ଏକ ଖୁବ ଭଲ ଅଭ୍ୟାସ। ବିଶେଷକରି ପିଲାମାନଙ୍କୁ ଛୋଟବେଳୁ ସଞ୍ଚୟ ଅଭ୍ୟାସ ଶିଖାଇବା ଏକ ଭଲ କଥା। ଭଗବାନ ଶ୍ରୀସତ୍ୟସାଇଙ୍କ ବାଣୀରେ "କାମନାର ସୀମାଙ୍କନ' ଏକ ସମ୍ଭାଷଣ ଅଛି। ଜଣେ ଚାହିଁଲେ ନିଜର ଅନ୍ତହୀନ କାମନା ଉପରେ ଲଗାମ ଲଗାଇପାରିବ ଯାହାକି ତାଙ୍କୁ ସଞ୍ଚୟର ଏକ ରାସ୍ତା ଦେଖାଇପାରିବ। ବର୍ତ୍ତମାନର ସମୟରେ ସବୁଠି ଦରଦାମ ବଢୁଛି। ଅନେକ କୁହନ୍ତି ସେପରି ଆୟ କିନ୍ତୁ ବଢୁନାହିଁ ତେଣୁ ଏପରି କ୍ଷେତ୍ରରେ ସଞ୍ଚୟ କରିବା ଯେ କଷ୍ଟକର ତାହା ନୁହଁ ବରଂ ସଞ୍ଚୟ ପାଇଁ ଏକ ସୁଅଭ୍ୟାସ ରଖିପାରିଲେ ଉପରୋକ୍ତ ପରାମର୍ଶ ଗୁଡ଼ିକ ଆପଣଙ୍କୁ ସଞ୍ଚୟ ପାଇଁ ଏକ ଭଲ ରାସ୍ତା ଦେଖାଇବ ନିଶ୍ଚୟ।

**ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,**
**ମୋବାଇଲ୍: ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩**

### ଶିଶୁ ଚାଲାଣ ମାମଲାରେ: ସୁପ୍ରିମକୋର୍ଟଙ୍କ ତାଗିଦ

# ୬ ମାସ ମଧ୍ୟରେ ବିଚାର ସାର



**ନୂଆଦିଲ୍ଲୀ,୧୬।୪:** ଶିଶୁ ଚାଲାଣ ମାମଲାରେ ଦୋଷୀଙ୍କୁ କଠୋର ଦଣ୍ଡ ଓ ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛନ୍ତି। ଜଷ୍ଟିସ ଜେ.ବି. ପର୍ଦ୍ଦିୱାଲା ଓ ଜଷ୍ଟିସ ଆର. ମହାଦେବନଙ୍କ ଖଣ୍ଡପୀଠ ଦେଶର ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ନିଜ ନିଜ ରାଜ୍ୟରେ ବିଚାରାଧୀନ ଥିବା ଶିଶୁ ଚାଲାଣ ମାମଲାଗୁଡିକର ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଆଗାମୀ ୬ ମାସ ମଧରେ ଏହାର ବିଚାର ସମ୍ପୂର୍ଣ୍ଣ କରିବାକୁ ସମସ୍ତ ଜିଲା ଅଦାଲତକୁ ନିର୍ଦ୍ଦେଶ ଦେବେ। ଆବଶ୍ୟକ ହେଲେ ଏହି ମାମଲାଗୁ ବିଚାର ପ୍ରତିଦିନ ଆଧାରରେ କରାଯିବ। ଏହା ସହିତ ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟ ଦ୍ୱାରା ୧୩ ଜଣ ଅଭିଯୁକ୍ତଙ୍କୁ ଦିଆଯାଇଥିବା ଜାମିନକୁ ରଦ୍ଦ କରିଛନ୍ତି। ଏହି ଅଭିଯୁକ୍ତମାନେ ଏକ ଅନ୍ତଃରାଜ୍ୟ ଶିଶୁ ଚାଲାଣ ଗ୍ୟାଙ୍ଗର ସଦସ୍ୟ ଥିଲେ। ଅଦାଲତ କହିଛନ୍ତି ଯେ, ହାଇକୋର୍ଟ ଏହି ଜାମିନ ଆବେଦନଗୁଡିକୁ ଅତ୍ୟନ୍ତ ନିରାଶଜନକ ଭାବେ ନିଷ୍ପତ୍ତି ନେଇଥିଲେ, ଯାହା ଫଳରେ ଅନେକ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

ଅଦାଲତ ଆହୁରି କହିଛନ୍ତି ଯେ, ଶିଶୁ ଚାଲାଣ ଏକ ଗୁରୁତର ଅପରାଧ ଏବଂ ଏଥିରେ ସମ୍ପୃକ୍ତ ଅପରାଧୀମାନେ ସମାଜ ପାଇଁ ଏକ ବଡ଼ ବିପଦ। ଏହି ଅପରାଧୀମାନେ ଯେକୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି, ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ, ହସ୍ପିଟାଲରୁ ନବଜାତ ଶିଶୁ ଚୋରି ହେଲେ ସମ୍ପୃକ୍ତ ହସ୍ପିଟାଲର ଲାଇସେନ୍ସ ତୁରନ୍ତ ରଦ୍ଦ କରାଯିବ ବୋଲି କୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ଦ୍ୱାରା ୨୦୨୩ରେ କରାଯାଇଥିବା ଏକ ଅଧ୍ୟୟନର ସୁପାରିଶଗୁଡିକୁ ଅନୁଧ୍ୟାନ କରି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଧ୍ୟୟନରେ ଶିଶୁ ଚାଲାଣ ରୋକିବା ଓ ଏହା ସହ ଜ ଡିତ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ସୁପାରିଶ କରାଯାଇଛି। ଏଥିସହ ଦିଲ୍ଲୀ ପୋଲିସକୁ ଏକ ଖବରକାଗଜ ରିପୋର୍ଟକୁ ଗମ୍ଭୀରତାର ସହ ନେଇ ଏପ୍ରିଲ ୨୧ ତାରିଖରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟରେ ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ କାର୍ଯ୍ୟ କରୁଥିବା ଶିଶୁ ଚାଲାଣ ଗ୍ୟାଙ୍ଗ ସମ୍ପର୍କରେ ଉଲ୍ଲେଖ କରାଯାଇଛି। କୋର୍ଟ ଏହି ଗ୍ୟାଙ୍ଗ ବିରୋଧରେ କ'ଣ ପଦକ୍ଷେପ ନିଆଯାଉଛି, ତାହା ଜାଣିବାକୁ ଚାହିଁଛନ୍ତି। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ କୌଣସି ଢିଲା ମନୋଭାବ ଦେଖାଗଲେ ତାହାକୁ କୋର୍ଟଙ୍କ ଅବମାନନା ଭାବେ ଗଣ୍ୟ କରାଯିବ ବୋଲି ସୁପ୍ରିମକୋର୍ଟ ସତର୍କ କରିଦେଇଛନ୍ତି।




## ବିହାରକୁ ପଶ୍ଚିମବଙ୍ଗ ଭଳି ଅବସ୍ଥା କରିବାକୁ ଚାହୁଁଛନ୍ତି ରାହୁଲ-ତେଜସ୍ୱୀ: ପ୍ରମୋଦ କୃଷ୍ଣମ

**ନୂଆଦିଲ୍ଲୀ, ୧୬।୪:** ଚଳିତ ବର୍ଷ ଶେଷ ଆଡକୁ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ବିଜେପି, ଜେଡିୟୁ, କଂଗ୍ରେସ, ଆରଜେଡି ସମେତ ବିଭିନ୍ନ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ମଙ୍ଗଳବାର ଦିନ, ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଏବଂ କଂଗ୍ରେସ ନେତାମାନେ ଜାତୀୟ ରାଜଧାନୀ ଦିଲ୍ଲୀରେ ଏକ ବୈଠକ କରିଥିଲେ। ଏହି ବୈଠକ ପରେ, ପୂର୍ବତନ କଂଗ୍ରେସ ପାର୍ଟି ନେତା ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ ଆରଜେଡି ଏବଂ କଂଗ୍ରେସ ପାର୍ଟି ଉପରେ ଏକ ବଡ଼ ଆକ୍ରମଣ କରିଛନ୍ତି। ଆଚାର୍ଯ୍ୟ ପ୍ରମୋଦ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ ବିହାରକୁ ପଶ୍ଚିମବଙ୍ଗ ଭଳି କରିବାକୁ ଚାହୁଁଛନ୍ତି। ରାଷ୍ଟ୍ରୀୟ ଜନତା ଦଳ-କଂଗ୍ରେସ ବୈଠକ ପରେ, ପୂର୍ବତନ କଂଗ୍ରେସ ନେତା ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ ମଙ୍ଗଳବାର ଦାବି କରିଛନ୍ତି ଯେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ ବିହାରକୁ ପଶ୍ଚିମବଙ୍ଗ ପରି କରିବାକୁ ଚାହୁଁଛନ୍ତି। ଏବେ ବିହାରର ହିନ୍ଦୁମାନଙ୍କୁ ନିଷ୍ପତ୍ତି ନେବାକୁ ପଡିବ ଯେ ସେମାନେ ଏହା ଦେଖିବାକୁ ଚାହାଁନ୍ତି କି ନାହିଁ।" ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ହୋଇଥିବା ସମ୍ପ୍ରତି ହିଂସା ଉପରେ ଆଚାର୍ଯ୍ୟ ପ୍ରମୋଦ କହିଛନ୍ତି ଯେ ଦେଶର ହିନ୍ଦୁମାନେ ବହୁତ ବିପଦରେ ଅଛନ୍ତି ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ଏହା ଉପରେ ବିଚାର କରିବା ଉଚିତ। ଆପଣଙ୍କୁ ଜଣାଇ ଦେଉଛୁ ଯେ ବିହାରର ୨୪୩ ବିଧାନସଭା ଆସନ ପାଇଁ ନିର୍ବାଚନ ଚଳିତ ବର୍ଷ ଅକ୍ଟୋବର କିମ୍ବା ନଭେମ୍ବର ମାସରେ ହୋଇପାରେ।

ପ୍ରକୃତରେ, ମଙ୍ଗଳବାର ଦିନ, ବିହାର ନିର୍ବାଚନ ପାଇଁ ନିର୍ବାଚନ ରଣନୀତି ଏବଂ ଆସନ ବଣ୍ଟନ ଉପରେ ଆଲୋଚନା କରିବା ପାଇଁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ କଂଗ୍ରେସ-ଆରଜେଡି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାହୁଲ ଗାନ୍ଧୀ, କେସି ଭେନୁଗୋପାଳ ଏବଂ କଂଗ୍ରେସର ଅନ୍ୟାନ୍ୟ ନେତାମାନେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ, ଆରଜେଡି ପକ୍ଷରୁ ରାଜ୍ୟସଭା ସାଂସଦ ମନୋଜ ଝା, ସାଂସଦ ସଞ୍ଜୟ ଯାଦବ ଏବଂ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ। ବୈଠକ ପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, "ଏଥର ବିହାରରେ ପରିବର୍ତ୍ତନ ନିଶ୍ଚିତ। ଆଜି ଆମେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ଭେଟି ମହାଗଠବନ୍ଧନକୁ ସୁଦୃଢ଼ କରିବା ବିଷୟରେ ଆଲୋଚନା କରିଛୁ।

## ଥଣ୍ଡା ଭଲ କରିବା ପାଇଁ ୪ବର୍ଷର ଶିଶୁକୁ ସିଗାରେଟ ପିଆଇଲେ ଡାକ୍ତର



**ନୂଆଦିଲ୍ଲୀ,୧୬।୪:** ଉତ୍ତର ପ୍ରଦେଶର ଜଲାଉନ ଜିଲାରୁ ଏକ ଆଶ୍ଚର୍ଯ୍ୟଜନକ ଓ ନିନ୍ଦନୀୟ ଘଟଣା ସାମ୍ନାକୁ ଆସିଛି। ଏକ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ କାର୍ଯ୍ୟ କରୁଥିବା ଡାକ୍ତର ସୁରେଶ ଚନ୍ଦ୍ରା ଜଣେ ଚାରି ବର୍ଷର ପିଲାକୁ ଥଣ୍ଡା ଭଲ କରେଇବା ପାଇଁ ସିଗାରେଟ ପିଆଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସ୍ଥାନୀୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

ଭାଇରାଲ ଭିଡିଓରେ ଦେଖାଯାଇଛି ଯେ, ଡାକ୍ତର ସୁରେଶ ଚନ୍ଦ୍ରା ନିଶାସକ୍ତ ଅବସ୍ଥାରେ ଥାଇ ପିଲାଟିକୁ ସିଗାରେଟ ଧୂଆଁ ଟାଣିବାକୁ କହୁଛନ୍ତି । ସେ ଦାବି କରିଛନ୍ତି ଯେ ଏହା ଦ୍ୱାରା ପିଲାଟିର ଥଣ୍ଡା ଭଲ ହେବ। ଏହି ଅମାନବୀୟ କାର୍ଯ୍ୟ ଦେଖି ସ୍ଥାନୀୟ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଜଲାଉନର ମୁଖ୍ୟ ଚିକିତ୍ସା ଅଧିକାରୀ (ସିଏମଓ) ତୁରନ୍ତ ଡାକ୍ତର ସୁରେଶ ଚନ୍ଦ୍ରାଙ୍କୁ ସ୍ଥାନାନ୍ତର କରିବା ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଏସିଏମଓ)ଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୋସିଆଲ ମିଡିଆରେ ଏହି ଘଟଣାକୁ ନେଇ ତୀବ୍ର ନିନ୍ଦା ପ୍ରକାଶ ପାଇଛି। ଅନେକ ଡାକ୍ତରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜଲାଉନ ପୋଲିସ ଏବଂ ଜିଲା ପ୍ରଶାସନ ମଧ୍ୟ ଏହି ଘଟଣାରେ ହସ୍ତକ୍ଷେପ କରିଛନ୍ତି।

## ଭୂକମ୍ପରେ ଥରିଲା ଆଫଗାନିସ୍ତାନ

କାବୁଲ, ୧୬।୪: ଭାରତର ପଡ଼ୋଶୀ ଦେଶ ଆଫଗାନିସ୍ତାନରେ ଭୂମିକମ୍ପର ତୀବ୍ର ଝଟକା ଅନୁଭୂତ ହୋଇଛି। ଆଜି ଅର୍ଥାତ୍ ବୁଧବାର ଆଫଗାନିସ୍ତାନରେ ୬.୪ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଛି ବୋଲି ୟୁରୋପୀୟ-ଭୂମଧ୍ୟସାଗରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଇଏମଏସସି) କହିଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ୧୨୧କିଲୋମିଟର (୭୫ମାଇଲ) ଗଭୀରତାରେ ଥିଲା। ପ୍ରବଳ ଭୂକମ୍ପ ପରେ ଲୋକମାନେ ଘରୁ ବାହାରକୁ ବାହାରି ଆସିଥିଲେ। ଭୂମିକମ୍ପ ଯୋଗୁଁ ଜୀବନ କିମ୍ବା ସମ୍ପତ୍ତି ସମ୍ପର୍କରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୂଚନା ନାହିଁ। ଗତ ମାସରେ ମଧ ମାର୍ଚ୍ଚ ୨୯ ତାରିଖରେ ଆଫଗାନିସ୍ତାନରେ ଭୂକମ୍ପ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୭ ରେକର୍ଡ କରାଯାଇଥିଲା। ଏହି ଭୂକମ୍ପର କେନ୍ଦ୍ରସ୍ଥଳ କାବୁଲ ନିକଟରେ ଥିଲା। ଆଫଗାନିସ୍ତାନ ବ୍ୟତୀତ ପାକିସ୍ତାନରେ ଅନେକ ଅଞ୍ଚଳରେ ମଧ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଥିଲା। ମାର୍ଚ୍ଚ ୨୯ ପୂର୍ବରୁ, ଚଳିତ ବର୍ଷ ଫେବ୍ରୁଆରୀ ୨୧ ତାରିଖରେ ମଧ ଆଫଗାନିସ୍ତାନରେ ଭୂକମ୍ପର ପ୍ରବଳ ଛଟକା ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୯ ରେକର୍ଡ କରାଯାଇଥିଲା। ବିଳମ୍ବିତ ରାତିରେ ହୋଇଥିବା ଏହି ଭୂକମ୍ପ ଯୋଗୁଁ, ଅନେକ ଲୋକ ଘରୁ ବାହାରକୁ ଦୌଡ଼ି ପଳାଇ ଆସୁଥିବାର ଦେଖାଯାଇଥିଲା। ଆଫଗାନିସ୍ତାନ ହିମାଳୟ ଟେକ୍ଟୋନିକ୍ ପ୍ଲେଟ୍ ନିକଟରେ ଅବସ୍ଥିତ। ଯେଉଁଠାରେ ଭାରତୀୟ ପ୍ଲେଟ ଏବଂ ୟୁରେସିଆନ୍ ପ୍ଲେଟ୍ ମଧରେ ଧକ୍କା ଲାଗି ରହିଥାଏ। ଏହି ଧକ୍କା ଯୋଗୁଁ ଆଫଗାନିସ୍ତାନରେ ବାରମ୍ବାର ଭୂମିକମ୍ପ ହୋଇଥାଏ।

## ନିଜ ଛଳନା ଜାଲରେ ଫସିଗଲା ପାକିସ୍ତାନ: ଜୟଶଙ୍କର

**ନୂଆଦିଲ୍ଲୀ,୧୬।୪:** ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନକୁ ଘେରିଛନ୍ତି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ କହିଛନ୍ତି, ପାକିସ୍ତାନ ନିଜ ଛଳନା ଜାଲରେ ଫସି ଯାଇଛି। ପାକିସ୍ତାନ ତାଲିବାନ ଏବଂ ଅନ୍ୟାନ୍ୟ ପକ୍ଷଗୁଡ଼ିକ ସହିତ ଦୋମୁହାଁ ମାନଦଣ୍ଡ ଗ୍ରହଣ କରିଛି। ଗୁଜରାଟର ଚାରୋତର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରେ ଏକ ଆଲୋଚନା ଅଧିବେଶନରେ, ବୈଦେଶିକ ମନ୍ତ୍ରୀ ପାକିସ୍ତାନ କିପରି ଆଫଗାନିସ୍ତାନ ପ୍ରତି ଭୁଲ କରିଥିଲା ଏବଂ ନିଜ ଫାଶରେ ଫସି ଯାଇଥିଲା ସେ ବିଷୟରେ କହିଥିଲେ।

ସେ କହିଛନ୍ତି, ପାକିସ୍ତାନ ଡବଲ ଗେମ ଖେଳୁଛି। ପାକିସ୍ତାନ ହିଁ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛି। ପାକିସ୍ତାନ ଦ୍ୱାରା ପ୍ରୋତ୍ସାହିତ ଆତଙ୍କବାଦ ପୁଣି ଥରେ ଫେରି ନିଜ ଦେଶକୁ ଆସୁଛି ଏବଂ ସେମାନଙ୍କୁ କ୍ଷତି ପହଞ୍ଚାଉଛି। ତହୱୁର ରାଣାଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ସେ କହିଛନ୍ତି , ଆମେ ଆମେରିକା ଏବଂ ଭାରତ ମଧରେ ଆତଙ୍କବାଦ ବିରୋଧୀ ସହଯୋଗକୁ ପ୍ରଶଂସା କରୁଛୁ। ଏହା ପ୍ରକୃତରେ ୨୬/୧୧ ଆକ୍ରମଣର ପୀଡିତମାନଙ୍କୁ ନ୍ୟାୟ ସୁନିଶ୍ଚିତ କରିବା ଦିଗରେ ଏକ ବଡ଼ ପଦକ୍ଷେପ।



## ସାଙ୍କେତିକ ଭାବେ ଅନ୍ତସତ୍ତ୍ୱା ଥିବା ପ୍ରେମିକଙ୍କୁ ଜଣାଇଲେ ସ୍ୱାମୀ ହତ୍ୟାକାରୀ

**ନୂଆଦିଲ୍ଲୀ, ୧୬।୪:** ମିରଟର ସୌରଭ ହତ୍ୟାକାଣ୍ଡ ମାମଲାରେ ସମ୍ପୃକ୍ତ ଥିବା ସାହିଲ ଓ ତାଙ୍କ ପ୍ରେମିକା ମୁସ୍କାନ (ସୌରଭଙ୍କ ସ୍ତ୍ରୀ) ଜେଲରେ ବନ୍ଦୀ ଅଛନ୍ତି। ଜେଲରେ ବନ୍ଦୀ ହେବାଦିନ ଠାରୁ ସାହିଲ ଓ ମୁସ୍କାନଙ୍କୁ ନେଇ ନୂଆନୂଆ ତଥ୍ୟା ସାମ୍ନାକୁ ଆସିଛି। କିଛିଦିନ ତଳେ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ମୁସ୍କାନ ଅନ୍ତସତ୍ତ୍ୱା ଥିବା ଜଣାପଡ଼ିଥିଲା। ଏହାପରେ ମୁସ୍କାନଙ୍କୁ ଅନ୍ୟ ଏକ ବାରାକରେ ରଖାଯାଇ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଉଛି। ସମ୍ପ୍ରତି ଖବର ମିଳିଛି କି, ଭିଡିଓ କନଫରେନ୍ସ ଜରିଆରେ ହାଜର ହେବା ସମୟରେ ମୁସ୍କାନ ଅନ୍ତସତ୍ତ୍ୱା ଥିବା ନେଇ ସାହିଲଙ୍କୁ ସାଙ୍କେତିକ ଭାବେ ଜଣାଥିଲେ। ଏହାପରେ ଦୁହେଁ ଭାବବିହ୍ୱୋଳ ହୋଇଯାଇଥିଲେ। ପରସ୍ପର ସହିତ କଥା ହେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଜେଲ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୁହିଁଙ୍କୁ କଥା ହେବାକୁ ଅନୁମତି ଦିଆଯାଇ ନଥିଲା। ଏହାପରେ ମୁସ୍କାନ ଓ ସାହିଲ ସରକାରୀ ଓକିଲଙ୍କୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଘରୋଇ ଓକିଲ ରଖିବା ପାଇଁ ଇଚ୍ଛା ବ୍ୟକ୍ତ କରିଛନ୍ତି। ମୁସ୍କାନ ଅନ୍ତସତ୍ତ୍ୱା ଥିବା ଖବରକୁ ନେଇ ଜେଲର ବରିଷ୍ଠ ଅଧିକାରୀ ଡକ୍ଟର ରାଜ ଶର୍ମା କହିଛନ୍ତି, 'ହୋଇପାରେ ମୁସ୍କାନ ଅନ୍ତସତ୍ତ୍ୱା ଥିବା ଖବର ସାହିଲ ପୂର୍ବରୁ ଜାଣି ଥାଇପାରେ। କାରଣ ଏ ଖବର ଗଣମାଧମ ଓ ଖବରକାଗଜରେ ପ୍ରକାଶ ପାଇଛି।'



### କଲିକତା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ବିବାହ ପରେ ସହମତିରେ ଅନ୍ୟ ସହ ଯୌନ ସମ୍ପର୍କ ରଖିବା ଅପରାଧ ନୁହେଁ



**କୋଲକାତା, ୧୬।୪:** ବିବାହ ପରେ ସହମତିରେ ଅନ୍ୟ କାହା ସହ ଯୌନ ସମ୍ପର୍କ ରଖିବା ଅପରାଧ ନୁହେଁ। ଏଭଳି ରାୟ ଶୁଣାଇଛନ୍ତି କଲିକତା ହାଇକୋର୍ଟ। ଦୁଇ ଜଣ ବିବାହିତଙ୍କ ମଧରେ ଶାରୀରିକ ସମ୍ପର୍କ ଯଦି ଆରମ୍ଭରୁ ସହମତିରେ ହୋଇଥାଏ, ଏହା ଅପରାଧ ନୁହେଁ। କାରଣ ଶାରୀରିକ ସମ୍ପର୍କ ପାଇଁ ପ୍ରାରମ୍ଭିକ ସମ୍ମତି ପାରସ୍ପରିକ ଆକର୍ଷଣ ଉପରେ ଆଧାରିତ ବୋଲି ଧରାଯିବ। ରିପୋର୍ଟ ଅନୁଯାୟୀ, କଲିକତା ହାଇକୋର୍ଟର ଜଳପାଇଗୁଡ଼ି ସର୍କିଟ୍ ବେଞ୍ଚ କହିଛନ୍ତି ଯେ, ଦୁଇଜଣ ବିବାହିତ ମଧରେ ଶାରୀରିକ ସମ୍ପର୍କ, ଯଦି ଆରମ୍ଭରୁ ସହମତିରେ ହୋଇଥାଏ, ତେବେ ଏହା ଅପରାଧ ନୁହେଁ। କାରଣ ଉଭୟ ପକ୍ଷ ବିବାହିତ ହେବା ସଙ୍ଗେ ସଙ୍ଗେ ପରସ୍ପରର ବୈବାହିକ ସ୍ଥିତି ବିଷୟରେ ଅବଗତ। ଏପରି ପରିସ୍ଥିତିରେ ଦିଆଯାଇଥିବା ସମ୍ମତିକୁ ମିଥ୍ୟା ପ୍ରତିଶ୍ରୁତି ଦ୍ୱାରା ବାଧ କିମ୍ବା ଭ୍ରମିତ କରାଯିବା ପରିବର୍ତ୍ତେ ସହମତିରେ ବିବେଚନା କରାଯିବ।

ବିଚାରପତି ପୁରୁଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାକୁ ରଦ୍ଦ କରି କହିଛନ୍ତି, ଅଭିଯୁକ୍ତଙ୍କର କୌଣସି "ଗୁପ୍ତ ଉଦ୍ଦେଶ୍ୟ"ନଥିଲା କାରଣ ଏଥିରେ ଉଭୟ ପକ୍ଷଙ୍କ ସହମତି ଥିଲା। ବିବାହିତ ମହିଳା କହିଥିଲେ ଯେ, ବିବାହିତ ପୁରୁଷ ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଘନିଷ୍ଠ ସମ୍ପର୍କରେ ପ୍ରଲୋଭିତ କରିଥିଲେ। ମହିଳା ଜଣକ ୨୦୨୪ ସେପ୍ଟେମ୍ବର ୮ରେ ଅଭିଯୋଗ ଦାଖଲ କରିଥିଲେ। ରିପୋର୍ଟ ଅନୁଯାୟୀ, ଉଭୟ ବିବାହିତ ଏବେ ସେମାନେ ୨ ବର୍ଷ ଧରି ଶାରୀରିକ ସମ୍ପର୍କରେ ଥିଲେ। ମହିଳାଙ୍କ ସ୍ୱାମୀ ଏହା ଜାଣିବା ପରେ ତାଙ୍କ ସହିତ ରହିବାକୁ ସିଧାସଳଖ ମନା କରିଦେଇଥିଲେ ଏବଂ ତାଙ୍କ ସହ ସମ୍ପର୍କ ରଖିଥିବା ପୁରୁଷଙ୍କୁ ବିବାହ କରିବାକୁ କହିଥିଲେ। ମହିଳା ଜଣକ ଶାରୀରିକ ସମ୍ପର୍କ ରଖିଥିବା ପୁରୁଷଙ୍କୁ ପଚାରିବାକୁ ସେ ତାଙ୍କୁ ବିବାହ କରିବାକୁ ମନା କଲେ। ତେଣୁ ମହିଳା ଜଣକ ତାଙ୍କ ବିରୁଦ୍ଧରେ ମାୟନାଗୁଡ଼ି ପୋଲିସ ଷ୍ଟେସନରେ ବିଏନ୍ଏସ୍‌ର ଧାରା ୬୯ ଏବଂ ୩୫୧(୨) ଅନୁଯାୟୀ ଏକ ମାମଲା ରୁଜୁ କରିଥିଲେ।

## ୱାକଫ ଆଇନ ନେଇ ଆଇନଗତ ଲଢ଼େଇ ଆରମ୍ଭ



**ନୂଆଦିଲ୍ଲୀ, ୧୬।୪:** ବୁଧବାର ଅପରାହ୍ନ ୨ଟାରେ ସୁପ୍ରିମକୋର୍ଟରେ ୱାକଫ ଆଇନ ଉପରେ ଶୁଣାଣି ଆରମ୍ଭ ହୋଇଛି। କୋର୍ଟରେ ମୋଟ ୭୩ଟି ଆବେଦନ ଦାଖଲ ହୋଇଛି। ଏହି ଆଇନ ବିରୋଧରେ ୨୦ରୁ ଅଧିକ ଆବେଦନ ଦାଖଲ ହୋଇଛି। ପୂର୍ବରୁ ଏହି ମାମଲାର ଶୁଣାଣି ତିନି ଜଣ ବିଚାରପତିଙ୍କ ଖଣ୍ଡପୀଠରେ ହେବାର ଥିଲା, କିନ୍ତୁ ବର୍ତ୍ତମାନ ସିଜେଆଇ ସଞ୍ଜିବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ଆବେଦନଗୁଡ଼ିକରେ କୁହାଯାଇଛି ଯେ, ୱାକଫ ଆଇନରେ କରାଯାଇଥିବା ସଂଶୋଧନ ଅସାମ୍ବିଧାନିକ। ଏହା ମୁସଲିମ ସମ୍ପ୍ରଦାୟ ପ୍ରତି ପକ୍ଷପାତିତା କରେ ଏବଂ ସରକାରଙ୍କୁ ମନମୁଖୀ ନିଷ୍ପତ୍ତି ନେବାର କ୍ଷମତା ଦିଏ। ତେଣୁ ଏହି ଆଇନକୁ ରଦ୍ଦ କରିବା ଏବଂ ଏହାର କାର୍ଯ୍ୟକାରିତା ବନ୍ଦ କରିବା ପାଇଁ ଦାବି ହୋଇଛି। କଂଗ୍ରେସ, ଜେଡିୟୁ, ଆମ ଆଦମୀ ପାର୍ଟି, ଡିଏମକେ, ସିପିଆଇ ଭଳି ଦଳଗୁଡ଼ିକ ମଧ ଏହି ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଏହା ସହିତ, ଜମିୟତ ଉଲେମା-ଏ-ହିନ୍ଦ, ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ ବୋର୍ଡ ଏବଂ କିଛି ଏନଜିଓ ମଧ ଏହି ଆଇନର ସଂଶୋଧନ ବିରୋଧରେ ଅଛନ୍ତି। କଂଗ୍ରେସ ସାଂସଦ ମହମ୍ମଦ ଜାଭେଦଙ୍କ ସମେତ ଅନେକ ଆବେଦନକାରୀ ବ୍ୟକ୍ତିଗତ ଭାବରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୁଣାଣି ସମୟରେ କପିଲ ସିବଲ କହିଥିଲେ ଯେ, ଏହା ଧାର୍ମିକ ମାମଲାରେ ହସ୍ତକ୍ଷେପ। ସମ୍ବିଧାନ ଧାର୍ମିକ ବିଷୟ ପରିଚାଳନା କରିବାର ଅଧିକାର ଦେଇଛି। ଏହି ସମୟରେ, ସେ ନୂତନ ଆଇନର ତ୍ରୁଟିଗୁଡ଼ିକୁ ଦର୍ଶାଇଥିଲେ। ସେହି ସମୟରେ, ସିଜେଆଇ ଆବେଦନକାରୀଙ୍କୁ ପଚାରିଲେ ଯେ, ଆପଣଙ୍କର ମୁଖ୍ୟ ଯୁକ୍ତି କ'ଣ ? ଏହା ଉପରେ କପିଲ ସିବଲ କହିଛନ୍ତି ଯେ, ଏହି ଆଇନ ଧାର୍ମିକ ସ୍ୱାଧୀନତାର ଉଲ୍ଲଂଘନ। କପିଲ ସିବଲ କହିଛନ୍ତି, "ମୁସଲମାନମାନଙ୍କ ମଧରେ ସମ୍ପତ୍ତି କିପରି ବଣ୍ଟାଯିବ ତାହା ନିଷ୍ପତ୍ତି ନେବା ପାଇଁ ରାଜ୍ୟ ସରକାର କିଏ ?" ଏହା ଉପରେ, ପ୍ରଧାନ ବିଚାରପତି ତାଙ୍କୁ ବାଧା ଦେଇ କହିଛନ୍ତି, "ହିନ୍ଦୁମାନଙ୍କ କ୍ଷେତ୍ରରେ ମଧ, ସଂସଦ ଦ୍ୱାରା ପ୍ରଣୀତ ହିନ୍ଦୁ ଉତ୍ତରାଧିକାର ଆଇନ ଅନୁଯାୟୀ ସମ୍ପତ୍ତିର ଉତ୍ତରାଧିକାର ସ୍ଥିର କରାଯାଏ।"

## ପଶ୍ଚିମବଙ୍ଗ ହିଂସାକୁ ନେଇ କେନ୍ଦ୍ରକୁ ଘେରିଲେ ମମତା



**କୋଲକାତା ୧୬।୪:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର କୋଲକାତାରେ ଇମାମଙ୍କ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ମମତା ମୁର୍ସିଦାବାଦ ହିଂସା ଲାଗି ବିଜେପିକୁ ଦାୟି କରି ଏହା ସୁନିୟୋଜିତ ଷଡ଼ଯନ୍ତ୍ର ଥିଲା ବୋଲି କହିଛନ୍ତି। ସେ କହିଛନ୍ତି ଯେ ବେଙ୍ଗଲରେ ଦଙ୍ଗା କରାଇବା ପାଇଁ ଲୋକଙ୍କୁ ବାହାରୁ ଆଣିବାରେ କେନ୍ଦ୍ରୀୟ ଏଜେନ୍ସୀର ଉପଯୋଗ କରାଯାଇଥିଲା। ବିଏସଏଫ କାହିଁକି ହିଂସାକୁ ରୋକିଲା ନାହିଁ ବୋଲି ମମତା ପ୍ରଶ୍ନ ଉଠାଇଛନ୍ତି। ମମତା ମୋଦିଙ୍କୁ ଅନୁରୋଧ କରିଛନ୍ତି ଯେ ସେ ଅମିତ ଶାହଙ୍କୁ କଣ୍ଟ୍ରୋଲ କରନ୍ତୁ। ଆମିତ ଶାହ ଆମ ବିରୋଧରେ ଏଜେନ୍ସୀମାନଙ୍କ ବ୍ୟବହାର କରୁଛନ୍ତି। ତେବେ ଚିନ୍ତା କରନ୍ତୁ ସେତେବେଳେ କଣ ହେବ ଯେତେବେଳେ ମୋଦି ପ୍ରଧାନମନ୍ତ୍ରୀ ନଥିବେ ବୋଲି କହିଛନ୍ତି। ତେବେ ଅମିତ ଶାହଙ୍କୁ ମମତା ଟାର୍ଗେଟ୍ କରିବା କିଛି ନୂଆ କଥା ନୁହେଁ। ୨୦୨୨ ମସିହାରେ ମମତା ବାନାର୍ଜୀ କହିଥିଲେ ଯେ ଯାଞ୍ଚ ଏଜେନ୍ସୀଙ୍କ ଦୁରୁପଯୋଗ ପଛରେ ପ୍ରଧାନମନ୍ତ୍ରୀଙ୍କ ହାତ ରହିଛି ମୋତେ ଲାଗୁ ନାହିଁ। କାରଣ ସିବିଆଇ ଓ ଇଡି ଗୃହମନ୍ତ୍ରାଳୟଙ୍କ ଅନ୍ତର୍ଗତ। ମମତା କେନ୍ଦ୍ରକୁ ଟାର୍ଗେଟ କରି କହିଛନ୍ତି ଯେ ବିଏସଏଫ ପଶ୍ଚିମବଙ୍ଗକୁ ଲାଗି ରହିଥିବା ବାଂଲାଦେଶର ୨,୨୦୦ କିଲୋମିଟର ସୀମାକୁ ଜଗି ରହିଛି। ଏଥିରେ ବାଂଲାଦେଶରୁ ଉପଦ୍ରବୀ ପଶ୍ଚିମବଙ୍ଗକୁ ଅନୁପ୍ରବେଶ କରିବା ପାଇଁ ବିଏସଏଫ ଦାୟୀ। ମମତା ବାନାର୍ଜୀ କହିଛନ୍ତି ଯେ ବେଙ୍ଗଲରେ ବିଜେପି ବାହାର ଲୋକଙ୍କୁ ଅଣାଇ ହିଂସା କରିଛି। ୱକଫକୁ ନେଇ ଲୋକଙ୍କୁ ଉସକା ଯାଇଛି। ସେ ମୁର୍ସିଦାବାଦ ହିଂସାକୁ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଏଣୁ ମମତା ଇଣ୍ଡିଆ ମେଣ୍ଟକୁ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ମମତା କହିଛନ୍ତି ଯେ ଆମେ ହିନ୍ଦୁ ଓ ମୁସଲମାନଙ୍କୁ ବାଣ୍ଟିହେବାକୁ ଦେବୁ ନାହିଁ। ଏହା କୌଣସି ଜଣକର ମାମଲା ନୁହେଁ। ୱକଫ ମାମଲାରେ ନିତିଶ କୁମାର ଓ ଚନ୍ଦ୍ରବାବୁ ନାୟଡୁ ନିରବତା ଅବଲମ୍ବନ କରୁଛନ୍ତି। ଏମାନେ କେବଳ ଶାସନ ଲୋଭି, ହେଲେ ଆମେ ଯେଉଁ ପର୍ଯ୍ୟନ୍ତ ଅଛୁ ହିନ୍ଦୁ ମୁସଲମାନ ହେବାକୁ ଦେବୁ ନାହିଁ।

# ପରମାଣୁ ଅସ୍ତ୍ର ନୁହେଁ, ପାଣି ଆଣିଛି ଇରାନ ପାଇଁ ସଙ୍କଟ

**ତେହେରାନ, ୧୬।୪:** ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇ ପ୍ରାୟତଃ ପରମାଣୁ ଅସ୍ତ୍ର ସାହାଯ୍ୟରେ ବିଶ୍ୱକୁ ଭୟଭୀତ କରିବାକୁ ଧମକ ଦେଇଥାନ୍ତି। ତେବେ ସେ ଏବେ ଏକ ନୂତନ ଭୟର ସମ୍ମୁଖୀନ ହୋଇଛନ୍ତି। ତାଙ୍କର ଭୟ ଏବେ ବୋମା କିମ୍ବା କ୍ଷେପଣାସ୍ତ୍ର ନୁହେଁ, ବରଂ ଦେଶର ପାଣି ଅଭାବ ପାଲଟିଛି। ଦେଶରେ ଭୟଙ୍କର ଜଳ ସଙ୍କଟ ତାଙ୍କର ନିଦ ହଜାଇ ଦେଇଛି। ଏହି ବିପଦ କେବଳ ପରିବେଶ ଉପରେ ନୁହେଁ, ବରଂ ଇରାନର ସାମାଜିକ ଏବଂ ରାଜନୈତିକ ସ୍ଥିରତା ପାଇଁ ମଧ ସଙ୍କଟ ସୃଷ୍ଟି କରିଛି। ଜଳ ସଙ୍କଟ ଯୋଗୁ ଖାମେନେଇଙ୍କ ଚିନ୍ତା ଏବେ ବଢ଼ିବାରେ ଲାଗିଛି। କାରଣ ଦେଶର ଅନେକ ପ୍ରମୁଖ ପ୍ରଦେଶରେ ଜଳ ପରିସ୍ଥିତି ଏକ "ଟିପିଂ ପଏଣ୍ଟ"ରେ ପହଞ୍ଚିଛି।

**୯୬% ଡ୍ୟାମ୍ ଖାଲି:** ଇରାନର ଶକ୍ତି ମନ୍ତ୍ରଣାଳୟର ଏକ ସାମ୍ପ୍ରତିକ ବିବୃତିରେ କୁହାଯାଇଛି ଯେ, ତେହେରାନ, ଇସଫାହାନ, ରଜାଭି ଖୋରାସାନ ଏବଂ ୟାଜଦ ଭଳି ପ୍ରମୁଖ ପ୍ରଦେଶଗୁଡ଼ିକରେ ଜଳ ସଙ୍କଟ ଖରାପ ସ୍ଥିତିରେ ପହଞ୍ଚିଛି। ରାଜଧାନୀ ତେହେରାନକୁ ପାଣି ଯୋଗାଣ କରୁଥିବା କାରାଜ ଡ୍ୟାମ୍ ଏବେ କେବଳ ୬% କ୍ଷମତାରେ କାର୍ଯ୍ୟ କରୁଛି, ଯାହାର ଅର୍ଥ ହେଉଛି ଡ୍ୟାମ୍‌ର ୯୪% ଖାଲି ରହିଛି।




**ଜଳ ସଙ୍କଟର ଦ୍ୱାରଦେଶରେ ଇରାନ:** ଇରାନର ଜଳ ସଙ୍କଟ ଦେଶର ନୀତି ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁ ଘଟିଛି। ୧୯୭୯ ବିପ୍ଳବ ପରେ, ଧାର୍ମିକ ନେତୃତ୍ୱ ଏକ ସ୍ୱାବଲମ୍ବୀ କୃଷି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ, ଯାହା ଜଳ ବ୍ୟବହାରକୁ ବହୁଗୁଣିତ କରିଥିଲା। ଗତ ୫୦ ବର୍ଷ ମଧରେ ଜନସଂଖ୍ୟା ୨୫୦% ରୁ ଅଧିକ ବୃଦ୍ଧି ପାଇଛି। ଏହା ସହିତ ପାଣିର ଚାହିଦା ମଧ ବୃଦ୍ଧି ପାଇଛି।

ଏହା ସହିତ, ଆଫଗାନିସ୍ତାନରୁ ଲକ୍ଷ ଲକ୍ଷ ବେଆଇନ ପ୍ରବାସୀ ଏବଂ ଗାଁରୁ ସହରକୁ ବଢୁଥିବା ସ୍ଥାନାନ୍ତରଣ ସହରାଞ୍ଚଳ ଜଳ ଯୋଗାଣ ଉପରେ ଚାପ ବୃଦ୍ଧି କରିଛି। ହେଲମାଣ୍ଡ ନଦୀରୁ ଜଳ ଯୋଗାଣ ମଧ ବନ୍ଦ ହୋଇଯାଇଛି, ଯାହା ଆଫଗାନିସ୍ତାନ ଏବଂ ଇରାନ ମଧରେ ସମ୍ପର୍କରେ ଉତ୍ତେଜନା ବୃଦ୍ଧି କରିଛି।

**ଲୋକେ ପାଣି ବିନା ବଞ୍ଚିବାକୁ ବାଧ ହେଉଛନ୍ତି:** ଇରାନର ଲୋକମାନେ ଘଣ୍ଟା ଘଣ୍ଟା ପାଣି ବିନା ରହିବାକୁ ବାଧ ହେଉଛନ୍ତି। ବହୁସମୟରେ ପାଣି ଟ୍ୟାପ୍‌ରୁ କାଦୁଅ ବାହାରୁଛି। ଡାକ୍ତରଖାନାଗୁଡ଼ିକରେ ପାଣି ଅଭାବ ସମସ୍ୟା ସୃଷ୍ଟି କରୁଛି। ଏହା ଦ୍ୱାରା ଖାଦ୍ୟ ସୁରକ୍ଷା ମଧ ପ୍ରଭାବିତ ହେଉଛି। ଏହି ସଙ୍କଟ କେବଳ ମଣିଷକୁ ନୁହେଁ ପ୍ରକୃତିକୁ ମଧ ପ୍ରଭାବିତ କରିଛି।

**ପ୍ରକୃତି ମଧ ଜଳ ସଙ୍କଟର ସମ୍ମୁଖୀନ ହେଉଛି:** ମଧପ୍ରାଚ୍ୟର ସବୁଠାରୁ ବଡ଼ ଲୁଣାପାଣି ହ୍ରଦ ଉର୍ମିଆ ହ୍ରଦ ଏବେ ୧,୦୦୦ ବର୍ଗ କିଲୋମିଟରରୁ କମ୍ ଅଞ୍ଚଳକୁ ହ୍ରାସ ପାଇଛି। ଏହା ଯୋଗୁ ସ୍ଥାନୀୟ ପ୍ରାଣୀ ପ୍ରଜାତି ବିଲୁପ୍ତ ହେବାରେ ଲାଗିଛନ୍ତି। ସେହିପରି ଲୁଣା-ଧୂଳି ଝଡ଼ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି ପରିସ୍ଥିତି ଜାରି ରହେ, ତେବେ ଜଳ ସଙ୍କଟ ଦେଶର ରାଜନୈତିକ ଏବଂ ସାମାଜିକ ସ୍ଥିରତାକୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ।

# ଟିମ୍ ଇଣ୍ଡିଆରେ ନିଯୁକ୍ତି ସୁଯୋଗ




**ନୂଆଦିଲ୍ଲୀ,୧୬।୪:** ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ(ବିସିସିଆଇ)ରେ ନିଯୁକ୍ତି ସୁଯୋଗ। ବୋର୍ଡ ପକ୍ଷରୁ ବୁଧବାର ଖାଲି ପଦବୀ ବିଷୟରେ ସୂଚନା ଦିଆଯାଇଥିଲା। ଇଣ୍ଡିଆ ମହିଳା ଟିମ୍‌କୁ ମୁଖ୍ୟ ଫିଜିଓଥେରାପିଷ୍ଟ ଏବଂ ପ୍ରଶିକ୍ଷକଙ୍କ ଆବଶ୍ୟକତା ଅଛି। ଖାଲି ପଦବୀ ସହିତ, ବିସିସିଆଇ ଆବଶ୍ୟକୀୟ ଯୋଗ୍ୟତା ଏବଂ ଅଭିଜ୍ଞତା ମଧ ଉଲ୍ଲେଖ କରିଛି। ଏହି ପଦବୀଗୁଡ଼ିକରେ କାର୍ଯ୍ୟ କରୁଥିବା ଲୋକମାନେ ଖେଳାଳିଙ୍କ ପ୍ରଦର୍ଶନକୁ ଉନ୍ନତ କରିବାରେ ସାହାଯ୍ୟ କରିବେ। ଏହା ସହିତ ଆଘାତ ପରେ ଶୀଘ୍ର ଆରୋଗ୍ୟ ପାଇଁ କାର୍ଯ୍ୟ କରିବେ। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ସିନିୟର ମହିଳା ଟିମ ଇଣ୍ଡିଆ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଖାଲି ପଦବୀ ପ୍ରକାଶ କରିଛି। ପ୍ରଥମ ପଦବୀଟି ମୁଖ୍ୟ ଫିଜିଓଥେରାପିଷ୍ଟଙ୍କ ପାଇଁ ଏବଂ ଦ୍ୱିତୀୟ ପଦବୀଟି ଷ୍ଟ୍ରେଙ୍ଗ୍‌ଥ ଏବଂ କଣ୍ଡିସନିଂ କୋଚ୍ ପାଇଁ। ଏହି ଦୁଇଟି ପଦବୀରେ କାମ କରୁଥିବା ଲୋକମାନେ ବେଙ୍ଗାଲୁରୁରେ ଅବସ୍ଥିତ ବିସିସିଆଇ ସେଣ୍ଟର ଅଫ ଏକ୍ସିଲେନ୍ସରେ କାମ କରିବେ। ଖେଳାଳିମାନେ ଆହତ ହେବା ପରେ ଫିଜିଓଙ୍କ ଦାୟିତ୍ୱ ବଢ଼ିଯିବ। ସେମାନେ ଖେଳାଳିମାନଙ୍କ ଆରୋଗ୍ୟ ପାଇଁ କାର୍ଯ୍ୟ କରିବେ। ଏଥିପାଇଁ ପ୍ରତିଦିନ ଅଧିବେଶନ ଅନୁଷ୍ଠିତ ହେବ। ଫିଜିଓ ପାଇଁ ଯୋଗ୍ୟତା କ'ଣ ହେବା ଉଚିତ?

କ୍ରୀଡା କିମ୍ବା ମସ୍କୁଲୋସ୍କେଲେଟାଲ ଫିଜିଓଥେରାପି/କ୍ରୀଡା ଏବଂ ବ୍ୟାୟାମ ଔଷଧ/କ୍ରୀଡା ପୁନର୍ବାସରେ ବିଶେଷଜ୍ଞତା ସହିତ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ଆବଶ୍ୟକ। ଏହା ସହିତ ଫିଜିଓଥେରାପିରେ ଅତି କମରେ ୧୦ ବର୍ଷର ଅଭିଜ୍ଞତା ମଧ ଆବଶ୍ୟକ। ଆବେଦନ କରୁଥିବା ଫିଜିଓଙ୍କର ଏକ ଦଳ କିମ୍ବା ଖେଳାଳିଙ୍କ ସହ କାମ କରିବାର ଅଭିଜ୍ଞତା ଥିବା ଆବଶ୍ୟକ। ଷ୍ଟ୍ରେଙ୍ଗ୍‌ଥ ଏବଂ କଣ୍ଡିସନିଂ ପ୍ରଶିକ୍ଷକମାନେ ଖେଳାଳିମାନଙ୍କ ପାଇଁ ୱାର୍ମଅପ ସୂଚୀବଦ୍ଧ କରିବେ। ଏହା ସହିତ ମ୍ୟାଚ ପୂର୍ବରୁ ଅଭ୍ୟାସ କରାଇବେ। ସେ ଖେଳାଳିମାନଙ୍କ ଫିଟନେସର ମଧ ଯତ୍ନ ନେବେ। ଏଥିପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଡିଜାଇନ କରିବାର ଦାୟିତ୍ୱ ରହିବ। ଏହି ପଦବୀ ପାଇଁ ଆବେଦନ କରିବାକୁ ହେଲେ, ସର୍ବନିମ୍ନ ୭ ବର୍ଷର ଅଭିଜ୍ଞତା ଆବଶ୍ୟକ। ଏହା ସହିତ ଜଣଙ୍କର ଦଳ କିମ୍ବା ଖେଳାଳିଙ୍କ ସହ କାମ କରିବାର ଅଭିଜ୍ଞତା ମଧ ରହିବା ଉଚିତ।

# ଗାର୍ଲଫ୍ରେଣ୍ଡଙ୍କ ସହ ବାବା ବାଗେଶ୍ୱରଙ୍କ ଶରଣରେ ଶିଖର

**ନୂଆଦିଲ୍ଲୀ, ୧୬।୪ (ସଞ୍ଚାର ବ୍ୟୁରୋ):** ପୂର୍ବତନ କ୍ରିକେଟର ଶିଖର ଧୱନ ଏବେ ନୂଆ ଗାର୍ଲଫ୍ରେଣ୍ଡକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଶୋଫି ସାଇନଙ୍କ ସହିତ ଶିଖରଙ୍କୁ ଦେଖିବାକୁ ମିଳିଛି। ଏହାରି ମଧ୍ୟରେ ଶିଖର ଧୱନ ଗାର୍ଲଫ୍ରେଣ୍ଡ ଶୋଫିଙ୍କ ସହିତ ବାଗେଶ୍ୱର ବାଲାଜୀ ସନାତନ ମଠରେ ପହଞ୍ଚି ବାଲାଜୀ ସରକାରଙ୍କ ଆଶୀର୍ବାଦ ନେଇଛନ୍ତି। ଧୀରେନ୍ଦ୍ର ଶାସ୍ତ୍ରୀ ପୂର୍ବତନ କ୍ରିକେଟରଙ୍କୁ ମଞ୍ଚକୁ ଡାକି ପ୍ରଶଂସା କରିଛନ୍ତି। ଶିଖରଙ୍କ ସହିତ ଗାର୍ଲଫ୍ରେଣ୍ଡ ଶୋଫି ମଧ ବାଗେଶ୍ୱର ବାବାଙ୍କ ଆର୍ଶୀବାଦ ନେଇଛନ୍ତି। ଧୀରେନ୍ଦ୍ର ଶାସ୍ତ୍ରୀ ଶିଖର ଧୱନଙ୍କୁ କେସର ରଙ୍ଗର ପଗଡି ପିନ୍ଧାଇ ତାଙ୍କୁ ସ୍ୱାଗତ କରିଛନ୍ତି। ଏହାସହିତ ପାରଦ ଶିବଲିଙ୍ଗର ପୂଜା କରିଛନ୍ତି ଶିଖର ଧୱନ।



# ଏମ୍‌ସିଏର ବଡ଼ ନିଷ୍ପତ୍ତି, ୱାଙ୍ଖଡେରେ ରୋହିତ ଷ୍ଟାଣ୍ଡ

**ମୁମ୍ବାଇ,୧୬।୪:** ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ)ର ବଡ ନିଷ୍ପତ୍ତି। ବୋର୍ଡର ୮୬ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରୁ ଆସିଲା ବଡ ଖବର। ମୁମ୍ବାଇର ପ୍ରତିଷ୍ଠିତ ୱାଙ୍ଖଡେ ଷ୍ଟାଡିୟମର ଏକ ଷ୍ଟାଣ୍ଡକୁ ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ନାମରେ ନାମିତ କରାଯିବ। ଏପରି ନିଷ୍ପତ୍ତି ନେଇ ରୋହିତ ଶର୍ମାଙ୍କ ନାମକୁ ଅମର କରିଦେଲା। ଏହାସହିତ, ପୂର୍ବତନ ବିସିସିଆଇ ସଭାପତି ଶରଦ ପାୱାର ଏବଂ ମହାନ ବ୍ୟାଟସମ୍ୟାନ ସ୍ୱର୍ଗତ ଅଜିତ ୱାଡେକରଙ୍କ ସମ୍ମାନାର୍ଥେ ଅନ୍ୟ ଦୁଇଟି ଷ୍ଟାଣ୍ଡର ନାମକରଣ ମଧ କରାଯିବାକୁ ନିଷ୍ପତ୍ତି ହୋଇଛି।

ତିନି ଜଣ କ୍ରିକେଟ ଆଇକନଙ୍କ ନାମରେ ଷ୍ଟାଣ୍ଡ ନାମକରଣ ପ୍ରସ୍ତାବ ରାଜନେତା ଏବଂ ଏମସିଏ ଆପେକ୍ସ କାଉନସିଲ ସଦସ୍ୟ ମିଲିନ୍ଦ ନାର୍ଭେକରଙ୍କ ଦ୍ୱାରା ଦିଆଯାଇଥିଲା। ସଂଘ ସର୍ବସମ୍ମତିକ୍ରମେ ନିମ୍ନଲିଖିତ ଷ୍ଟାଣ୍ଡଗୁଡ଼ିକର ନାମକରଣକୁ ଅନୁମୋଦନ କରିଛି। ଗ୍ରାଣ୍ଡ ଷ୍ଟାଣ୍ଡ ସ୍ତର ୩: ଶ୍ରୀ ଶରଦ ପାୱାର ଷ୍ଟାଣ୍ଡ, ଗ୍ରାଣ୍ଡ ଷ୍ଟାଣ୍ଡ ସ୍ତର ୪: ଅଜିତ ୱାଡେକର ଷ୍ଟାଣ୍ଡ ଏବଂ ଦିବେଚା ପାଭିଲିଅନ୍ ସ୍ତର ୩: ରୋହିତ ଶର୍ମା ଷ୍ଟାଣ୍ଡ। ଏନେଇ ଏମସିଏ ଏକ ବିବୃତ୍ତି ମଧ ଜାରି କରିଛି।

ୱାଙ୍ଖଡେ ଷ୍ଟାଡିୟମରେ ୨୦୧୧ ଦିନିକିଆ ବିଶ୍ୱକପ୍ ଫାଇନାଲ ସମେତ ଅନେକ ସ୍ମରଣୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏହି ଗ୍ରାଉଣ୍ଡରେ, ରୋହିତ ଶର୍ମା ୧୧ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୩୬ ହାରରେ ୪୦୨ ରନ୍ କରିଛନ୍ତି। ଯେଉଁଥିରେ ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ମୋଟାମୋଟି ଭାବରେ, ସେ ଏହି ସମ୍ମାନଜନକ ସ୍ଥାନରେ ଟି-୨୦ରେ ୨,୫୪୩ ରନ୍ କରିଛନ୍ତି। ଯେଉଁଥିରେ ଗୋଟିଏ ଶତକ ରହିଛି।





ଏମସିଏ ସଭାପତି ଅଜିଙ୍କ୍ୟ ନାଏକ କହିଛନ୍ତି, "ଆଜିର ନିଷ୍ପତ୍ତିଗୁଡ଼ିକ ମୁମ୍ବାଇ କ୍ରିକେଟର ସ୍ତମ୍ଭଗୁଡ଼ିକ ପ୍ରତି ଆମର ଗଭୀର ସମ୍ମାନ ଏବଂ ଏକ ମଜବୁତ ଭବିଷ୍ୟତ ଗଠନ ପାଇଁ ଆମର ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରେ। ଏହି ଷ୍ଟାଣ୍ଡ ଏବଂ ଏହି ଲାଉଞ୍ଜ ସର୍ବଦା ସେହି ଲୋକଙ୍କ ଐତିହ୍ୟକୁ ପ୍ରତିଫଳିତ କରିବ ଯେଉଁମାନେ ମୁମ୍ବାଇର କ୍ରିକେଟ୍ ଭାବନାକୁ ନିର୍ମାଣ କରିଥିଲେ।"

ୱାଙ୍ଖଡେ ଷ୍ଟାଡିୟମରେ ପୂର୍ବରୁ ଅନେକ ଭାରତୀୟ କ୍ରିକେଟ କିମ୍ବଦନ୍ତୀଙ୍କ ନାମରେ ଷ୍ଟାଣ୍ଡ ନାମିତ ହୋଇଛି। ଯେପରିକି ସଚିନ ତେନ୍ଦୁଲକର, ସୁନୀଲ ଗାଭାସ୍କର, ବିଜୟ ମର୍ଚ୍ଚାଣ୍ଟ ଏବଂ ଦିଲୀପ ଭେଙ୍ଗସରକାର। ଏବେ ରୋହିତ ମଧ ସେହି କ୍ଲବରେ ସାମିଲ ହୋଇଛନ୍ତି। ରୋହିତ ଶର୍ମାଙ୍କ ନେତୃତ୍ୱରେ, ଭାରତ ଲଗାତାର ଦୁଇଟି ଆଇସିସି ଟୁର୍ଣ୍ଣାମେଣ୍ଟ ଜିତିଛି। ୨୦୨୪ରେ ଆଇସିସି ଟି-୨୦ ବିଶ୍ୱକପ୍ ଏବଂ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ ହୋଇଛି ଭାରତ।

# ୮ ବର୍ଷ ପରେ ଶିଶୁପୁତ୍ରର ଜନକ ହେଲେ ଜାହିର ଏବଂ ସାଗରିକା

**ନୂଆଦିଲ୍ଲୀ, ୧୬।୪ (ସଞ୍ଚାର ବ୍ୟୁରୋ):** ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର ଜାହିର ଖାନ ଏବଂ ଅଭିନେତ୍ରୀ ସାଗରିକା ଘଟକେଙ୍କ ଘରକୁ ଆସିଛନ୍ତି କୁନି ଅତିଥି। ଜାହିରଙ୍କ ପତ୍ନୀ ସାଗରିକା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ବିବାହର ଦୀର୍ଘ ୮ ବର୍ଷ ପରେ ଦୁହେଁ ପ୍ରଥମ ପିଲାଙ୍କୁ ଭିନ୍ନ ଅନ୍ଦାଜରେ ସ୍ୱାଗତ କରିଛନ୍ତି। ଦୁହେଁ ଇନଷ୍ଟାଗ୍ରାମରେ ଏକ ଫଟୋ ସେୟାର କରିଛନ୍ତି। ଏହାସହିତ ପିଲାର ନାମ ମଧ ସମସ୍ତଙ୍କ ସହିତ ସେୟାର କରିଛନ୍ତି। ସାଗରିକା ଏବଂ ଜାହିର ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି, ବେବି ବଏର ମାତାପିତା ହେଇଗଲୁ। ଏହାସହିତ ପିଲାର ନାମ ଫତେହସିନ ଖାନ ରଖିଥିବା ଜଣାପଡିଛି। ଫଟୋରେ ଦୁହେଁ କଳାଧଳା ଫଟୋରେ ଜାହିରଙ୍କ କୋଳରେ ପୁଅକୁ ଧରିଥିବା ନଜର ଆସିଥିବା ବେଳେ ସାଗରିକା ସୋଫା କଡରେ ବସିଥିବା ନଜର ଆସିଛନ୍ତି। ଆଉ ଏକ ଫଟୋରେ ଦୁହେଁ ପିଲାର ହାତ ଧରିଥିବା ନଜର ଆସିଛନ୍ତି।




# ମୀରାବାଈ ଚାନୁଙ୍କୁ ଗୁରୁ ଦାୟିତ୍ୱ



**ନୂଆଦିଲ୍ଲୀ ୧୬।୪:** ଟୋକିଓ ଅଲମ୍ପିକ୍ସରେ ପଦକ ବିଜେତା ମୀରାବାଈ ଚାନୁଙ୍କୁ ଗୁରୁ ଦାୟିତ୍ୱ। ଭାରତୀୟ ଭାରଉତ୍ତୋଳନ ମହାସଂଘଙ୍କ ଅଧକ୍ଷା ନିଯୁକ୍ତ ହୋଇଛନ୍ତି ମୀରା। ଦାୟିତ୍ୱ ତୁଲାଇବା ସହିତ ଏହା ଭାରଉତ୍ତୋଳନର ସ୍ୱର ଶାଣିତ କରିବାର ଅବସର ବୋଲି କହିଛନ୍ତି ମୀରାବାଈ। ଆଇଡ଼ବ୍ଲୁଏଫ୍‌ର ଅଧକ୍ଷା ନିଯୁକ୍ତ ହେବା ପରେ ମୀରା କହିଛନ୍ତି, ମୋତେ ଅଧକ୍ଷା ଭାବେ ନିଯୁକ୍ତି କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଏହି ଦାୟିତ୍ୱକୁ ତୁଲାଇବାକୁ ସଂକଳ୍ପ ନେଉଛି। ଏହା ସହିତ ବିଭିନ୍ନ ମଞ୍ଚରେ ଭାରଉତ୍ତୋଳନ କ୍ରୀଡ଼ାବିତ୍‌ଙ୍କ ସ୍ୱରକୁ ଶାଣିତ କରିବି। ସେମାନେ କିପରି ଖେଳ ଉପରେ ଧାନ ଦେବେ ସେ ଦିଗରେ ଦୃଷ୍ଟି ଦେବି। କହିବାକୁ ଗଲେ ୨୦୨୧ରେ ମୀରାବାଈ ଚାନୁ ଟୋକିଓ ଅଲମ୍ପିକ୍ସରେ ୪୯କେଜି ବର୍ଗରେ ରୌପ୍ୟ ପଦକ ଜିତିଥିଲେ। କରନମ ମାଲେଶ୍ୱରୀଙ୍କ ପରେ ମୀରା ଦ୍ୱିତୀୟ ଭାରତୀୟ ଭାରଉତ୍ତୋଳନ କ୍ରୀଡ଼ାବିତ୍ ଯିଏକି ଅଲମ୍ପିକ୍ସ ମେଡ଼ାଲ ଜିତିଥିଲେ। ୨୦୨୩ ଏସିଆନ୍ ଗେମ୍ସରେ ପଦକ ଜିତିବାର ସ୍ୱପ୍ନ ଦେଖିଥିଲେ ହେଲେ ଆହତ ସମସ୍ୟା ପାଇଁ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲେ।

# ମ୍ୟାଚ୍ ବିଜୟ ପରେ ବି ଥରୁଥିଲେ ପ୍ରୀତି

**ଚଣ୍ଡିଗଡ,୧୬।୪:** ଏକ ରୋମାଞ୍ଚକ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ) ୧୬ ରନରେ କୋଲକାତା ନାଇଟ୍ ରାଇଡର୍ସ(କେକେଆର୍)କୁ ପରାସ୍ତ କରିଛି। ପଞ୍ଜାବ ପକ୍ଷରୁ ୧୧୨ ରନର ବିଜୟ ଲକ୍ଷ୍ୟ ଆଗରେ କେକେଆର ମାତ୍ର ୯୫ ରନ କରିବାକୁ ସକ୍ଷମ ହୋଇଥିଲା। ଏହା ପଞ୍ଜାବର ଚତୁର୍ଥ ବିଜୟ ହୋଇଥିବା ବେଳେ କୋଲକାତା ଲାଗି ଏହା ଚତୁର୍ଥ ପରାଜୟ। ବିଜୟ ପରେ ପଞ୍ଜାବ ଦଳର ମାଲିକାଣୀ ପ୍ରୀତି ଜିଣ୍ଟା ବହୁତ ଖୁସି ଥିଲେ, ସେ ପଡ଼ିଆରେ ଥିବା ସମସ୍ତ ଖେଳାଳିଙ୍କୁ ଭେଟି ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ମ୍ୟାଚର ଶ୍ରେଷ୍ଠ ଖେଳାଳି ଯୁଜବେନ୍ଦ୍ର ଚହଲଙ୍କୁ ମଧ ଆଲିଙ୍ଗନ କରିଥିଲେ। ବିଜୟ ପରେ ମଧ ପ୍ରୀତି ଥରି ଉଠିଥିଲେ, ସେ ନିଜେ କୋଚଙ୍କୁ ଏହା କହିଥିଲେ! ୧୧୨ ରନର ପିଛା କରି କୋଲକାତା ନାଇଟ ରାଇଡର୍ସ ୬୨/୨ କରିଥିଲା, ୭୫ ବଲରୁ ୫୦ ରନ ଆବଶ୍ୟକ କରୁଥିଲା ଏବଂ ଏହି ସମୟ ପର୍ଯ୍ୟନ୍ତ କେହି ଭାବି ନ ଥିଲେ ଯେ ପଞ୍ଜାବ କିଙ୍ଗ୍ସ ଏଠାରୁ ମ୍ୟାଚ ଜିତିପାରିବ। କିନ୍ତୁ ଯୁଜବେନ୍ଦ୍ର ଚହଲ ଏହି ଭାଗୀଦାରି ଭାଙ୍ଗି ରାହାଣେଙ୍କୁ ଏଲବିଡବ୍ଲୁ ଆଉଟ କରିଥିଲେ, ଏହା ମ୍ୟାଚ୍‌ର ମୋଡ଼ ସାବ୍ୟସ୍ତ ହୋଇଥିଲା। କାରଣ ଏହିଠାରୁ କେକେଆର ବ୍ୟାଟସମ୍ୟାନମାନେ ତାସ ପତା ପରି ଭାଙ୍ଗି ପଡ଼ିଥିଲେ। ପ୍ରୀତି ଜିଣ୍ଟାଙ୍କ ଦୁଃଖ ଖୁସିରେ ପରିଣତ ହେଲା। ବିଜୟ ପରେ ପଞ୍ଜାବ କିଙ୍ଗ୍ସର ମାଲିକାଣୀ ପ୍ରୀତି ପ୍ରଥମେ ଗ୍ରାଉଣ୍ଡକୁ ଯାଇଥିଲେ, ସେ ଅଧିନାୟକ ଶ୍ରେୟସ ଆୟରଙ୍କ ସମେତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସମୟରେ ସେ କୋଚ ରିକି ପଣ୍ଟିଂଙ୍କୁ ଭେଟି ତାଙ୍କୁ ଆଲିଙ୍ଗନ କରିଥିଲେ। ଏହା ପରେ, ସେ କୋଚଙ୍କୁ ତାଙ୍କ ଦୁଇ ହାତ ଛୁଇଁବାକୁ କହିଥିଲେ। ଭିଡିଓରେ ଦେଖାଯାଉଛି ଯେ, ତାଙ୍କ ଦୁଇ ହାତ ଥରୁଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରାପଡ଼ିଆଙ୍କୁ...

କେନ୍ଦ୍ରାପଡାରେ ମେଡିକାଲ କଲେଜ ପାଇଁ ବାଟ ଖୋଲିଛି। ହେଲେ କାଳେ କିଏ ଏହି ଶ୍ରେୟ ନେଇଯିବ ତେଣୁ ବିରୋଧି ବିଧାୟକଭାବେ ଗଣେଶ୍ୱର ପୁଣିଥରେ ମେଡିକାଲ କଲେଜ ସୁଆଙ୍ଗ ଆରମ୍ଭ କରିଦେଇଛନ୍ତି। ଗଣେଶ୍ୱର ପୂର୍ବରୁ ଦୁଇ ଦୁଇଥର କଂଗ୍ରେସ ବ୍ୟାନରରେ ମହା ଆନ୍ଦୋଳନ ଡାକରା ଦେଇ କେନ୍ଦ୍ରାପଡା ଜିଲ୍ଲାପାଳ ଅଫିସର ଘେରାଉ କରିଥିବାବେଳେ ଏଥର ବି ସମାନ ଢଙ୍ଗରେ ବିଜେଡି ବ୍ୟାନରରେ ଜିଲ୍ଲାପାଳ ଅଫିସ ଘେରାଉ କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା ପରେ ଗଣେଶ୍ୱରଙ୍କ ଏଭଳି ଜିଲ୍ଲାପାଳ ଦପ୍ତର ଘେରାଉ ରାଜନୀତି କରି କେନ୍ଦ୍ରାପଡା ଲୋକଙ୍କୁ ଓଲୁ ଭାବିବା ସହିତ ଚଷମା ପିନ୍ଧାଉଥିବା ନେଇ ଚର୍ଚ୍ଚା ଜୋର ଧରିଛି। ତେଣେ ଗଣେଶ୍ୱରଙ୍କର ଏଭଳି ଚଷମା ପିନ୍ଧା ରାଜନୀତିକୁ ଜିଲ୍ଲା ବିଜେପି କଟୁ ସମାଲୋଚନା କରିବାରେ ଲାଗିଛି। ଯେଉଁ ବିଜେଡି ବ୍ୟାନର ତଳେ ଗଣେଶ୍ୱର ଏବେ ବିଜେପିକୁ ସମାଲୋଚନା କରୁଛନ୍ତି କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠାରେ ବିଳମ୍ବ ପାଇଁ ସେହି ଦଳ ହିଁ ମୁଖ୍ୟ କାର୍ପଟଦାର ବୋଲି କହିଛନ୍ତି ଜିଲ୍ଲାର ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ବିଜେପି ଉପସଭାପତି ସଲିମ ଖାନ୍।

### ମେଡିକାଲ...

ବିଜେଡି ସରକାରରେ କେନ୍ଦ୍ରାପଡା ଅଞ୍ଚଳର ପୁରୁଖା ନେତା ଅତନୁ ସବ୍ୟସାଚୀ ନାୟକ ଓ ପ୍ରତାପ ଜେନା ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିବା ସତ୍ତ୍ୱେ ମେଡିକାଲ କଲେଜ ପ୍ରତିଷ୍ଠାରେ ସକ୍ଷମ ହେଲେନାହିଁ। ବରଂ ତୃତୀୟ ମହଲାର ଚାଟୁକାର ସାଜି କେନ୍ଦ୍ରାପଡା ଟାଉନରୁ ମେଡିକାଲକୁ ରାତିଅଧିଆ କେନ୍ଦ୍ର ସରକାରଙ୍କ ପାଣ୍ଠିରେ ନିର୍ମିତ ସ୍ୱତନ୍ତ୍ର ମେଡିକାଲକୁ ସ୍ଥାନାନ୍ତର କରି ଜନଅସନ୍ତୋଷର ସମ୍ମୁଖୀନ ହୋଇଥିଲେ। ଏନେଇ ଯେଉଁମାନେ ଦିନେ ମିଳିତ କ୍ରିୟାନୁଷ୍ଠାନ କମିଟି କରି ବିଜେଡିକୁ ଦିନ ରାତି ଗାଳିଦେଉଥିଲେ, ସେମାନେ ଏବେ ଦଳର କୁଜିନେତା ହୋଇ ମେଡିକାଲ କଲେଜ ଦାବି କରିବା ଏକ ପ୍ରହସନ ବ୍ୟତୀତ ଆଉ କିଛି ବି ନୁହେଁ। ସେହିପରି ଦଳ ଆୟୁଷ୍ମାନ ଭାରତ ଯୋଜନା ବି ଲାଗୁକରିନଥିଲା। ତେଣୁ ବିଜେଡି ତା'ର କୁମ୍ଭୀର କାନ୍ଦଣା ବନ୍ଦ କରିବା ଉଚିତ ବୋଲି ଶ୍ରୀ ଖାନ୍ କହିଛନ୍ତି। ଏଥିସହ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବାର କେଇ ମାସ ଭିତରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ କେନ୍ଦ୍ରାପଡା ସମେତ ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇସାରିଛନ୍ତି। ସରକାର ନିଶ୍ଚିତ ଭାବେ ତାଙ୍କ ପ୍ରତିଶ୍ରୁତି ପାଳନ କରିବେ। ଅପାରଗ ବିଜେଡି ସରକାର ନିଜ ସ୍ୱାର୍ଥ ଓ ଚାଟୁକାରିତାରେ ବୁଡ଼ି ରହି କେନ୍ଦ୍ରାପଡାବାସୀଙ୍କ ପ୍ରତି ବିଶ୍ୱାସଘାତକତା କରିଛି। ତେଣୁ ଦଳର ମେଡିକାଲ କଲେଜ ଦାବି ଏକ ଷଡ଼ଯନ୍ତ୍ର ବ୍ୟତୀତ ଅନ୍ୟ କିଛି ବି ହୋଇପାରେନା ବୋଲି ଶ୍ରୀ ଖାନ୍ କହିଛନ୍ତି।

### ବନ୍ଧାହେଲେ...

କୁମାର ତ୍ରିପାଠୀଙ୍କ ଘରୁ ୨୩.୯୫ ଲକ୍ଷ ଟଙ୍କା ଜବତ ହୋଇଛି। ସେହିପରି ଶ୍ରୀ ଶତପଥୀଙ୍କ ନାମରେ ଢେଙ୍କାନାଳର ଗାୟତ୍ରୀ ନଗରଠାରେ ୫ ହଜାର ବର୍ଗଫୁଟ ଅଞ୍ଚଳରେ ଏକ ଦ୍ୱିତଳ ପ୍ରାସାଦ ରହିଥିବା ବେଳେ ବାରଙ୍ଗ ଓ ଅନ୍ୟାନ୍ୟ ସ୍ଥାନରେ ୧୭ଟି ଦାମୀ ପ୍ଲଟ୍ ଥିବା ଜଣାପଡ଼ିଛି। ଏହାଛଡ଼ା ତାଙ୍କ ଘରୁ ୩୨୬ ଗ୍ରାମ ଓଜନର ସୁନାଗହଣା ଜବତ ହୋଇଛି। ସେହିପରି ତାଙ୍କ ବାସଭବନରୁ ୨ଟି ଚାରିଚକିଆ (ହୋଣ୍ଡା ଜାଜ୍ ଓ ହ୍ୟୁଣ୍ଡାଇ ଆଇ୨୦) ସହ ୨ଟି ଦୁଇଚକିଆ ଯାନ ମଧ ଜବତ କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ଶ୍ରୀ ଶତପଥୀଙ୍କ ନାଁରେ ଆହୁରି ଅନେକ ସମ୍ପତ୍ତି ଥିବା ଅନୁମାନ କରାଯାଉଛି।

### ମଜଭୁତ...

ପରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଗଠନ ହେଲା ପରେ ଖଦୀର ପ୍ରଚାର ପ୍ରସାର ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି କହିଛନ୍ତି ଯେ ଆମ ସରକାର ଏକ ସମାବେଶୀ ସରକାର। ଆମେ ପରିବାରର ସବୁ ସଦସ୍ୟଙ୍କୁ ଯୋଜନାରେ ସାମିଲ କରିଛୁ। ପରିବାରର ଜଣେ ଯଦି ପିଏମ୍ ବିଶ୍ୱକର୍ମା ଯୋଜନାରେ ଲାଭ ପାଉଛି, ସେହି ଘରର ମହିଳା ସୁଭଦ୍ରା ଯୋଜନାରେ ମଧ ସାମିଲ ରହୁଛନ୍ତି। ଅନ୍ତ୍ୟୋଦୟ ଗୃହ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନାରେ ମଧ ଉକ୍ତ ପରିବାର ଲାଭ ପାଉଛି। ଗତ ସରକାର ଅନେକ ଯୋଜନାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପୂରଣ କଲେ ନାହିଁ। ଆମ ସରକାର ଆସିବା ପରେ ଯାହା ପ୍ରତିଶ୍ରୁତି ଦେଇଥିଲୁ ତାକୁ ପାଳନ କଲୁ। ଚାଷୀ, ମହିଳା, ଶ୍ରମିକ, ଯୁବବର୍ଗ ସମସ୍ତଙ୍କ ପାଇଁ ଆମେ କାମ କରୁଛୁ। ସେହିପରି ମୟୂରଭଞ୍ଜର ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜିଲ୍ଲାରେ ୭୦୦୦ କୋଟି ଟଙ୍କା ବିନିଯୋଗରେ ଇସ୍ପାତ, ଗ୍ରିନ ହାଇଡ୍ରୋଜେନ, ଅଟୋ ପାର୍ଟସ୍ ଭଳି ୧୦ଟି ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ହେବ। ଏହା ମାଧ୍ୟମରେ ୫,୧୨୫ ଜଣ ନିଯୁକ୍ତି ପାଇବେ। ଏଥିସହିତ ଗୋଟିଏ ଏମ୍‌ଏସ୍‌ଏମ୍‌ଇ ପାର୍କ ମଧ ଜିଲ୍ଲାରେ ପ୍ରତିଷ୍ଠା କରାଯିବ। ଫଳରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ମୟୂରଭଞ୍ଜ ସର୍ବାଗ୍ରେ ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ଜିତନ ରାମ ମାଂଝୀ କହିଲେ ଯେ ଭାରତ ବର୍ଷରେ ଆଜି ୭୦ ପ୍ରତିଶତ ଗରୀବ ଲୋକଙ୍କ ପାଇଁ ଏମ୍‌ଏସ୍‌ଏମ୍‌ଇ ଜରିଆରେ ବ୍ୟାପକ ଜନକଲ୍ୟାଣକାରୀ ଯୋଜନା ଆରମ୍ଭ କରାଯାଉଛି। ଗ୍ରାମାଞ୍ଚଳରେ କୃଷି ବ୍ୟତୀତ ଏମ୍‌ଏସ୍‌ଏମ୍‌ଇ ଅଧିକ ରୋଜଗାର ଯୋଗାଉଛି। ଏହି ବିଭାଗ ପ୍ରତି ପ୍ରଧାନମନ୍ତ୍ରୀଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି। କୌଳିକ ବୃତ୍ତିରେ କାମ କରୁଥିବା ଲୋକଙ୍କ ଦୁଃଖ ଓ ଅସୁବିଧାକୁ ଦେଖି ପ୍ରଧାନମନ୍ତ୍ରୀ ପିଏମ୍ ବିଶ୍ୱକର୍ମା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ କୌଳିକ ବୃତ୍ତିଧାରୀଙ୍କ ୪ ପ୍ରତିଶତ ଉତ୍ପାଦ ଏସ୍‌ସି, ଏସ୍‌ଟି ହବ୍ ଜରିଆରେ ସରକାର କିଣିବେ। ଚଳିତ ବର୍ଷ ବଜେଟ୍‌ରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବ୍ୟୟ ଅଟକଳକୁ ଦ୍ୱିଗୁଣିତ କରାଯାଇଛି। ଏମ୍‌ଏସ୍‌ଏମ୍‌ଇ ଜରିଆରେ ବେରୋଜଗାର ଦୂର କରିପାରିବା। ଆମର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ସବୁପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ଆମେ ପ୍ରୟାସ ଜାରି ରଖିଛୁ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଏହି ଯୋଜନାର ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ ସାର୍ଟିଫିକେଟ୍, ଋଣ ମଞ୍ଜୁରୀ ପତ୍ର ଓ ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଗ୍ରାମୀଣ ଅର୍ଥନୀତିର ଆତ୍ମା ହେଉଛି ଏମ୍‌ଏସ୍‌ଏମ୍‌ଇ। ଗ୍ରାମାଞ୍ଚଳର ଅର୍ଥନୀତିକୁ ଆହୁରି ସୁଦୃଢ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଏହି ମହତ୍ୱକାଂକ୍ଷୀ ଯୋଜନା କାର୍ଯ୍ୟକାରୀ ହୋଇଛି। ଆମେ ଷ୍ଟାର୍ଟଅପ କ୍ଷେତ୍ରରେ ଗ୍ରାମାଞ୍ଚଳର ଯୁବକଯୁବତୀଙ୍କୁ ଅଧିକ ପ୍ରୋତ୍ସାହନ ଦେଉଛୁ। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନବ ଚରଣ ମାଝୀ, ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ବଡ଼ସାହି ବିଧାୟକ ସନାତନ ବିଜୁଳୀ, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଭାଦବ ହାଂସଦା ଓ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ସେମାନଙ୍କ ଅଭିଭାଷଣ ପ୍ରଦାନ କରିଥିଲେ। ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଯୁଗ୍ମ ସଚିବ ଧନ୍ୟବାଦ ଦେଇଥିଲେ।

### ସଡ଼କ...

ମଧ କରିପାରନ୍ତି କେନ୍ଦ୍ରମନ୍ତ୍ରୀ। ଓଡ଼ିଶା ପକ୍ଷରୁ ଚଳିତ ବର୍ଷ ୨୮ ହଜାର କୋଟିର ଅନୁଦାନ ଦାବି ହୋଇଛି। ଗତକାଲି ମୁଖ୍ୟମନ୍ତ୍ରୀ ମଧ ଚିଠି ଲେଖି ଅନେକ ପ୍ରକଳ୍ପ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ଏହାରି ଭିତରେ ଗଡ଼କରୀ ପାଖାପାଖି ୯ ହଜାର କୋଟି ଟଙ୍କାର ଅନୁଦାନ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି।

### ଲକ୍ଷପତି...

କାର୍ଯ୍ୟକାରୀ କରାଯାଇଛି ଏବଂ କେନ୍ଦ୍ର ପ୍ରାୟୋଜିତ ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନଆରଏଲଏମ)ର ଲକ୍ଷ୍ୟ ସହ କାର୍ଯ୍ୟକାରୀ କରାଯାଇଛି। ମିଶନ-ମୋଡ୍‌ରେ ଆରମ୍ଭ ହୋଇ ଏହି କାର୍ଯ୍ୟକ୍ରମ ରାଜ୍ୟରେ ବିଭାଗୀୟ ସହଭାଗିତା, ଆଞ୍ଚଳିକ ସ୍ତରରେ ନେତୃତ୍ୱ ଏବଂ ଜୀବନ ଜୀବିକାକୁ ସୁଦୃଢ଼ କରି ଏକ ଶକ୍ତିଶାଳୀ ମଡେଲ ଭାବେ ଉଭା ହୋଇଛି। ତୃଣମୂଳ ସ୍ତରରୁ ସମ୍ଭାବ୍ୟ ଲକ୍ଷପତି ଦିଦି (ପିଏଲଡି)ଙ୍କୁ ଘର ଘର ବୁଲି ଚିହ୍ନଟ ଅଭିଯାନ ମାଧ୍ୟମରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍‌ଏସ୍), ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ନେତ୍ରୀ ତଥା ଓଏଲଏମ ଅଧିକାରୀ ଘରକୁ ଘର ସର୍ବେକ୍ଷଣ କରି ଆୟ ସ୍ତର, ଦକ୍ଷତା, ଓ ଆର୍ଥିକ ସ୍ୱାଧୀନତାର ଆକାଂକ୍ଷା ତର୍ଜମା କରିଥିଲେ। ଏହି ମହିଳାମାନଙ୍କୁ ଚିହ୍ନଟ କରାଯିବା ସହ ପ୍ରଶିକ୍ଷଣ, ଆବଶ୍ୟକୀୟ ସହାୟତା ଓ ମାର୍ଗଦର୍ଶନ ମଧ ଦିଆଯାଇଥିଲା। ପ୍ରତି ସମ୍ଭାବ୍ୟ ଲକ୍ଷପତି ଦିଦି (ପିଏଲଡିଙ୍କ ପାଇଁ ବ୍ୟକ୍ତିଗତ ବ୍ୟବସାୟ ବିକାଶ ଯୋଜନା (ବିଡିପିଏସ୍) ପ୍ରସ୍ତୁତ କରାଯାଇଥିଲା। ଏହା ସେମାନଙ୍କ ସ୍ଥାନୀୟ ପରିବେଶ ଓ କ୍ଷମତା ଅନୁଯାୟୀ ବିଦ୍ୟମାନ ଅର୍ଥନୈତିକ କାର୍ଯ୍ୟକଳାପକୁ ଆହୁରି ବିସ୍ତାର କରିବା ପାଇଁ ମାର୍ଗଦର୍ଶନ କରାଇଥିଲା। ଏହି ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ରାଜ୍ୟ ସରକାର ଓଡ଼ିଶାର ପ୍ରତି କୋଣଅନୁକୋଣରେ ସ୍ଥାନୀୟ (ଅନସାଇଟ୍) ପ୍ରଶିକ୍ଷଣ ଅଧିବେଶନର ଆୟୋଜନ କରିଥିଲେ। ମାଷ୍ଟର ଟ୍ରେନର୍‌ମାନେ ମହିଳାଙ୍କୁ ବୈଷୟିକ ଓ ଉଦ୍ୟୋଗିକ ଦକ୍ଷତା ହାସଲ କରିବାରେ ସହାୟତା କରିଥିଲେ, ଯେଉଁଥିରେ ସିଲାଇ, ଛତୁ ଚାଷ, ପଶୁପାଳନ ତଥା ଖାଦ୍ୟ ପ୍ରକ୍ରିୟାକରଣ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ପ୍ରଶିକ୍ଷଣ ମାଧ୍ୟମରେ ମହିଳାମାନେ ପାରମ୍ପରିକ ଜ୍ଞାନକୁ ବ୍ୟାବହାରିକ କୌଶଳ ମାଧ୍ୟମରେ ବ୍ୟବସାୟରେ ପରିଣତ କରିବାର ମାର୍ଗ ପାଇଥିଲେ। ଆବର୍ତ୍ତନ ପାଣ୍ଠି ୧୫ ହଜାରରୁ ବୃଦ୍ଧି କରି ୩୦ ହଜାର କରାଯାଇଥିବା ବେଳେ କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡକୁ ୩୫ ଲକ୍ଷରୁ ୬୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଗ୍ରାମୀଣ ଉଦ୍ୟୋଗୀମାନଙ୍କ ପାଇଁ ଋଣର ବୋଝକୁ ହାଲୁକା କରିବା ଓ ଏସ୍‌ଏଚ୍‌ଜିଙ୍କ ପାଇଁ ସେମାନଙ୍କର କ୍ଷୁଦ୍ର ଉଦ୍ୟୋଗ ଆରମ୍ଭ କିମ୍ବା ବିସ୍ତାର ଦିଗରେ ସକ୍ଷମ କରିବା ନିମନ୍ତେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯିବା ଧାରା ଜାରି ରହିବ ବୋଲି କୁହାଯାଇଛି।

### ଭାଣ୍ଡିଆ...

ମହାନ୍ତି ବିଜୁ ପ୍ରତିମୂର୍ତ୍ତିରେ ନିଆଁ ଲଗାଯିବା ଘଟଣାରେ ଦଳୀୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ସରକାରୀ ଦଳ ଉପରେ ବର୍ଷିଥିଲେ। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ସାମ୍ବାଦିକ ସମ୍ମିଳନୀ ପରେ ବିଜେଡିର ଏହି ନେତାମାନେ ଡିଜିଙ୍କୁ ଭେଟି ସ୍ମାରକପତ୍ର ଦେଇଥାନ୍ତେ। ଏଥିପାଇଁ ଗଣମାଧ୍ୟମକୁ ମଧ ପ୍ରାୟ ଦେଢ଼ ଘଣ୍ଟା ଆଗରୁ ସୂଚନା ଦିଆଯାଇଥିଲା।

କିନ୍ତୁ ଦୁଇଟିଯାକ ଘଟଣାକୁ ନେଇ ବିଜେଡି ନିଜସ୍ୱ ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରୁଥିବା ବେଳେ ଡିଜିଙ୍କୁ ମୋହରା ବନେଇବାକୁ ଚେଷ୍ଟା କରୁଥିଲା। ପ୍ରତିମୂର୍ତ୍ତି ପୋଡା ଘଟଣାର ସିସିଟିଭି ଫୁଟେଜ କହୁଛି ଜଣେ ମାନସିକ ବିକୃତ ବ୍ୟକ୍ତି ଏଥିରେ ନିଆଁ ଲଗେଇ ଦେଇଛନ୍ତି। ଘଟଣା ସମୟରେ ତାଙ୍କ ସହ କେହି ନଥିଲେ। ଏମିତି ବି ପୂର୍ବରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ନେଇ ବିବାଦ ଲାଗିରହିଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏହା ଉନ୍ମୋଚିତ ହୋଇନଥିଲା। ସେହିଭଳି ପୂର୍ବତନ ବିଧାୟକଙ୍କ ଉପରେ ଆକ୍ରମଣ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି ଓ ଅନ୍ୟମାନଙ୍କୁ ଧରିବାକୁ ଚେଷ୍ଟା କରୁଛି। କିନ୍ତୁ ଦୁଇଟିଯାକ ଘଟଣାରେ ବିଜେଡି ପୁଲିସକୁ ଆକ୍ଷେପ କରି ଡିଜିଙ୍କୁ ସ୍ମାରକପତ୍ର ଦେଇ ନିଜସ୍ୱ ମାଇଲେଜ ନେବାକୁ ଚେଷ୍ଟା କରୁଛି। ତେଣୁ ବୋଧହୁଏ ଡିଜିପି ବିଜେଡିର ଏହି ଚାଲକୁ ଏଡାଇବାକୁ ଆଜି ସମୟ ଦେଇନଥିବା ଚର୍ଚ୍ଚା ହେଉଛି।

### ଜଷ୍ଟିସ୍...

୬୫ ବର୍ଷ ବୟସରେ ଅବସର ନେବା ପରେ ଜଷ୍ଟିସ୍ ଖାନ୍ନା ଗତ ନଭେମ୍ବରରେ ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବି.ଆର୍. ଗଭାଇଙ୍କ ଜନ୍ମ ୨୪ ନଭେମ୍ବର ୧୯୬୦ରେ ଅମରାବତୀରେ ହୋଇଥିଲା। ସେ ୧୬ ମାର୍ଚ୍ଚ ୧୯୮୫ରେ ବାର୍‌ରେ ଯୋଗ ଦେଇଥିଲେ। ଅପର ପକ୍ଷରେ ଜଷ୍ଟିସ୍ ଗଭାଇ ପ୍ରାୟ ୬ ମାସ ପାଇଁ ଭାରତର ମୁଖ୍ୟ ବିଚାରପତି ରହିବେ। ସେ ଆସନ୍ତା ନଭେମ୍ବରରେ ଅବସର ନେବେ।

### ପାରମିତା...

ପଦବୀରେ କାର୍ଯ୍ୟ କରିଥିଲେ। ସେ ଛଅ ବର୍ଷ ପାଇଁ ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଜିସି)ରେ ଅର୍ଥ ନିର୍ଦ୍ଦେଶକ ଭାବରେ ମଧ କାର୍ଯ୍ୟ କରିଥିଲେ। ତାଙ୍କ ସାହିତ୍ୟିକ କୃତି ପାଇଁ ପାରମିତାଙ୍କୁ ୨୦୦୬ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୧୬ରେ ସାହିତ୍ୟ ଏକାଡେମୀ ପୁରସ୍କାର ଓ ୨୦୨୧ରେ ସାରଳା ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ସପାରେ ଯୋଗଦେବେ ଶ୍ରୀକାନ୍ତ!

### ଅଖିଳେଶଙ୍କୁ ଭେଟିବା ପରେ ଆକଳନ ଜୋର୍

**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ଖୁବ୍‌ଶୀଘ୍ର ସମାଜବାଦୀ ପାର୍ଟି (ସପା)ରେ ସାମିଲ ହୋଇପାରନ୍ତି ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା। ଏଠାରେ ସପା ମୁଖ୍ୟ ଅଖିଳେଶ ଯାଦବଙ୍କ ସାମ୍ବାଦିକ ସମ୍ମିଳନୀ ପରେ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି। ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସପା ମୁଖ୍ୟ ଅଖିଳେଶ ଆସି ଶ୍ରୀକାନ୍ତ ଜେନାଙ୍କ ସହ ମିଶି ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦିଲ୍ଲୀରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ଆଲୋଚନା ହୋଇଥିଲା। ଅଖିଳେଶଙ୍କ ଭୁବନେଶ୍ୱର ଗସ୍ତକୁ ନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ଏହି ସମୟରେ ସେ କହିଥିବା କିଛି କଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନାଙ୍କୁ ନେଇ ସସ୍ପେନ୍ସ ବଢ଼ାଇଛି। ସେ କହିଛନ୍ତି ଯେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନାଙ୍କୁ ସାକ୍ଷାତ କରିବି। ସପାକୁ ଓଡ଼ିଶାରେ ସଂଗଠିତ କରିବାକୁ ଆସିଛି ବୋଲି ମଧ କହିଛନ୍ତି। ଏପରି ସ୍ଥିତିରେ ଶ୍ରୀ ଜେନାଙ୍କୁ ଅଖିଳେଶ ତାଙ୍କ ବାସଭବନରେ ସାକ୍ଷାତ କରିଥିବା ବେଳେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଓଡ଼ିଶାରେ ସପା ବଢ଼ିବା ନେଇ ଆଲୋଚନା କରିବି ବୋଲି ଅଖିଳେଶ କହିଛନ୍ତି। ସପାର ଏଠି ବଡ଼ ସଂଗଠନ ନାହିଁ ଲୋକଙ୍କୁ ଯୋଡ଼ିବା ପାଇଁ ଆମର ଉଦ୍ୟମ ରହିବ। ତେବେ ଏହି ଖବର ପ୍ରକାଶ କରେ ବରିଷ୍ଠ ନେତା ଶ୍ରୀକାନ୍ତ ଜେନାଙ୍କ ଗତି କୁଆଡ଼େ ବୋଲି ଚର୍ଚ୍ଚା ହେଉଛି। ଯାହାକୁ ନେଇ ସସ୍ପେନ୍ସ ମଧ ବଢ଼ିଛି। ଭୁବନେଶ୍ୱରରେ ଉତ୍ତର ପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ପହଞ୍ଚିଛନ୍ତି। ତାଙ୍କ ସହ ସ୍ତ୍ରୀ ତଥା ସାଂସଦ ଡିମ୍ପଲ ଯାଦବ ମଧ ଅଛନ୍ତି। ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା କାର୍ଯ୍ୟକ୍ରମ ମଧ ରହିଛି। ତାଙ୍କ ନାଁ ନନେଇ ଆଗକୁ ଓଡ଼ିଶାରେ ସଂଗଠନକୁ ମଜଭୁତ କରାଯିବ ବୋଲି କହିଛନ୍ତି ଅଖିଳେଶ।

# ଜାନିଗୁଡ଼ାରେ ବାଟ ହୁଡ଼ିଛି ବିକାଶ



**ଉମରକୋଟ,୧୬।୪(ସଂଚାର ବ୍ୟୁରୋ):** ଉମରକୋଟ ବ୍ଲକ ନେଉରା ପଞ୍ଚାୟତ ଜାନୀଗୁଡା ଓ ନଦୀଗୁଡା ଗାଁ ସ୍ଥାପନକୁ ୬୦ ବର୍ଷ ବିତିଲାଣି। ବିଡମ୍ବନା, ଆଜିପର୍ଯ୍ୟନ୍ତ ପ୍ରଶାସନ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ଅସଫଳ ହୋଇଛି। ଗାଁରେ ନା ଅଛି ଭଲରାସ୍ତା ନା ପାନୀୟଜଳ ସୁବିଧା। ଖରାମାସରେ ଗାଁ ରାସ୍ତାରେ ରାସ୍ତା, ପାଣି ପାଇଁ ହନ୍ତସନ୍ତ ଗ୍ରାମବାସୀ ଯାତାୟାତ କରିବା କଷ୍ଟକର ହୋଇପଡୁଥିବା ବେଳେ ବର୍ଷା ମାସର ଅବସ୍ଥା ନକହିବା ଭଲ। କେବଳ ରାସ୍ତା କି ପାନୀୟଜଳ ନୁହେଁ, ସରକାରୀ ଯୋଜନାରୁ ଗାଁର ଗରିବ ଗୁରୁବା ବାଦ୍ ପଡ଼ିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀ କହିଛନ୍ତି, ପଞ୍ଚାୟତଠାରୁ ପ୍ରାୟ ୭କିମି ଦୂରରେ ରହିଛି ଜାନୀଗୁଡ଼ା। ନଦୀଗୁଡ଼ା ଓ ଜାନୀଗୁଡ଼ାରେ ପ୍ରାୟ ୨ଶହ ଲୋକ ବସବାସ କରୁଛନ୍ତି। ଗାଁ ରାସ୍ତା ନିର୍ମାଣ ପାଇଁ ୪ଥର ଫଳକ ଲଗାଗଲାଣି। ଅଥଚ ନିର୍ମାଣ ହେଇପାରିନି। ବ୍ଲକ ଉପାଧକ୍ଷ ଶ୍ୟାମଲ ସରକାର ନିଜେ ଠିକାଦାର ଭାବେ କାର୍ଯ୍ୟନେଇ କେବଳ ମାଟି ପକେଇ ଚୁପ୍ ରହିଯାଇଛନ୍ତି। ଗାଁରେ ପାନୀୟଜଳ ସମସ୍ୟା ଲାଗିରହିଛି। ଗୋଟିଏ ମାତ୍ର ନଳକୂଅ ରହିଛି। ଗାଧୁ ଆପାଧୁଆ ଠାରୁ ରୋଷେଇବାସରେ ବ୍ୟ ବ ହା ର କରାଯାଉଛି। ପାଣି ପାଇଁ ଘଣ୍ଟାଘଣ୍ଟା ଧରି ମହିଳାଙ୍କୁ ଅପେକ୍ଷା କରିବାକୁ ପଡୁଛି। ପାନୀୟଜଳ ଓ ରାସ୍ତା ହୋଇଛି। କୌଣସି ସୁଫଳ ମିଳୁନଥିବା ଗାଁର ହିରା ମାଝୀ, ସୁଝି ସାନ୍ତା, କିଶୋର ମାଝୀ ପ୍ରମୁଖ କହିଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ଆଜିପର୍ଯ୍ୟନ୍ତ ଆବାସ ମିଳିନି। ଯଦ୍ୱାରା ପଲିଥିନ୍‌ଢଙ୍କା କୁଡ଼ିଆରେ ମୁଣ୍ଡ ଗୁଞ୍ଜିଛନ୍ତି। ତତ୍କାଳୀନ ସରକାରଙ୍କ ଅମଳରେ ଗାଁରେ କେବଳ ମାଟି ପକାଇ ଲକ୍ଷାଧିକ ଟଙ୍କା ଲୁଟ୍ କରାଯାଇଛି। ବିକାଶ ଅପହଞ୍ଚ ଥିବାରୁ ସମସ୍ୟାର ସମାଧାନ ପାଇଁ ଅନେକ ଥର ବ୍ଲକ ପ୍ରଶାସନ ଓ ପଞ୍ଚାୟତ ନିକଟରେ ଅଭିଯୋଗ ପିଲାଛୁଆଙ୍କୁ ନେଇ କିପରି ଗାଁରେ ରହିବେ, ସେନେଇ ଗ୍ରାମବାସୀ ଚିନ୍ତାପ୍ରକଟ କରିଛନ୍ତି।

# ଷଷ୍ଠ ଜିଲ୍ଲା ପରିଷଦର, ଚତୁର୍ଥ ସାଧାରଣ ବୈଠକ



**ଖୋର୍ଦ୍ଧା,୧୬।୪(ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଷଷ୍ଠ ଜିଲ୍ଲା ପରିଷଦ, ଖୋର୍ଦ୍ଧାର ଚତୁର୍ଥ ସାଧାରଣ ବୈଠକ ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନ ସିଂହ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ବୈଠକରେ ମାନ୍ୟବର ବିଧାୟକ, ଖୋର୍ଦ୍ଧା, ପ୍ରଶାନ୍ତ କୁମାର ଜଗଦେବ,ମାନ୍ୟବର ବିଧାୟକ,ଜୟଦେବ, ନବ କିଶୋର ମଲ୍ଲିକ, ମାନ୍ୟବର ବିଧାୟକ, ଜଟଣୀ ବିଭୂତି ଭୂଷଣ ବଳବନ୍ତରାୟ,ମାନ୍ୟବର ବିଧାୟକ, ବେଗୁନିଆ,ପ୍ରଦୀପ କୁମାର ସାହୁ, ମାନ୍ୟବର ସାଂସଦ,ଭୁବନେଶ୍ୱର ଙ୍କ ପ୍ରତିନିଧି,ଅଶୋକ ପଟ୍ଟନାୟକ, ମାନ୍ୟବର ସାଂସଦ, ପୁରୀଙ୍କ ପ୍ରତିନିଧି,ଉପ ସଭାପତି,ଜିଲ୍ଲା ପରିଷଦ, ଖୋର୍ଦ୍ଧା, ଗୋପୀନାଥ ମହାରଣା , ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ,ଜିଲ୍ଲା ପରିଷଦ, ଖୋର୍ଦ୍ଧା,ଚଞ୍ଚଳ ରାଣା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ,ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା, ପୂର୍ଣ୍ଣିମା ପାଣ୍ଡିଆନ ଯୋଗଦେଇଥିଲେ । ପ୍ରଥମେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଯାଇଥିଲା । ପରେ ତା ୦୪.୧୦.୨୦୨୪ରିଖରେ ଅନୁଷ୍ଠିତ ହୋଇଥିବା ଖୋର୍ଦ୍ଧା ଜିଲ୍ଲା ପରିଷଦର ତୃତୀୟ ସାଧାରଣ ବୈଠକ ବିବରଣୀକୁ ଆଲୋଚନା କରାଯାଇ ଦୃଢ଼ୀକରଣ କରାଯାଇଥିଲା ମାନ୍ୟବର ବିଧାୟକ, ଖୋର୍ଦ୍ଧା, ପ୍ରଶାନ୍ତ କୁମାର ଜଗଦେବ ନିଜ ଉଦବୋଧନରେ କହିଲେଯେ ଜାତି,ଧର୍ମ,ବର୍ଣ୍ଣ, ଲିଙ୍ଗ, ଭାଷା,ଦଳ, ନିର୍ବିଶେଷରେ ପ୍ରଶାସନ ଓ ଜନ ପ୍ରତିନିଧି ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ନିଷ୍ଠାପର ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସୁଚାରୁରୂପେ ପରିଚାଳନା କରି କାର୍ଯ୍ୟ କଲେ ରାଜଧାନୀକୁ ପରିମଣ୍ଡନ କରୁଥିବା ଖୋର୍ଦ୍ଧା ଜିଲ୍ଲା ସମଗ୍ର ରାଜ୍ୟରେ ଦୃଷ୍ଟାନ୍ତ ହେବ ବୋଲି ପ୍ରକାଶ କରିଥିଲେ। ସେହିପରି ମାନ୍ୟବର ବିଧାୟକ ଜିଲ୍ଲାପାଳ,ମୁଖ୍ୟ ଉନ୍ନୟନ ଅଧିକାରୀ ଙ୍କ କାର୍ଯ୍ୟକୁ ପ୍ରଶଂସା କରିବାସହ ରିଂ ରୋଡ ନିର୍ମାଣ, ଖୋର୍ଦ୍ଧାର ଶିଳ୍ପ ବିକାଶ ୫୧ଗୋଟି ଉଦ୍ୟୋଗରେ ୬୦ ହଜାର ନିଯୁକ୍ତି , ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଦଳ ମତ ନିର୍ବିଶେଷରେ ଆମ ଖୋର୍ଦ୍ଧା ଜିଲ୍ଲାର ବିକାଶ ପାଇଁ ଏବଂ ଜିଲ୍ଲାକୁ ୧ନମ୍ବର ଜିଲ୍ଲା ଭାବେଗଢି ତୋଳିବା ପାଇଁ କାର୍ଯ୍ୟ କରିବା ବୋଲି କହିଥିଲେ। ସମସ୍ତ ଅଧିକାରୀ ମାନେ ନିଜ ନିଜ କାର୍ଯ୍ୟାଳୟକୁ ସରସ ସୁନ୍ଦର, ସ୍ୱଚ୍ଛତା ରଖିବାକୁ ପରାମର୍ଶ ଦେଇ ବିକାଶରେ ଦଳ ନାହିଁ ବୋଲି କହି ଖୋର୍ଦ୍ଧା ଜିଲ୍ଲାକୁ ବିକାଶର ନବଦିଗନ୍ତରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ପୂର୍ବବୈଠକରେ ଜୋନ ୧୨ ସଭ୍ୟ ବିଜୟ ପାଲଟା ସିଂ ଅଭିଯୋଗ କରିଥିଲେଯେ ୨୦ଜଣ ଶ୍ରମିକ ମଜୁରୀ ପାଇନାହାନ୍ତି ବୋଲି,ଏହି କ୍ରମେ ମଣ୍ଡଳ ଉନ୍ନୟନ ଅଧିକାରୀ ତାଙ୍କର ପତ୍ରସଂଖ୍ୟା ୧୯୦୦ ତା ୦୭.୦୪.୨୦୨୪ରିଖରେ ଶ୍ରମିକ ମାନଙ୍କ ମଜୁରୀ ବ୍ୟାଙ୍କ୍ ଖାତାକୁ ପୈଠ କରାଯାଇଛି ବୋଲି ଉତ୍ତର ରଖିଥିଲେ।ବୈଠକରେ ଜୋନ ସଦସ୍ୟ/ସଦସ୍ୟା ବିଭିନ୍ନ ଜିଲ୍ଲାପରିଷଦ ପ୍ରକଳ୍ପ ସମ୍ବଧରେ ସୂଚନା ପାଉନାହାନ୍ତି ବୋଲି ଅଭିଯୋଗ କ୍ରମେ ଜିଲ୍ଲାପାଳ କହିଥିଲେ ଯେ ଜିଲ୍ଲାପରିଷଦ ବୈଠକରେ ଯେତେବେଳେ ସଂପୃକ୍ତ ବି ଡି ଓ ମାନଙ୍କ ଅଞ୍ଚଳର ଜିଲ୍ଲା ପରିଷଦ ଜୋନ ସଦସ୍ୟ/ସଦସ୍ୟା କୌଣସି ପ୍ରସ୍ତାବ ଆଗତ କରନ୍ତି ସେ ସବୁକୁ ବି ଡି ଓ ମାନେ ପ୍ରକଳ୍ପ ପ୍ରସ୍ତାବ ସଂପୃକ୍ତ ସଦସ୍ୟ/ସଦସ୍ୟା ମାନଙ୍କ ସହ ବିଚାର ବିମର୍ଶ କରି ଜିଲ୍ଲା ପରିଷଦକୁ ସୁପାରିଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ହେଟା ବାଘ ଆକ୍ରମଣକୁ ନେଇ ଗାଁ ଲୋକେ ଆତଙ୍କିତ



**ବୋରିଗୁମ୍ମା,୧୬।୪(ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବିଜାପୁର ଗାଁ ରେ ହେଟାବାଘ ଆତଙ୍କ, ହେଟା ବାଘ ଆକ୍ରମଣରେ ଗୋଟିଏ ଗାଈ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ ବୋରିଗୁମ୍ମା ବ୍ଲକ ବିଜାପୁର ଗାଁ ରେ କିଛି ଦିନ ଧରି ଗୋଟିଏ ବଡ଼ ହେଟାବାଘ ବିଳମ୍ବିତ ରାତିରେ ଗାଁ ଆଖପାଖ ଅଞ୍ଚଳରେ ବୁଲୁଥିବା ଗାଁ ଲୋକେ ଦେଖିଥିଲେ କିଛିଦିନ ପୂର୍ବରୁ ତିନୋଟି ଛେଳି କୁ ମାରିଥିଲା। ଗତକାଲି ରାତିରେ ବିଜାପୁର ଗାଁ ର ଗୋପାଳ କୃଷ୍ଣ ରାୟ ଙ୍କ ଗାଈ ଗୁହାଳ ରେ ଗାଈଗୋରୁ ଙ୍କୁ ରଖିଥିଲେ। ଗତ ରାତ୍ର ଭୋର ସମୟରେ ଏକ ହେଟାବାଘ ଗୁହାଳ ଭିତରେ ପଶି ଏକ ବାଛୁରୀକୁ ଆକ୍ରମଣ କରି କ୍ଷତ ବିକ୍ଷତ କରି ଚାଲିଯାଇଛି।ବାଛୁରୀଟିର ଗଳା ପାଖରେ ବଡ଼ ଧରଣର କ୍ଷତ ଦେଖି ଗାଈ ମାଲିକ ବୋରିଗୁମ୍ମା ପଶୁ ସମ୍ପଦ ବିଭାଗ ଏବଂ ବନ ବିଭାଗ କୁ ଖବର ଦେଇଥିଲେ।ବନ ବିଭାଗ ଏବଂ ପଶୁ ସଂପଦ ବିଭାଗ ପହଂଚି ବାଛୁରୀଟି କୁ ଚିକିତ୍ସା କରିଥିଲେ।ସେପଟେ ହେଟାବାଘ କୁ କିଭଳି କାବୁ କରିବେ ସେଥିପ୍ରତି ତତ୍ପର ଅଛନ୍ତି ବୋଲି କହିଛନ୍ତି ବନ କର୍ମଚାରୀ।ହେଟାବାଘ ଗାଁ ରେ ପଶି ଅନ୍ୟ ପଶୁପକ୍ଷୀ ଙ୍କୁ ଆକ୍ରମଣ କରିବା ପୂର୍ବରୁ ହେଟାବାଘ କୁ କାବୁ କରିବା ପାଇଁ ଅନୁରୋଧ କରିଛନ୍ତି ବିଜାପୁର ଗ୍ରାମବାସୀ।

## ଥମୁନି ଗୋଚାଲାଣ

# ଟ୍ରକ୍ ଜବତ, ୧୦୫ ଗୋରୁ ଉଦ୍ଧାର



**ବାରିପଦା,୧୬।୪(ସଂଚାର ବ୍ୟୁର):** ମୟୂରଭଞ୍ଜ ଜିଲ୍ଲା ଗୋ ମାଫିଆଙ୍କ ଚରାଣ ଭୂଇଁ ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ ଦୈନିକ ମଧ୍ୟ ରାତ୍ରରେ ପିକ୍ ଅପ୍ ଭ୍ୟାନ,୧୨ ଚକିଆ ୧୬ ଚକିଆ ଗାଡ଼ିରେ ଅମାନୁଷିକ ଭାବେ ନିରିହ ଗୋରୁ ଗାଈଙ୍କୁ ବାନ୍ଧି ବାହାର ରାଜ୍ୟକୁ ଚାଲାଣ କରାଯାଉଛି । ଶତକଡା ନବେ ଭାଗ ଗୋ ଚାଲାଣ ମୁର୍ଶିଦାବାଦ ଦେଇ ବାଂଲାଦେଶ କୁ ଚାଲାଣ କରାଯାଉଛି। ସୂ ଚ ନା । ଯୋ । ଗ୍ୟ ଗୋମାଫିଆକୁ ଚେକ୍ ଦେବାପାଇଁ ମୟୂରଭଞ୍ଜ ପୋଲିସ କଠୋର ହୋଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ମାର୍ଗ ଦର୍ଶନରେ ରାଇରଙ୍ଗପୁର ଏସଡିପିଓ ଗୋକୁଳାନନ୍ଦ ସାହୁଙ୍କ ନିର୍ଦ୍ଦେଶକ୍ରମେ ବାଦାମ ପାହାଡ଼ ଥାନାଧିକାରୀ କେ କେ ହେମ୍ବ୍ରମ,ହାଟବାଦଡା ଫାଣ୍ଡି ଅଧିକାରୀ ପଞ୍ଚାନନ ମହାନ୍ତି, ସୁଲାଇପାଟ ଫାଣ୍ଡି ଅଧିକାରୀ ରଘୁନାଥ ଦେହୁରୀ ପ୍ରମୁଖ କୌଣସି ସୂତ୍ରରୁ ଖବର ପାଇଲେ ଯେ ବାମନଘାଟୀ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗୋରୁ ଗାଡି ଚାଲାଣ ହେଉଛି । ତେଣୁ ସମସ୍ତେ ସଜାଗ ହୋଇ ଚାରି କୋଣରୁ ଜାଲ ବିଛାଇ ଶେଷରେ ସଫଳ ହୋଇଥିଲେ । ଭୋର ୪ ଟା ୪.୩୦ ସମୟରେ କାର୍ଗିଲ ଛକରେ ଏକ ଗୋୱେଲେଝେଇ ଟ୍ରକକୁ ଫାଣ୍ଡି ଅଧିକାରୀ ପଞ୍ଚାନନ ମହାନ୍ତି , ପୋଲିସ କର୍ମଚାରୀ, ଗ୍ରାମବାସୀ ବୃନ୍ଦ ଏବଂ ବଜରଙ୍ଗ ଦଳର କର୍ମୀମାନେ ମିଳିତ ଭାବେ ଚଢ଼ାଉ କରି ଦ୍ରୁତ ଗତିରେ ଆସି ପଳାଉଥିବା ଗୋୱେଲେଝେଇ ଟ୍ରକ ଓଆର ୦୯ ଆର ୭୬୧୧ କୁ ଅଟକାଇ ୩୫ ଟି ଜୀବନ୍ତ ଗୋରୁ,୩ ଟି ମୃତ ଗୋରୁ ଏବଂ ୧ ଟି ଗୁରୁତର ଆହତ ବନ୍ଦକୁ ଉଦ୍ଧାର କରିବା ସହ ଟ୍ରକ ଏବଂ ଡ୍ରାଇଭରକୁ ଅଟକ ରଖିଥିଲେ । ସେହିଭଳି ପଡିଆ ଗ୍ରାମ ଛକରେ ୧ ଟି ଗୋୱେଲେଝେଇ ଟ୍ରକ ଏବଂ କୁସୁମି ଗାଁ ର ମାଝି ସାହି ପାଖରେ୨ ଟି ଗୋୱେଲେଝେଇ ଟ୍ରକକୁ ଜବତ କରିବା ସହ ୭୦ ଟି ଗୋରୁଙ୍କୁ ଉଦ୍ଧାର କରାଯିବା ବାଦାମ ପାହାଡ଼ ଥାନାରେ ଅଟକ ରଖାଯିବା ସହ ଟ୍ରକ ଡ୍ରାଇଭର ମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।ଏହାପରେ ମାଲିକ ଏବଂ ଦଲାଲ ମାନଙ୍କ ଉପରେ କେଶ ରୁଜୁ କରାଯିବାପାଇଁ ପଦକ୍ଷେପ ନିଆ ଯାଉଛି । ସେହିପରି କୁସୁମି ବ୍ଲକର ଭାଲୁ ପାହାଡି ଗ୍ରାମର ମହାବୀର ସେବା ସଂଘ, ବଜରଙ୍ଗ ଦଳର ସଦସ୍ଯ ପଙ୍କଜ ଗିରି,ରିଷଭ ସାହୁ, ଜୀତେନ୍ଦ୍ର ମହାନ୍ତ,ବାପୁନ୍ ଗିରି ଏଓ୍ବଂ ଅନ୍ୟ ସଦସ୍ୟମାନେ ବେଆଇନ ଗୋୱେଲେଝେଇ ଟ୍ରକକୁ ଅଟକାଇ ବାରେ ପୋଲିସକୁ ସହଯୋଗ କରିଥିଲେ ।ଗୋ ମାଫିଆଙ୍କୁ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କୁ ଗିରଫ କରାଯାଇ ଜୀବଜନ୍ତୁ ଚାଲାଣ ଆଇନ ଅନୁସାରେ ଦଣ୍ଡିତ କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।

# ନାରୀ ଓ ଶିଶୁ ନିର୍ଯାତନା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା




**ଗୋପ,୧୬।୪(ସଂଚାର ବ୍ୟୁର):** ଗୋପ କଂଗ୍ରେସ ତରଫରୁ ସନ୍ଧ୍ୟା ସମୟରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାରୀ ଓ ଶିଶୁ ସୁରକ୍ଷାରେ ରାଜ୍ୟ ସରକାର ବିଫଳ ହୋଇଥିବାବେଳେ ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ସନ୍ଧ୍ୟାରେ ଗୋପ ବ୍ଲକ୍ କଂଗ୍ରେସ ସଭାପତି ଭାସ୍କର ସେଠ୍ଙ୍କ ନେତୃତ୍ୱରେ କଂଗ୍ରେସ କାର୍ଯ୍ୟାଳୟ ଠାରୁ ଏକ ମଶାଲ ଶୋଭାଯାତ୍ରା ଗୋପ ଥାନା ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ କାକଟପୁର ବିଧାୟକ ପ୍ରାର୍ଥୀ ବିଶ୍ୱ ଦାଶ, ଯୁବନେତା ଜିତେନ୍ଦ୍ର ସାହୁ, ବରିଷ୍ଠ କର୍ମୀ ମଦନ ମୋହନ ହାଜରା, ବିଚିତ୍ରାନନ୍ଦ ପ୍ରଧାନ, ଚନ୍ଦ୍ରକାନ୍ତ ସାହୁ, ବିଷ୍ଣୁ ବେହେରା, ରବୀନ୍ଦ୍ର ବେହେରା, ଦେଶପ୍ରାଣ ଲେଙ୍କା, ପ୍ରତାପ ରାଉତ, ରମେଶ ଚନ୍ଦ୍ର ବେହେରା, ରବୀନ୍ଦ୍ର ନାଥ ମିଶ୍ର, ଗଣେଶ ସ୍ୱାଇଁ, ଶଶାଙ୍କ ନିଶଙ୍କ, ରାକେଶ ସେଠୀଙ୍କ ସମେତ ଶତାଧିକ କର୍ମୀ ମଶାଲ ଶୋଭାଯାତ୍ରା ମାଧ୍ୟମରେ କଂଗ୍ରେସ କାର୍ଯ୍ୟାଳୟ ଠାରୁ ବାହାରି ଗୋପ ବଜାର ପରିକ୍ରମା କରିବା ସହ ରାଜ୍ୟ ସରକାର ବିରୁଧରେ ବିଭିନ୍ନ ନାରାବାଜି ଦେଇଥିଲେ। ସରକାର ଏଥିରେ ରୋକ ନଲଗାଇଲେ ଆଗାମୀଦିନରେ ଏକ ବଡ଼ ଆନ୍ଦୋଳନ ହେବ ବୋଲି କଂଗ୍ରେସ ନେତା ମାନେ କହିଛନ୍ତି।

# ଅଗ୍ନିକାଣ୍ଡରେ ୪ ବଖରା ବସଗୃହ ଭସ୍ମ



**ନାଉଗାଁ,୧୬।୪(ସଂଚାର ବ୍ୟୁର):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ଅଲଣା ପଞ୍ଚାୟତ ମୁଣ୍ଡାଳୋ ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ଜିତେନ୍ଦ୍ର ଶତପଥି ଓ କମଳକାନ୍ତ ଶତପଥିଙ୍କ ୪ ବଖରା ବାସଗୃହ ପୋଡି ପାଉଁଶ ହୋଇଥିବା ଜଣାଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ ଆଜି ଅପରାହ୍ନରେ ହଠାତ ଜିତେନ୍ଦ୍ର ଓ କମଳାଙ୍କ ଘରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଗ୍ରାମବାସୀମାନେ ପ୍ରଥମେ ପାଣି ପକାଇ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଆୟତ କରିପାରିନଥିଲେ। ପରେ କମଳକାନ୍ତ ଅଗ୍ନିଶମ ବାହିନୀ ସୂଚନା ଦେଇଥିଲେ। ନାଉଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ବେଳକୁ ୪ବଖରା ବାସଗୃହ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ହେତୁ ଘରେ ଥିବା ସମସ୍ତ ଆସବାବପତ୍ର, ଧାନ, ଚାଉଳ ଓ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ପୋଡି ପାଉଁଶ ହୋଇଯାଇଥିବା ଦେଖାଯାଇଛି। ଜିତେନ୍ଦ୍ର ଓ କମଳକାନ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ନକଲି ବିଦେଶୀ ମଦ କାରବାର, ସମ୍ପୃକ୍ତ ବ୍ୟକ୍ତି ଗିରଫ

**ବୋରିଗୁମ୍ମା,୧୬।୪(ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ଜୟପୁର ସହରରେ ଜବତ ନକଲି ବିଦେଶୀ ମଦ। ସୂଚନା ପାଇ ଅତର୍କିତ ଚଢ଼ାଉ କଲା ଜୟପୁର ଅବକାରୀ ବିଭାଗ ଏବଂ ଜବତ ହେଲା ବିଭିନ୍ନ ନାମୀ ଦାମୀ ବ୍ରାଣ୍ଡ ର ନକଲି ମଦ । ଜବତ ମଦର ମୂଲ୍ୟ ଆନୁମାନିକ ୫୦ ହଜାର ଟଙ୍କାରୁ ଅଧିକା ହୋଇଥିବାର ଅନୁମାନ । ଦୀର୍ଘ ଦିନ ଧରି ଜୟପୁର ବେଡାସାହି ରେ ଚାଲିଥିଲା ଏହି ନକଲି ମଦ କାରବାର । ଘଟଣା ସ୍ଥାନରୁ ଜଣକୁ ଗିରଫ କରିଛି ଜୟପୁର ଅବକାରୀ ବିଭାଗ । ଗିରଫ ହୋଇଥିବା ବ୍ୟକ୍ତି ଜଣକ ଙ୍କ ନାମ ଇ ସନ୍ତୋଷ । ତାଙ୍କ ପାଖରୁ ଏକ ଧଳା ଅଖାରୁ ଖାଲି ମଦ ବୋତଲ , ବିଭିନ୍ନ ନାମୀ ଦାମୀ କମ୍ପାନୀ ନାମରେ ପ୍ରସ୍ତୁତ ୧୨ ଲିଟର ମଦ, ସ୍ପିରିଟ ଏକ ଲିଟର, ୧୦୨୬ ଟି ନକଲି ଷ୍ଟିକର ,୮୫୦ ଟି ନକଲି ଠିପି ତା ସହିତ ମଦ ରେ ବ୍ୟବହୃତ ରଙ୍ଗ ଜବତ କରି ଗିରଫ ହୋଇଥିବା ବ୍ୟକ୍ତି ଙ୍କୁ କୋର୍ଟ ଚାଲାଣ କରିଥିବା ଜୟପୁର ଅବକାରୀ ବିଭାଗ ଆଇଆଇସି. ଶକ୍ତିକାନ୍ତ ଦତ ସୂଚନା ଦେଇଛନ୍ତି ।

# ଶୁଭମ ପକ୍ଷରୁ ଡ ବିଆର ଆମ୍ବେଦକରଙ୍କ ଜୟନ୍ତୀ




**ତିହିଡି,୧୬।୪(ସଂଚାର ବ୍ୟୁର):** ବାବା ସାହେବ ଭୀମ ରାଓ ଆମ୍ବେଦକର ବହୁ ଘାତ ପ୍ରତିଘାତ ଦେଇ ଗତି କରି ଜୀବନ ରେ ଲକ୍ଷ ପଥରେ ପହଂଚି ପାରିଥିଲେ। ତେଣୁ ସେ ସମାଜ ରେ ଦଳିତ ଗରିବ ଏବଂ ଅବହେଳିତ ଙ୍କ କଥା ଓ ବ୍ୟଥା କୁ ନିଜେ ହୃଦୟଙ୍ଗମ କରି ଥିବାରୁ ସେମାନଙ୍କୁ କିପରି ନ୍ୟାୟ ଦିଆଯିବ ଏବଂ ସେମାନଙ୍କ ଉତ୍ଥାନ କିପରି ହେବ ସେଥିପାଇଁ ସେ ସମ୍ବିଧାନ ରେ ବିଭିନ୍ନ ଅନୁଛେଦ ରେ ସମାନଙ୍କ ସୁରକ୍ଷା କଥା ଉଲ୍ଲେଖ କରିଛନ୍ତି। ବିଶେଷ କରି ଦଳିତ ଗରିବ ଏବଂ ଅବହେଳିତ ଙ୍କୁ ସାମାଜିକ ନ୍ୟାୟ ଓ ସାମାଜିକ ସୁରକ୍ଷା କିପରି ମିଳିବ ସେଥିପାଇଁ ସେ ଜୀବନ ରେ ଶେଷ ପର୍ଯ୍ୟନ୍ତ ଅହରହ ଉଦ୍ୟମ ଜାରି ରଖିଥିଲେ। ତେବେ ଆଜିର ଯୁବ ପିଢ଼ି ତାଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ସଦା ସର୍ବଦା ଗରିବ ଅବହେଳିତ ଓ ଶୋଷିତ ଲୋକ ଙ୍କୁ ସାମାଜିକ ନ୍ୟାୟ ଦେବାକୁ ସଂଗଠିତ ହୋଇ ଆଗକୁ ଆସନ୍ତୁ ବୋଲି ତିହିଡି ବ୍ଲକ ବୋଡ଼କ ଠାରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ସହଯୋଗ ରେ ଅଗ୍ରଣୀ ସାମାଜିକ ସଂଗଠନ ଶୁଭମ ପକ୍ଷରୁ ଆୟୋଜିତ ଡ଼ ବି ଆର ଆମ୍ବେଦକର ଙ୍କ ୧୩୪ ତମ ଜନ୍ମ ଜୟନ୍ତୀ ସମାରୋହ ବହୁ ବିଶିଷ୍ଟ ବେକ୍ତି ମାନେ ଯୋଗ ଦେଇ ଏହି ଆହ୍ୱାନ ଦେଇଛନ୍ତି।

# ଆଡ଼ମ୍ବର ସହକାରେ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ପାଳିତ

**ନବରଙ୍ଗପୁର,/ରାଇଘର,୧୬।୪(ସଂଚାର ବ୍ୟୁର):** ବ୍ରାହ୍ମଣ ସମାଜ ତରଫରୁ ଓଡିଆ ନୂଆଁ ବର୍ଷ ଉପଲକ୍ଷେ ଜଗନ୍ନାଥ ମନ୍ଦିର ଠାରେ ସନ୍ଧ୍ୟା ସମୟରେ ୧୦୦୮ ଦ୍ୱୀପ ପ୍ରଜ୍ୱୋଳନ କରାଯାଇ ସ୍ଖଳନ ସମାରୋହ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ପୁରୋହିତ ବୀରଭଦ୍ର ରଥ ଙ୍କ ଦ୍ୱାରା ସନ୍ଧ୍ୟା ସମୟରେ ଜଗନ୍ନାଥ ମନ୍ଦିର ଠାରେ ୧୦୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା।ଦିବ୍ୟାଙ୍ଗ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମା ସ୍ଥିତ ହନୁମାନ ମନ୍ଦିର ଠାରେ ଓଡ଼ିଆ ନବବର୍ଷ ବା ମହା ବିଷୁବ ସଂକ୍ରାରି ଧୁମଧାମରେ ପାଳନ ହୋଇଯାଇଛି। ଏହି ଅବସରରେ ହନୁମାନ ମନ୍ଦିର ରେ ଯଥା ନୀତି ଅନୁସାରେ ପୂଜା ହୋମଯଜ୍ଞ ହନୁମାନ ଚାଳିଶା ଆଦି ପଠନ ଅନୁଷ୍ଠିତ ହୋଇଥିଲା।

# ଏକାଗ୍ରତା, ଦୃଢ ସଂକଳ୍ପ ହିଁ ସଫଳତାର ଚାବିକାଠି

## ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କାକଟପୁର/ଅସ୍ତରଙ୍ଗ,୧୬।୪(ସଂଚାର ବ୍ୟୁର):** ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ। ତାଙ୍କରି ଶିକ୍ଷା, ଦୀକ୍ଷା, ସଂସ୍କାର, ଜ୍ଞାନ, ଗାରିମା, ଦକ୍ଷତା ସର୍ବୋପରି ବଳିଷ୍ଠ ବ୍ୟକ୍ତିତ୍ୱ ଆଧାରରେ ରାଷ୍ଟ୍ର ନିର୍ମାଣରେ ସ୍ୱପ୍ନସାକାର ହେବ। ଏଥିପାଇଁ ଚିତ୍ର ନୁହେଁ ଚରିତ୍ର ନିର୍ମାଣରେ ଆବଶ୍ୟକତା ରହିଛି। ଉତ୍ତର ପିଢ଼ିଙ୍କୁ ମୂଲ୍ୟବୋଧ ଭିତ୍ତିକ ନୈତିକ ଶିକ୍ଷା ଦେଇ ଗଢି ତୋଳିବା କେବଳ ଶିକ୍ଷକ ବା ଅଭିଭାବକଙ୍କର ଦାୟିତ୍ୱ ନୁହେଁ, ବରଂ ସମାଜର ନୈତିକ କର୍ତ୍ତବ୍ୟ ବୋଲି ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ୮୧ତମ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ମତବ୍ୟକ୍ତ କରିଛନ୍ତି। ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଙ୍କ ପୌରୋହିତ ରେ ଆୟୋଜିତ କାର୍ଯ୍ୟକ୍ରମ ଆଦ୍ୟ ଅଧିବେଶନ ପୂର୍ବାହ୍ନରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତି ସ୍ୱପ୍ନେଶ୍ୱର ସାହୁ, କାକଟପୁର ସରପଞ୍ଚ ଅଭୟ ସେଠୀ, କାକଟପୁର ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ସମାଜସେବୀ ଜ୍ଞାନ ରଞ୍ଜନ ସାହୁ, ରତିକାନ୍ତ ବେହେରା ଉପସ୍ଥିତ ଥିବା ବେଳେ ୮୧ବର୍ଷ ଉତ୍ସବ ଅବସରରେ କାକଟପୁର ଅଧିଡାଷ୍ଟି ଦେବୀ ଜଗତଜନନୀ ମା ମଙ୍ଗଳା ଙ୍କ ନିକଟରେ ୮୧ଟି ଦୀପ ଦାନ ବିଦ୍ୟାଳୟ ଛାତ୍ର ଛାତ୍ରୀ କରିଥିଲେ। ଅପରାହ୍ନ ସମୟରେ ପ୍ରଧାନଶିକ୍ଷକ ଙ୍କ ସଭାପତିତ୍ୱ ରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିବା ଶହ ବିଦ୍ୟାଳୟ ତରଫରୁ ଅତିଥି ଙ୍କୁ ବୃକ୍ଷ ପ୍ରଦାନ ସହ ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ର, ଛାତ୍ରୀ ଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ଼ କରାଯିବା ଉଚିତ ବୋଲି କହିଥିଲେ। ବୁଧବାର ଅପରାହ୍ନ ରେ ପୁରୀ ଜିଲ୍ଲା କାକଟପୁର ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ମୁଖ୍ୟ ଅତିଥି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ଡ଼ଃ ବିଶ୍ୱଜିତି ଘୋଷ, ସଂମ୍ମାନିତ ଅତିଥି ଅନୁଗୁଳ ଜିଲ୍ଲାଶିକ୍ଷାଅଧିକାରୀ ନିରଂଜନ ସାହୁ, ଚିରସନ୍ଧାନ ସମ୍ପାଦକ ପାର୍ଥସାରଥୀ ଅଜୟ ବାରିକି, ବିଶିଷ୍ଟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ୧ ମୃତ ଜଣେ ଗୁରୁତର

**ବୈଶିଙ୍ଗା, ୧୬।୪(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ନଡପୁର ଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ଅବସ୍ଥାରେ ବାରିପଦାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ କାଲି ରାତି ଦଶଟା ସମୟରେ ନଡପୁର ନିକଟସ୍ଥ ଜାମଶୂଳୀ ଛକ ନିକଟରେ ଏକ ବାଇକ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛ ଦେହରେ ଧକ୍କା ହୋଇଥିଲା। ବୈଶିଙ୍ଗା ଥାନାରେ ମାମଲା ନଂ ୧୫ ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ଆଜି ସନ୍ଧ୍ୟାରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି।

# ଗଳଧାରୀ ଗ୍ରାମରୁ ହରିଣ ଉଦ୍ଧାର



**ନାଉଗାଁ,୧୬।୪(ସଂଚାର ବ୍ୟୁର):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଳଧାରୀ ପଞ୍ଚାୟତର ଗଳଧାରୀ ଗ୍ରାମରୁ ଏକ ହରିଣ ଉଦ୍ଧାର କରାଯାଇଛି। ପରେ ବନ ବିଭାଗ ଖବର ପାଇଁ ହରିଣକୁ ଉଦ୍ଧାର କରି ନେଇଥିବା ଜଣାଯାଇଛି। ସୂଚନା ଅନୁସାରେ ବୁଧବାର ସକାଳ ସମୟରେ ଏକ ହରିଣ ଏହି ଗାଁରେ ଚରୁଥିବା ବେଳେ ବୁଲା କୁକୁର ଆକ୍ରମଣ କରିବାକୁ ଗୋଡାଇଥିଲେ। ହରିଣଟି ଭୟଭୀତ ହୋଇ ଉକ୍ତ ଗ୍ରାମର ପିଣ୍ଟୁ ରାଉତ ଓ ଟିଟୁ ରାଉତଙ୍କ ଘର ଅଗଣାରେ ପଶିଯାଇଥିଲା। ତାଙ୍କ ପରିବାର ଲୋକ ହରିଣକୁ ଉଦ୍ଧାର କରି ସ୍ଥାନୀୟ ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗର କର୍ମଚାରୀମାନେ ଖବର ପାଇ ସେଠାରୁ ହରିଣକୁ ଉଦ୍ଧାର କରି ନେଇଥିବା ଜଣାଯାଇଛି।

# ମୋବାଇଲ ଗେମ୍ ଖେଳକୁ ନେଇ ନାବାଳିକାର ଆତ୍ମହତ୍ୟା

**ବୈଶିଙ୍ଗା,୧୬।୪(ସଂଚାର ବ୍ୟୁର):** ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଗ୍ରାମର ଏକ ଅଭାବନୀୟ ଘଟଣାକ୍ରମରେ ଜେନୈକା ନାବାଳିକା ଆତ୍ମହତ୍ୟା ବୈଶିଙ୍ଗା ଅଞ୍ଚଳ ପାଇଁ ଦୁଃଖ ଆଣିଦେଇଛି। ପ୍ରାପ୍ତ ସୂଚନା ମୁତାବକ ପଦ୍ମନାଭପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ୧୦ ବର୍ଷିଆ ଝିଅ ଅମ୍ରିତା ସାହୁ ନିଜ ମାମୁଁ ଘର ବାଲେଶ୍ୱର ଜିଲ୍ଲାର ଡିହସାହି ଗ୍ରାମରେ ରହି ପଞ୍ଚମ ଶ୍ରେଣୀରେ ପାଠ ପଢୁଥିଲା।ଆଜି ବୁଧବାର ସକାଳେ ବିଦ୍ୟାଳୟକୁ ଯାଉ ଥିବାର କହି ନିଜ ସାଇକେଲ ଯୋଗେ ଘରୁ ବାହାରି ଆସିଥିଲା। ମାତ୍ର ବିଦ୍ୟାଳୟକୁ ନ ଯାଇ ସକାଳ ୯ ଘଟିକା ସମୟରେ ନିଜ ଗ୍ରାମ ପଦ୍ମନାଭପୁରରେ ପହଞ୍ଚିଥିଲା। ଘରେ କେହି ନଥିବାର ଦେଖି ଭିତରେ ପଶି ସାଙ୍ଗରେ ଆଣିଥିବା ଉତ୍ତରୀ କୁ ବେକରେ ଲଗାଇ ଘର ଛାତରେ ଲାଗିଥିବା ଓଜନ କଣ୍ଟାରେ ଝୁଲି ପଡ଼ିଥିଲା। ଅମ୍ରିତା ର ଜେଜେ ମା ବିଜୟଲକ୍ଷ୍ମୀ ସାହୁ ଅଙ୍ଗନବାଡିରେ ରୋଷେଇ କାମ ସାରି ଘରକୁ ଆସି ଦେଖନ୍ତି ତ ନାତୁଣୀ ଝୁଲୁଛି। ସଙ୍ଗେ ସଙ୍ଗେ ଗ୍ରାମବାସୀ ଏବଂ ପଡ଼ୋଶୀଙ୍କ ସହଯୋଗରେ ତାକୁ ତଳକୁ ଓହ୍ଲାଇ ବୈଶିଙ୍ଗା ଡାକ୍ତରଖାନାକୁ ନେଇଆସିଥିଲେ। ସେଠାରେ ଉପସ୍ଥିତ ଡାକ୍ତର ଅମ୍ରିତା କୁ ମୃତ ବୋଲି ଘୋଷଣା କରିଥିଲେ। ମାତ୍ର ଏହି ମୃତ୍ୟୁ ପଛରେ ମୋବାଇଲ ଗେମ ର ରହସ୍ୟ ଥିବାର ପରିବାରବର୍ଗଙ୍କ ଠାରୁ ଶୁଣିବାକୁ ମିଳିଛି। ଏନେଇ ବୈଶିଙ୍ଗା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ୍ୟୁର ପ୍ରକୃତ ରହସ୍ୟ ଖୋଜିବା ପାଇଁ ତଦନ୍ତ ଜାରି ରଖିଛି।

# ଏମଏଲଏ ଡିଜିଟାଲ ସେବାର ଶୁଭାରମ୍ଭ

**ବ୍ରହ୍ମପୁର, ୧୬।୪(ସଂଚାର ବ୍ୟୁରୋ):** ସ୍ଥାନୀୟ ଗାନ୍ଧୀ ନଗର ସ୍ଥିତ ବିଧାୟକ ଏବଂ ସାଂସଦ ଙ୍କ କାର୍ଯ୍ୟାଳୟ ଠାରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ଦ୍ୱାରା ଏମଏଲଏ ଡିଜିଟାଲ ସେବାର ଶୁଭାରମ୍ଭ ହୋଇଛି। (ଙ୍ଗଙ୍ଗଙ୍ଗ.କ୍ଷ୍ମକ୍ଷବୟସଶସବ୍ଦୂବକ୍ଷସ୍ଥରଙ୍ଗବ. ମକ୍ଷଙ୍କ) ନାମରେ ଏକ ୱେବ ପୋର୍ଟାଲ୍ ଆରମ୍ଭ କରାଯାଇଛି। ବ୍ରହ୍ମପୁରରେ ପ୍ରଥମ ଥର ପାଇଁ ସ୍ଥାନୀୟ ବିଧାୟକଙ୍କ ପକ୍ଷରୁ ସହରର ନାଗରିକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏସି ମରାମତି, ବଢ଼େଇ, ପ୍ଲମ୍ବର, ବୈଦ୍ୟୁତିକ, ଘରୋଇ ଉପକରଣ ସେବା, ଭର୍ଟିନାରୀ ଡାକ୍ତର, ଟ୍ରାଭେଲ ଏଜେଣ୍ଟ, ଇଭେଣ୍ଟ ମ୍ୟାନେଜମେଣ୍ଟ, ଫଟୋଗ୍ରାଫର, ଅଟୋ ଡ୍ରାଇଭର, ଆମ୍ବୁଲାନ୍ସ ସମେତ ୨୦ ରୁ ଉର୍ଦ୍ଧ୍ୱ ସେବା ଏଥିରେ ଉପଲବ୍ଧ ରହିଛି। ଏହାସହ ଭବିଷ୍ୟତରେ ଆହୁରି ଅଧିକ ସେବା ଏଥିରେ ସାମିଲ କରାଯିବ ବୋଲି ବିଧାୟକ କହିଛନ୍ତି। ଏହି ଅଭିନବ ପୋର୍ଟାଲ୍ ସ୍ଥାନୀୟ ବାସିନ୍ଦାଙ୍କୁ ବିଶ୍ୱସ୍ତ ଘରୋଇ ସେବା ପ୍ରଦାନ କରିବା ସହ ଶୀଘ୍ର ଏବଂ ସହଜରେ ସଂଯୋଗ କରିବା ପାଇଁ ଡିଜାଇନ୍ କରାଯାଇଛି। ଏଥିସହ ଏହା ଅଂଶକାଳୀନ ଚାକିରୀ ସୁଯୋଗ ଖୋଲିଥାଏ, ଉଭୟ ସେବା ଦେଖିବା ପାଇଁ ସମର୍ଥନ କରିଥାଏ।

# ୨ଟି ଟିଫିନ ବୋମା ନିଷ୍କ୍ରିୟ କଲେ ସୁରକ୍ଷାକର୍ମୀ



**ମାଲକାନଗିରି, ୧୬।୪ (ସଂଚାର ବ୍ୟୁରୋ)** : ପଣ୍ଡ ହେଲା ମାଓବାଦୀଙ୍କ ବଡ଼ ଷଡ଼ଯନ୍ତ୍ର। କାରଣ ସୁରକ୍ଷାକର୍ମୀ ଦୁଇଟି ଟିଫିନ ବୋମା ଜବତ କରିବା ସହ ସେଗୁଡ଼ିକୁ ନିଷ୍କ୍ରିୟ ମଧ୍ୟ କରିଛି। ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ମାନକେଲି ଗାଁ ନିକଟରୁ ମାଓବାଦୀମାନେ ଖଞ୍ଜିଥିବା ୫ଟି ଟିଫିନ ବୋମା ଠାବ ହୋଇଛି । ୨ରୁ ୫ ମିଟର ଦୂରତା ମଧ୍ୟରେ ୨ କିଗ୍ରା ଓଜନର ୩ଟି ବିୟର ବୋମା ଓ ୨ଟି ଟିଫିନ ବୋମା ଜବତ ହୋଇଛି। ଯବାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଏହି ବୋମା ଖଞ୍ଜିଥିଲେ। କିନ୍ତୁ ସୁରକ୍ଷା ବାହିନୀର ସତର୍କତା ଓ ଉପସ୍ଥିତି ବୃଦ୍ଧି ଯୋଗୁଁ ଉକ୍ତ ଆଇଇଡିଗୁଡ଼ିକୁ ଠାବ କରାଯାଇଛି। ସେହିପରି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ସୀମାନ୍ତ କୋଣ୍ଡାଗାଁରେ ପୁଲିସ ଓ ମାଓବାଦୀ ମଧ୍ୟରେ ଭୀଷଣ ଗୁଳି ବିନିମୟ ହୋଇଛି। ଏଥିରେ ଦୁଇ ଜଣ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ପୂର୍ବ ବସ୍ତର ମାଓ ସଙ୍ଗଠନର ଡିଭିସିଏମ୍ କ୍ୟାଡର ମାଓବାଦୀ ହଳଧର ଓ ଏସିଏମ୍ କ୍ୟାଡର ମାଓବାଦୀ ରାମେଙ୍କର ମୃତ୍ୟୁ ହୋଇଛି। ଏହି ୨ ଜଣ ମାଓବାଦୀଙ୍କୁ ଧରାଇଦେଲେ ୧୩ ଲକ୍ଷ ଟଙ୍କାର ପୁରସ୍କାର ମିଳିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା।

# ୨୧ରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି




**ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ)** : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଅପ୍ରେଲ ୨୧ ତାରିଖ-ସୋମବାରରେ ସମ୍ବଲପୁରରେ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ଦୁର୍ଗାପାଲି ଠାରେ ଏହି ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ଆସନ୍ତାକାଲି ଅପ୍ରେଲ ୧୭ତାରିଖ ଦିବା ୧୧ ଘଟିକା ଠାରୁ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେପଞ୍ଜୀକରଣ ଆରମ୍ଭ ହେବ ।ଏଥିପାଇଁ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ । ପଞ୍ଜୀକୃତ ଦରଖାସ୍ତକାରୀ ସେମାନଙ୍କର ପଞ୍ଜୀକୃତ ପ୍ରାପ୍ତିପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜ ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ଦୁର୍ଗାପାଲି ଠାରେ ୨୧ ତାରିଖ ଦିନ ସକାଳ ୮ଟା ସମୟରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇ ପାରିବେ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ମାଗଣା ଚିକିତ୍ସା ବାବଦ ମାସକୁ ୨୬୧ କୋଟି ଖର୍ଚ୍ଚ



**ଭୁବନେଶ୍ୱର,୧୬।୪:** ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରୁ ବାଦ୍ ପଡିଥିବା ବୟସ୍କ ଲୋକମାନେ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହେଉଥିବାବେଳେ ଜାରି ରହିଥିବା ମାଗଣା ଚିକିତ୍ସା ଯୋଜନାରେ ଗତ ଆର୍ଥିକ ବର୍ଷର ୧୧ ମାସରେ ୨୮୮୧ କୋଟି ଟଙ୍କାରୁ ଅଧିକ ଅର୍ଥ ଚିକିତ୍ସା ବାବଦରେ ବ୍ୟୟ ହୋଇଛି । ମାସକୁ ହାରାହାରି ଭାବେ ୨୬୧କୋଟିରୁ ଅଧିକ ଟଙ୍କା ବ୍ୟୟ ହେଉଥିବାବେଳେ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ପରେ ବ୍ୟୟଭାର ଆହୁରି ବୃଦ୍ଧି ପାଇବାର ଆକଳନ କରାଯାଇଛି ।

ସେହିଭଳି ୨୦୨୪ ଜୁନ୍ ପହିଲାରୁ ଚଳିତ ବର୍ଷ ଫେବୃୟାରୀ ମାସ ମଧ୍ୟରେ ଲକ୍ଷାଧିକ ଲୋକ ଏହି ଯୋଜନାରେ ଉପକୃତ ହୋଇଛନ୍ତି । ଖୋରଧା ଜିଲ୍ଲାରେ ୪ଲକ୍ଷ ୮୮ହଜାରରୁ ଅଧିକ ଲୋକ ଉପକୃତ ହୋଇଥିବାବେଳେ କଟକରେ ଏହି ସଂଖ୍ୟା ୩ଲକ୍ଷ ୨୪ହଜାରରୁ ଅଧିକ ରହିଛି । ଗଞ୍ଜାମ ଜିଲ୍ଲାରେ ୭୭ହଜାରରୁ ଅଧିକ ରୋଗୀ ଉପକୃତ ହୋଇଥିବାବେଳେ ସୁନ୍ଦରଗଡରେ ୭୧ ହଜାରରୁ ଅଧିକ ଏବଂ ଯାଜପୁରରେ ଏହା ୫୦ହଜାରରୁ ଅଧିକ ରହିଛି । ସବୁଠାରୁ କମ୍ ମାତ୍ର ୨୭୯ ଜଣ ରୋଗୀ ଗଜପତି ଜିଲ୍ଲାରେ ମାଗଣା ଚିକିତ୍ସା ସୁବିଧା ପାଇଥିବାବେଳେ ନୂଆପଡାରେ ଏହା ୧୫୫୯ ରହିଛି ।

ତେବେ ରାଜ୍ୟ ରାଜଧାନୀ ସମେତ ଚିକିତ୍ସା ସେବାର ଅନ୍ୟତମ କେନ୍ଦ୍ର କଟକରେ ସଂଖ୍ୟାଧିକ ରୋଗୀ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଉପକୃତ ହୋଇଛି । ଏହି ଦୁଇ ସହରରେ ଏକାଧିକ ବଡ ଓ ଛୋଟ ଡାକ୍ତରଖାନା ସରକାରଙ୍କ ସହିତ ଅନୁବନ୍ଧିତ ରହିଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନେ ଏଠାକୁ ଆସୁଛନ୍ତି ।

ତେବେ ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ପରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନାମକରଣ ହୋଇଥିବା ଏହି ଯୋଜନାରେ ରୋଗୀମାନଙ୍କ କାର୍ଡରୁ କେଉଁ ରୋଗ ପାଇଁ କେତେ ଅର୍ଥ ବ୍ୟୟ ହେଉଛି ତାହା ସହଜରେ ଜାଣିପାରୁ ନାହାନ୍ତି । ଯେହେତୁ ଚିକିତ୍ସା ସେବା ସମ୍ପୂର୍ଣ୍ଣ ମାଗଣାରେ ହେଉଛି ତେଣୁ ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟମାନେ ଚିକିତ୍ସା ବାବଦୀୟ ବ୍ୟୟ ସଂକ୍ରାନ୍ତରେ ବୁଝିବା ବଦଳରେ ମୁହଁ ବନ୍ଦକରି ଘରକୁ ପଳାଉଛନ୍ତି । କେତେକ ସ୍ଥାନରେ ରୋଗୀକୁ ମାତ୍ର ୧୦/୧୨ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହି ଆଡମିଶନ କରୁଥିବା ଘରୋଇ ଡାକ୍ତରଖାନା ଦୁଇ ତିନି ଦିନର ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ବିଲ୍ ଧରାଯିବା ସହିତ ସେମାନଙ୍କ କାର୍ଡରୁ ଅର୍ଥ କାଟି ନିଆଯାଉଛି ।

ଅନ୍ୟ ପକ୍ଷରେ ରାଜଧାନୀ ଭୁବନେଶ୍ୱର, କଟକ ସମେତ ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ଥିବା ଚିକିତ୍ସାଳୟରେ ମାଗଣା ଚିକିତ୍ସାସେବା ଯୋଗାଇ ଦିଆଯାଉଥିବାବେଳେ ଏତେ ସଂଖ୍ୟାରେ ରୋଗୀ କିଭଳି ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି ଓ ସେମାନଙ୍କ ବାବଦରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ତାହାର ଠିକଣା ଅନୁଧ୍ୟାନ ହେଉନଥିବା କୁହାଯାଉଛି । ମାଗଣା ଚିକିତ୍ସା ମିଳୁଥିବାରୁ ସାଧାରଣ ରୋଗ ଠାରୁ ଆରମ୍ଭ କରି ପିଲା ଜନ୍ମ ପର୍ଯ୍ୟନ୍ତ ବହୁ ଚିକିତ୍ସା, ଯାହା ସହଜରେ ସରକାରୀ ଚିକିତ୍ସାଳୟରେ ଉପଲବ୍ଧ , ସେଥିପାଇଁ ଲୋକେ ଘରୋଇ ଡାକ୍ତରଖାନା ମୁହାଁ ହେଉଛନ୍ତି । ବର୍ତ୍ତମାନ ଆୟୁଷ୍ମାନ ଯୋଜନା ଲାଗୁ ପରେ ଏ କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ କ'ଣ ରହିବ ତାହା ଉପରେ ସମସ୍ତଙ୍କ ନଜର । (ତଥ୍ୟ)

# ସଂଘରୁ ପାଇଛି ସେବା ପ୍ରେରଣା: ମୁଖ୍ୟମନ୍ତ୍ରୀ

● ୪୩ ବର୍ଷ ଧରି ବିପନ୍ନଙ୍କ ସହ ଅଛି ଉତ୍କଳ ବିପନ୍ନ ସହାୟତା ସମିତି




**ଭୁବନେଶ୍ୱର,୧୬।୪(ସଂଚାର ବ୍ୟୁରୋ):** ପ୍ରାକୃତିକ ଦୁର୍ବିପାକ ହେଉ କିମ୍ବା ଅପାତକାଳୀନ ପରିସ୍ଥିତି, ସବୁ ସମୟରେ ବିପନ୍ନ ଓଡ଼ିଶାବାସୀଙ୍କ ପାଖରେ ଉତ୍କଳ ବିପନ୍ନ ସହାୟତା ସମିତି ଆଗ ପହଞ୍ଚିଛି ଓ ୪୩ ବର୍ଷର ଏହି ଯାତ୍ରାରେ ସାଧାରଣ, ଗରିବ ଓ ଅସହାୟ ଜନତାଙ୍କୁ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଦେବା ପାଇଁ ଏହା ଅଗ୍ରଣୀ ଅନୁଷ୍ଠାନ ଭାବେ ନିଜକୁ ପ୍ରତିପାଦନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉତ୍କଳ ବିପନ୍ନ ସହାୟତା ସମିତିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି । ଉତ୍କଳ ବିପନ୍ନ ସହାୟତା ସମିତିର ସେବା କ୍ଷେତ୍ରରେ ସଫଳ କାର୍ଯ୍ୟ ବିଷୟରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ଚିକିତ୍ସା କ୍ଷେତ୍ରର ବଡ ବଡ ସ୍ଥାନ ଯଥା କଟକ, ଭୁବନେଶ୍ୱର, ବ୍ରହ୍ମପୁରଠାରେ ସାରା ରାଜ୍ୟରୁ ରୋଗୀମାନେ ଜଟିଳ ରୋଗର ଚିକିତ୍ସା ପାଇଁ ଆସନ୍ତି। ଏହି ସମୟରେ ଏମାନଙ୍କ ରହିବା, ଖାଇବା, ଡାକ୍ତର ଓ ଡାକ୍ତରଖାନା ସହ ସମନ୍ୱୟ ରଖି ରୋଗୀମାନେ ଯେପରି ସଠିକ୍ ସେବା ପାଇପାରିବେ, ସେଥିପାଇଁ ଅନୁଷ୍ଠାନର ଶୁଶ୍ରୁତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ୧୯୮୨ର ପ୍ରଳୟଙ୍କରୀ ବନ୍ୟା, ବାରିପଦା ମଧୁବନର ଭୟାବହ ଅଗ୍ନିକାଣ୍ଡ, ୧୯୯୯ ମହାବାତ୍ୟା ସମୟରେ ବିପନ୍ନ ଓଡ଼ିଶାବାସୀଙ୍କୁ ଦେବଦୂତ ଭଳି ସହାୟତା ପ୍ରଦାନ କରିଥିଲା ଉତ୍କଳ ବିପନ୍ନ ସହାୟତା ସମିତି। ୧୯୯୯ ମହାବାତ୍ୟା ସମୟରେ ସମିତିର ସ୍ୱୟଂ ସେବକଙ୍କ କଠିନ ପରିଶ୍ରମ, ତ୍ୟାଗ, ସହନଶୀଳତା ଓ ସେବା ମନୋଭାବ ଇଣ୍ଡିଆ ଟୁଡ଼େ ଏବଂ ଆଉଟଲୁକ ଭଳି ପତ୍ରିକା ରିପୋର୍ଟରେ ସ୍ଥାନିତ ହେବା ସହ ଜାତୀୟ ସ୍ତରରେ ପ୍ରଶଂସା ସାଉଁଟିଥିଲା ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୯୯ ମହାବାତ୍ୟା ସମୟରେ ସଂଘର ଜଣେ ସକ୍ରିୟ ସେବକ ଭାବେ ସେ ମଧ୍ୟ କେନ୍ଦୁଝର ଜିଲ୍ଲା ଆନନ୍ଦପୁରଠାରେ ସେବା ଓ ସହାୟତା କାର୍ଯ୍ୟରେ ସାମିଲ ଥିଲେ । ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ, ଜଣେ ସାଧାରଣ ଲୋକ ଭାବେ ଲୋକଙ୍କ ମୁଖ୍ୟ ସେବକ ଭାବେ କାମ କରିବାର ପ୍ରେରଣା ମୁଁ ସଂଘରୁ ପାଇଛି। ମୁଖ୍ୟ ବକ୍ତା ଭାବେ ସଂଘର ସଂଯୁକ୍ତ ମହାମନ୍ତ୍ରୀ ବିଜୟ ମନୋହର ପୁରାନିକ କହିଥିଲେ ଯେ, ରାଜନୀତି ପରିବର୍ତ୍ତନ ପାଇଁ ବହୁମତ ଆବଶ୍ୟକ କିନ୍ତୁ ସମାଜ ପରିବର୍ତ୍ତନ ପାଇଁ ସୃଜନଶୀଳତାର ଆବଶ୍ୟକତା ଅଛି। ଉତ୍କଳ ବିପନ୍ନ ସହାୟତା ସମିତି ଭଳି ଅନୁଷ୍ଠାନ ଗୁଡିକର ସେବା ମନୋବୃତ୍ତି ଯୋଗୁଁ ଆଜି ସମାଜରେ ପରିବର୍ତ୍ତନ ଆସିଛି। ସେବାର ସଭ୍ୟତା ଆମ ଭାରତୀୟ ସଂସ୍କୃତିରେ କେଉଁ ପୁରା କାଳରୁ ରହି ଆସିଛି। ଲକଡାଉନ ସମୟରେ ଦେଶବ୍ୟାପୀ ଜନସାଧାରଣ ବାଟରେ ଯାଉଥିବା ଲୋକଙ୍କୁ ସେବା ଯୋଗାଇଦେଇ ଏହି ପରମ୍ପରାକୁ ଦର୍ଶାଇଛନ୍ତି ।

## ୯ବର୍ଷ ପରେ ଦିଲ୍ଲୀରୁ ନାବାଳକ ଉଦ୍ଧାର

**ବାଲେଶ୍ୱର, ୧୬।୪ (ସଂଚାର ବ୍ୟୁରୋ) :** ଦୀର୍ଘ ୯ବର୍ଷ ପରେ ନାବାଳକକୁ ଉଦ୍ଧାର କଲା ପୋଲିସ । ବାପା, ମାଙ୍କ ଝଗଡାରେ ନାବାଳକ ପୁଅର ଭବିଷ୍ୟତ । ୯ବର୍ଷ ହେବ ବାପା ପାଖରେ ରହୁଥିବା ପୁଅ ଏବେ କାହା ପାଖରେ ରହିବ ତାକୁ ନେଇ ସସ୍ପେନ୍ସ। ନାବାଳକ ପୁଅକୁ ନେବ କିଏ ବାପା, ମା ନା ସିଡବ୍ଲ୍ୟୁସି । ଗତ ୨୦୧୬ ମସିହାରେ ବାଲେଶ୍ୱର ମେଣ୍ଢାଶୁଳ ଅଞ୍ଚଳର ସୀମା ଶତପଥୀ ନାମକ ମହିଳା ତାଙ୍କ ସ୍ୱାମୀଙ୍କ ସହ ପାରିବାରିକ କଳହ ଲାଗି ରହିଥିଲା । ତେବେ ବାପା ୪ବର୍ଷର ଶିଶୁକୁ ନେଇ ଫେରାର ହୋଇଯାଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଥିଲା। ସାଢେ ୯ବର୍ଷ ପର୍ଯ୍ୟନ୍ତ ପିଲା ଓ ବାପାର ଠିକଣା ପାଇନଥିଲା ପୋଲିସ । ବର୍ତ୍ତମାନ କୋର୍ଟଙ୍କ ନିର୍ଦ୍ଦେଶ ପରେ ଦିଲ୍ଲୀରୁ ନାବାଳକକୁ ଉଦ୍ଧାର କରିଛି ପୋଲିସ। ଏହାସହ ବାପା କମଳାକାନ୍ତ ମିଶ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବାଲେଶ୍ୱର ପରିବାର ଅଦାଲତରେ ମାମଲା ବିଚାରଧୀନ ଥିଲା ବେଳେ ବାପା କମଳାକାନ୍ତ ମିଶ୍ରଙ୍କୁ ବେଲ ଖାରଜ କରି ତାଙ୍କୁ ଏକ ମାସ ପାଇଁ ବାଲେଶ୍ୱର ଜେଲକୁ ପଠାଇ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ନାବାଳକ ପୁଅକୁ CWC କୁ ହସ୍ତାନ୍ତରିତ କରିଯାଇଥିବା ବେଳେ ପୁଅ କାହା ପାଖରେ ରହିବ ତାକୁ ନେଇ ଅଦାଲତରେ କୌଣସି ନିଷ୍ପତି ଆସିନାହିଁ।

## ପଣା ପିଇଲେ ଅଇଁଠା ଗ୍ଲାସ ଭିକାରୀଙ୍କ ଉପରକୁ ଫିଙ୍ଗିଲେ

**ଉମରକୋଟ, ୧୬।୪ (ସଂଚାର ବ୍ୟୁରୋ) :** ପଣା ପିଇଲେ ଆଉ ଅଇଁଠା ଗ୍ଲାସଭିକାରୀଙ୍କ ଉପରକୁ ଫିଙ୍ଗିଲେ । ହଁ ଆଜ୍ଞା ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ। ଯାହାର ଭିଡିଓ ଭାଇରାଲ ହେବାରେ ଲାଗିଛି । ଗତକାଲି ଥିଲା ମହାବିଷୁବ ସଂକ୍ରାନ୍ତି ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ । ଏନେଇ ଚଳ ଚଞ୍ଚଳ ହୋଇଉଠିଥିଲା ବିଭିନ୍ନ ମନ୍ଦିର । ତେବେ ଉମରକୋଟ ସହରର ପୁରୁଣା ବସଷ୍ଟାଣ୍ଡରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ପଣା ବଣ୍ଟନ କରାଯାଇଥିଲା । ଶହ ଶହ ଲୋକ ପଣା ପିଇ ହନୁମାନ ମନ୍ଦିର ସମ୍ମୁଖରେ ରହିଥିଲେ । ଏହି ସମୟରେ ଏକ ଦୁଃଖ ଦାୟକ ଘଟଣା ଘଟିଥିଲା । ମନ୍ଦିର ପାଖରେ ଛତା ଧରି ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ଭିକମାଗୁ ଥିଲେ। ଏହି ସମୟରେ ମନ୍ଦିରକୁ ଆସିଥିବା ଲୋକେ ପଣା ପିଇ ସାରି ସେହି ଭିକାରୀଙ୍କ ଉପରକୁ ଅଇଁଠା ଗ୍ଲାସ ପକାଇଥିଲେ । ଏହି ଦୃଶ୍ୟ ଦେଖି ପଣା ବଣ୍ଟନ କରୁଥିବା ବ୍ୟକ୍ତିମାନେ ସହି ପାରିନଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଫିଙ୍ଗା ଯାଇଥିବା ଅଇଁଠା ଗ୍ଲାସ୍ ଉଠେଇ ଥିଲେ । ଗ୍ଲାସ୍ ଦୃଷ୍ଟି ବାଧିତ ଭିକାରୀଙ୍କ ଉପରେ ଫିଙ୍ଗନ୍ତୁନାହିଁ ବୋଲି ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହାପରେ ଡଷ୍ଟପିନର ବ୍ୟବସ୍ଥା କରିଥିଲେ ।

ମହାଦେବ ବେଟିଂ ଆପ୍ ମନି ଲଣ୍ଡରିଂ ମାମଲା |

# ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଇଡିର ଚଢାଉ



**ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ)** : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମହାଦେବ ଅନଲାଇନ୍ ବେଟିଂ ଆପ୍ ମନି ଲଣ୍ଡରିଂ ମାମଲାର ତଦନ୍ତକୁ ତୀବ୍ର କରିଛି ଏବଂ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଚଢାଉ କରାଯାଇଛି। ସମ୍ବଲପୁର, ଦିଲ୍ଲୀ, ମୁମ୍ବାଇ, ଚଣ୍ଡିଗଡ଼, ଅହମ୍ମଦାବାଦ, ଜୟପୁର, ଚେନ୍ନାଇ ଏବଂ ଇନ୍ଦୋର ଭଳି ଅନେକ ସହରରେ ସନ୍ଧାନ ଅଭିଯାନ କରାଯାଇଥିଲା। ଏହି କ୍ରାକଡାଉନ୍ ଆପ୍ର ବେଆଇନ କାର୍ଯ୍ୟ ଏବଂ ଆର୍ଥିକ କାର୍ଯ୍ୟକଳାପର ଏକ ବ୍ୟାପକ ତଦନ୍ତର ଏକ ଅଂଶ। ଅଧିକାରୀଙ୍କ ଅନୁସାରେ, ଛତିଶଗଡ଼ର ଅନେକ ଉଚ୍ଚପଦସ୍ଥ ରାଜନେତା ଏବଂ ଅମଲା ମହାଦେବ ଆପ୍ର ବେଆଇନ କାର୍ଯ୍ୟ ସହିତ ଜଡିତ ବୋଲି ଅଭିଯୋଗ ହୋଇଛି। ଇଡି ପୂର୍ବରୁ ମହାଦେବ ଅନଲାଇନ୍ ବେଟିଂ (ଏମ୍ଓବି) ଆପ୍କୁ ଏକ ବିଶାଳ ବେଆଇନ ସିଣ୍ଡିକେଟ୍ର ଅଂଶ ଭାବରେ ବର୍ଣ୍ଣନା କରିଥିଲା ଯାହା ଅନଲାଇନ୍ ବେଟିଂକୁ ସହଜ କରିଥାଏ, ୟୁଜର ଆଇଡି ସୃଷ୍ଟି କରିଥାଏ ଏବଂ ବେନାମୀ ବ୍ୟାଙ୍କ ଆକାଉଣ୍ଟର ଏକ ନେଟୱାର୍କ ମାଧ୍ୟମରେ କଳାଧନକୁ ଧଳା କରିଥାଏ।
ମାମଲାରେ ଏକ ଅନ୍ତର୍ଜାତୀୟ ଲିଙ୍କ ଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଏକ ପ୍ରେସ୍ ରିଲିଜ୍ ରେ ଉଲ୍ଲେଖ କରାଯାଇଥିବା ଅନୁଯାୟୀ, ଆପ୍ର ପ୍ରମୁଖ ପ୍ରମୋଟର, ସୌରଭ ଚନ୍ଦ୍ରକାର ଏବଂ ରବି ଉପ୍ପଲ, ଦୁବାଇରୁ କାର୍ଯ୍ୟ କରୁଥିବା ଜଣାପଡ଼ିଛି।
ସିବିଆଇ ନିକଟରେ ଭୋପାଳ, ରାୟପୁର, କୋଲକାତା ଏବଂ ଦିଲ୍ଲୀର ୬୦ରୁ ଅଧିକ ସ୍ଥାନରେ ବ୍ୟାପକ ଚଢାଉ କରିଛି। ଏହି ଚଢାଉ ରାଜନେତା, ବରିଷ୍ଠ ବ୍ୟୁରୋକ୍ରାଟ, ପୋଲିସ ଅଧିକାରୀ ଏବଂ ବେଆଇନ ବେଟିଂ ନେଟୱାର୍କର ଅଂଶ ବୋଲି ସନ୍ଦେହ କରାଯାଉଥିବା ଅନ୍ୟମାନଙ୍କ ସହିତ ଜଡିତ ଥିବା ସ୍ଥାନଗୁଡ଼ିକୁ ଟାର୍ଗେଟ କରିଥିଲା।
ମାମଲାଟି ପ୍ରଥମେ ରାୟପୁରର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ପଞ୍ଜିକୃତ ହୋଇଥିଲା ଏବଂ ପରେ ବରିଷ୍ଠ ସରକାରୀ ଅଧିକାରୀ ଏବଂ ଅନ୍ୟାନ୍ୟ ଅଭିଯୁକ୍ତ ବ୍ୟକ୍ତିଙ୍କ ଭୂମିକା ବିଷୟରେ ଅଧିକ ବ୍ୟାପକ ତଦନ୍ତ ପାଇଁ ଛତିଶଗଡ଼ ସରକାର ଏହାକୁ ସିବିଆଇକୁ ସ୍ଥାନାନ୍ତର କରିଥିଲେ।
ସିବିଆଇର ତଦନ୍ତ ଅନୁସାରେ, ଆପ୍ର ପ୍ରମୋଟରମାନେ ସରକାରୀ କର୍ମଚାରୀମାନଙ୍କୁ "ସୁରକ୍ଷା ଟଙ୍କା" ଭାବରେ ବିପୁଳ ପରିମାଣର ଟଙ୍କା ପ୍ରଦାନ କରିଥିବା ଅଭିଯୋଗ ହୋଇଛି, ଯାହା ସେମାନଙ୍କର ଅବୈଧ ଉଦ୍ୟୋଗର ସୁଗମ ପରିଚାଳନାକୁ ସକ୍ଷମ କରିଥାଏ।

## ଏନକାଉଣ୍ଟରରେ ଗଡ଼ିଲା ୨ ମାଓବାଦୀଙ୍କ ମୁଣ୍ଡ

**ମାଲକାନଗିରି, ୧୬।୪ (ସଂଚାର ବ୍ୟୁରୋ):** ପୁଣି ପୋଲିସ ଏନକାଉଣ୍ଟରରେ ଦୁଇ ଟପ୍ କ୍ୟାଡର ମାଓବାଦୀଙ୍କ ମୁଣ୍ଡ ଗଡ଼ିଛି। ଛତିଶଗଡ଼ର କୋଣ୍ଡାଗାଓଁ ଜିଲାର କିଲମ ଜଙ୍ଗଲରେ ପୋଲିସ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୁଲିସ ଏନକାଉଣ୍ଟରରେ ନିହତ ହୋଇଥିବା ମାଓବାଦୀ ପୂର୍ବ ବସ୍ତର ସଙ୍ଗଠନର ଡିଭିସିଏମ୍ କ୍ୟାଡର ମାଓବାଦୀ ହଳଧର ଏବଂ ଏସିଏମ୍ କ୍ୟାଡର ମାଓବାଦୀ ରାମେ। ଘଟଣାସ୍ଥଳରୁ ଗୋଟିଏ ଏକେ-୪୭ ସହ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଅଧିକ ମାଓବାଦୀ ମୃତାହତ ଆଶଙ୍କାରେ ଏବେବି ସର୍ଚ୍ଚ ଅପରେଶନ ଜାରି ରହିଛି। ଡିଆର୍‌ଜି ଜବାନଙ୍କ କମ୍ବିଂ ଅପରେଶନ ବେଳେ ଏହି ସଫଳତା ମିଳିଛି। ଏହି ଦୁଇ ମାଓବାଦୀଙ୍କ ନାଁରେ ୧୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା।

# ମାଗଣାରେ ମିଳିବ ୟୁପିଏସସି କୋଚିଂ



**ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ) :** ରାଜ୍ୟରେ ମାଗଣାରେ ମିଳିବ ୟୁପିଏସସି କୋଚିଂ। ସ୍ୱଳ୍ପ ଓ ମଧ୍ୟମ ଆୟ ବର୍ଗର ୨ଶହ ମେଧାବୀଙ୍କୁ ଫ୍ରି କୋଚିଂ ଦେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜୁନ ୮ରେ ପ୍ରବେଶିକା ପରୀକ୍ଷା ହେବାକୁ ଥିବା ବେଳେ ଗତକାଲିଠୁ ସାମ୍ସ ୱେବସାଇଟରେ ଉପଲବ୍ଧ ହୋଇଛି କମନ ଆପ୍ଲିକେସନ ଫର୍ମ। ଏଣିକି ନୂଆ ପଦ୍ଧତିରେ ଗରିବ ଓ ମଧ୍ୟମ ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ସିଭିଲ ସର୍ଭିସେସ ପ୍ରିଲିମ ଓ ମେନ ପରୀକ୍ଷା ପାଇଁ ଫ୍ରି କୋଚିଂ ଦିଆଯିବ। ସର୍ଟ ଲିଷ୍ଟେଡ ୨୦୦ ଛାତ୍ରୀଛାତ୍ରଙ୍କୁ ମାଗଣାରେ ରହିବା, ଖାଇବା ସହ ଏକ ଘରୋଇ ଅନୁଷ୍ଠାନରେ କୋଚିଂ ପାଇଁ ବ୍ୟବସ୍ଥା ହୋଇଛି।

ଯେଉଁଥିରେ ୨୦୨୫-୨୬ ବର୍ଷ ପାଇଁ ଆସନ୍ତା ଜୁନ ୮ରେ ହେବ ପ୍ରବେଶିକା ପରୀକ୍ଷା। ଗତକାଲିଠୁ କମନ ଆପ୍ଲିକେସନ ଫର୍ମ ବା ସିଏଏଫ୍ ସାମ୍ସ ୱେବସାଇଟରେ ଉପଲବ୍ଧ ହୋଇଛି। ଗ୍ରାଜୁଏସନ ପାସ କରିଥିବା ଛାତ୍ରୀଛାତ୍ର ଏଥିପାଇଁ ଆବେଦନ କରିପାରିବେ। ଆଶାୟୀ ଛାତ୍ର ଓ ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ପ୍ରବେଶିକା ପରୀକ୍ଷାରେ ମନୋନୀତ ପିଲାମାନଙ୍କୁ ଫ୍ରିରେ ୟୁପିଏସ୍ସି ପ୍ରିଲିମ ଓ ମେନ ପରିକ୍ଷା ପାଇଁ ୧୧ ମାସ କୋଚିଂ ଦିଆଯିବ।

୧୫.୦୪.୨୦୨୫ ରୁ ସାମ୍ସ ପୋର୍ଟାଲରେ ସାଧାରଣ ଆବେଦନ ଫର୍ମ (ସିଏଏଫ୍) ଉପଲବ୍ଧତା ରହିଛି। ଅନଲାଇନ ସିଏଏଫ୍ ଆବେଦନର ଶେଷ ତାରିଖ ମେ ୫ ,ରାତି ୧୧.୪୫ ଯାଏ ରହିଛି। ସେହିପରି ଜୁନ ୩ରେ ଏସ୍ଏସ୍ବି ୱେବସାଇଟରେ (www.ssbodisha.ac. in) ଆଡମିଟ କାର୍ଡ ଉପଲବ୍ଧ ହେବ। ମେ ୧୪ରେ ୟୁପିଏସସି ପ୍ରବେଶ ପରୀକ୍ଷା ପରିଚାଳନା ପାଇଁ ଓକାକ୍ ଦ୍ୱାରା ଏସ୍ଏସ୍ବିକୁ ଆବେଦନକାରୀଙ୍କ ତଥ୍ୟ ଦାଖଲ କରିବ। ଆଉ ଜୁନ ୮ରେ ୟୁପିଏସସି ପ୍ରବେଶ ପରୀକ୍ଷା ହେବ।

# ଶବ ପରିବହନ ପାଇଁ କଲ୍ ସେଣ୍ଟର



**ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ)** :ଦୂର ହେବ ଶବ ପରିବହନ ସମୟରେ ଉପୁଜୁଥିବା ସମସ୍ୟା । ରାଜ୍ୟରେ ଏଣିକି ଶବ ପରିବହନ ପାଇଁ ରହିବ କଲ୍ ସେଣ୍ଟର । ୧୦୮ ଆମ୍ବୁଲାନ୍ସ ଭଳି ରହିବ ସ୍ୱତନ୍ତ୍ର ଟୋଲ୍ ଫ୍ରି ନମ୍ବର୍ । ଏଥିପାଇଁ ଆଜି ସ୍ୱାସ୍ଥ୍ୟ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଛି ପ୍ରାରମ୍ଭିକ ଆଲୋଚନା । ରାଜ୍ୟ ସରକାର ସୁବିଧାରେ ଶବ ପରିବହନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଯାଉଛନ୍ତି । ଏହି ବ୍ୟବସ୍ଥାରେ କଲ୍ ସେଣ୍ଟର ମାଧମରେ ରୋଗୀ ପରିବାର ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମଧରେ ଉତ୍ତମ ସମନ୍ୱୟ ସ୍ଥାପନ କରି ମୃତଦେହକୁ ଠିକ୍ ସମୟରେ ଏବଂ ସୁବିଧାରେ ନିର୍ଦ୍ଧାରିତ ସ୍ଥାନକୁ ପହଞ୍ଚାଯାଇ ପାରିବ । ବୈଠକରେ ପ୍ରାରମ୍ଭିକ ଭାବେ ଆଲୋଚନା ଅନୁସାରେ, ଅନ୍ୟ ରାଜ୍ୟରେ ଥିବା ଶବ ପରିବହନ ବ୍ୟବସ୍ଥା ନେଇ ଆଜି ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି । ରାଜ୍ୟରେ କେଉଁ ଜିଲ୍ଲାର ହସ୍ପିଟାଲରେ ବାର୍ଷିକ କେତେ ଲୋକଙ୍କ ମୃତ୍ୟୁ ହେଉଛି, ସେହି ହିସାବରେ କେତେ ଶବ ପରିବହନ ଗାଡ଼ି ଆବଶ୍ୟକ ସେନେଇ ସ୍ୱାସ୍ଥ୍ୟ ସଚିବ ତଥ୍ୟ ମାଗିଛନ୍ତି । ଆଗାମୀ ଦିନରେ ଶବ ପରିବହନ ପାଇଁ କିଲୋମିଟର ପିଛା ଦର କେତେ ରହିବ, ସେନେଇ ଆଲୋଚନା ହେବ ବୋଲି ଜଣାପଡିଛି । ବିଶେଷକରି ସରକାରୀ ହସ୍ପିଟାଲରେ ପ୍ରାଣ ହରାଉଥିବା ମୃତଦେହକୁ ନେବା ପାଇଁ ଏହା କାମ କରିବ । ମୃତଦେହ ପରିବହନ ପାଇଁ କିଲୋମିଟର ପିଛା ମୂଲ୍ୟ କେତେ ରହିବ ତାକୁ ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

## ଅକ୍ଷୟ ତୃତୀୟା ପାଇଁ ମରାମତି ହେବ ବିନ୍ଦୁସାଗର ଚାପଡଙ୍ଗା



**ଭୁବନେଶ୍ୱର, ୧୬।୪ (ସଂଚାର ବ୍ୟୁରୋ)** : ପବିତ୍ର ସରୋବର ବିନ୍ଦୁସାଗରରୁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା ଉପଲକ୍ଷେ ଦୁଇଟି ଯାକ ଚାପ ଡଙ୍ଗା ପାଣିରୁ ବାହାର କରାଯାଇଛି। ଭୋଇ ସେବାୟତମାନେ ଡଙ୍ଗା ଦୁଇଟିକୁ ବାହାର କରିଛନ୍ତି । ମନ୍ଦିର କର୍ମଚାରୀ ହେମନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡଙ୍ଗା ଦୁଇଟିକୁ ବାହାର କରାଯାଇ ଶ୍ରାଦ୍ଧଘାଟ ଠାରେ ରଖାଯାଇଛି। ପରେ ଡଙ୍ଗାଗୁଡ଼ିକୁ ଉତ୍ତରେଶ୍ୱର ଘାଟକୁ ନେଇ ସଫା କରାଯିବ । ସଫା ହେବା ପରେ ପୁଟି ଓ ରୋଳ ଦେଇ ମରାମତି କରାଯିବ । ରୁକୁଣା ରଥକୁ ଭଙ୍ଗାଯାଇ ପଟାଗୁଡିକ ଚାପରେ ବ୍ୟବହାର କରାଯିବ। ଠିକ୍ ପନ୍ଦର ଦିନ ପରେ ଅକ୍ଷୟ ତୃତୀୟା ତିଥିରେ ପ୍ରଭୁ ଲିଙ୍ଗରାଜ, ମା' ପାର୍ବତୀ, ବାସୁଦେବ ଏବଂ ଦେବଦେବୀ ୨୨ ଦିନ ଧରି ବିନ୍ଦୁ ସାଗରରେ ଦୈନିକ ନୌବିହାର କରିବେ । ଅଳ୍ପ ଦିନ ମଧ୍ୟରେ ବିଏମ୍ସି ପକ୍ଷରୁ ବିନ୍ଦୁସାଗର ସଫେଇ କାର୍ଯ୍ୟ ଆରମ୍ଭ ହେବ ।

# ୩୫୦୦ କିମି ଅତିକ୍ରମ କରି ମହାରାଷ୍ଟ୍ରରେ ପହଞ୍ଚିଲା ଅଲିଭ୍ ରିଡ୍‌ଲେ

**୨୦୨୧ରେ ଗହୀରମଥାରୁ କରାଯାଇଥିଲା ଟ୍ୟାଗିଂ**



**କେନ୍ଦ୍ରାପଡ଼ା, ୧୬।୪ (ସଂଚାର ବ୍ୟୁରୋ)** : କେନ୍ଦ୍ରାପଡ଼ା ଜିଲ୍ଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ସାଟେଲାଇଟ୍ ଟ୍ୟାଗିଂ ହୋଇଥିବା ଅଲିଭ୍ ରିଡ୍‌ଲେ ମହାରାଷ୍ଟ୍ର ଉପକୂଳରେ ପହଞ୍ଚିଛି। ଗହୀରମଥାରୁ ଟ୍ୟାଗିଂ ହୋଇଥିବା ଅଲିଭ୍ ରିଡ୍‌ଲେ କ୍ରମିକ ନଂ. ୩୨୩୩ ଜାନୁଆରୀ ମାସରେ ମହାରାଷ୍ଟ୍ରର ରତ୍ନଗିରି ମୁହାଣରେ ପହଞ୍ଚିଥିବା ଭାରତୀୟ ପ୍ରାଣୀ ବିଜ୍ଞାନ ସର୍ବେକ୍ଷଣ ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ଡ. ବାସୁଦେବ ତ୍ରିପାଠୀ ସୂଚନା ଦେଇଛନ୍ତି। ତାଙ୍କ କହିବା ମୁତାବକ ୨୦୨୧ ମସିହାରେ ଓଡ଼ିଶାର ଋଷିକୂଲ୍ୟା ମୁହାଣ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ପ୍ରାୟ ୧୨ ହଜାର ଅଲିଭ୍ ରିଡ୍‌ଲେଙ୍କ ସାଟେଲାଇଟ୍ ଟ୍ୟାଗିଂ କରାଯାଇଥିଲା। ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାରେ ଚିହ୍ନଟ ହୋଇଥିବା ଅଲିଭ୍ ରିଡ୍‌ଲେ ଗହୀରମଥାରେ ଟ୍ୟାଗିଂ କରାଯାଇଥିଲା ବୋଲି ଡ. ତ୍ରିପାଠୀ କହିଛନ୍ତି ।

ଇତିମଧ୍ୟରେ ଉକ୍ତ ଅଲିଭ୍ ରିଡ୍‌ଲେ ମୋଟ ୧୦୭ ଥର ଗଣ ଅଣ୍ଡାଦାନରେ ସାମିଲ ହୋଇ ସାରିଥିବା ବେଳେ ରତ୍ନଗିରିରେ ୧୨୦ ଅଣ୍ଡାଦାନ କରିଛି । ଭାରତର ପୂର୍ବ ଉପକୂଳ ଏବଂ ପଶ୍ଚିମ ଉପକୂଳରେ କୌଣସି ଅଲିଭ୍ ରିଡ୍‌ଲେ ଅଣ୍ଡାଦାନ କରିବା ପ୍ରଥମ ଘଟଣା । ଉକ୍ତ ଅଲିଭ୍ ରିଡ୍‌ଲେ ଶ୍ରୀଲଙ୍କା ଉପକୂଳ ଅଭିମୁଖେ ଯାତ୍ରା କରିବ ବୋଲି ଆକଳନ କରାଯାଉଥିବା ବେଳେ ଏହା ତା'ର ଗତିପଥ ବଦଳାଇଥିଲା ଓ ମହାରାଷ୍ଟ୍ରକୁ ଆସିଥିଲା ।

ପ୍ରକାଶଥାଉ କି, ଅଲିଭ୍ ରିଡ୍‌ଲେଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଚଳିତ ବର୍ଷ ଗହୀରମଥାରେ ୨ଟି ଅଲିଭ୍ ରିଡ୍‌ଲେଙ୍କଠାରେ ସାଟେଲାଇଟ୍ ଟ୍ରାନ୍ସମିଟର ଲାଗିଥିଲା। ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନ (ଡବ୍ଲୁଆଇଆଇ) ସହଯୋଗରେ ଓଡ଼ିଶା ବନ ବିଭାଗ ତରଫରୁ ୨ଟି ମାଈ ଅଲିଭ୍ ରିଡ୍‌ଲେଙ୍କ ଦେହରେ ଏହି ଟ୍ରାନ୍ସମିଟର ଖଞ୍ଜାଯାଇଥିଲା। ଯାହା ଜରିଆରେ ଅଲିଭ୍ ରିଡ୍‌ଲେର ଗତିବିଧି ଓ ଜୀବନଶୈଳୀ ବିଷୟରେ ଅର୍ଥାତ୍ ପାଣି ମଧ୍ୟରେ ସେ କେତେ ସମୟ ରହୁଛି, ସେ ବିଷୟରେ ସବିଶେଷ ସୂଚନା ଦେବାକୁ ସକ୍ଷମ ହେବ। ତତ୍କାଳ ଏସମ୍ବନ୍ଧରେ ଡବ୍ଲୁଆଇଆଇକୁ ତଥ୍ୟ ମିଳିଯିବ। ୨୦୦୧ ମସିହାରେ ପ୍ରଥମ ଥର ପାଇଁ ଓଡ଼ିଶା ସରକାରଙ୍କ ବନ ବିଭାଗ ଓ ଡବ୍ଲୁଆଇଆଇ ଦ୍ୱାରା ଦେବୀ ବେଳାଭୂମିରେ ୪ଟି କଇଁଛଙ୍କ ଦେହରେ ପିଟିଟି ଖଞ୍ଜା ଯାଇଥିଲା । ସାଟେଲାଇଟ୍ ଟ୍ୟାଗିଂ ପରେ କଇଁଛମାନେ ସମୁଦ୍ର ମଧ୍ୟକୁ ପ୍ରବେଶ କରିଥିଲେ । ସେମାନଙ୍କ ମଧ୍ୟରୁ କେବଳ ଗୋଟିଏ କଇଁଛ ବିଷୟରେ ସୂଚନା ମିଳିଥିଲା । ଉକ୍ତ କଇଁଛ ଶ୍ରୀଲଙ୍କା ଅଭିମୁଖେ ଯାଉଥିବା ଦୃଶ୍ୟମାନ ହୋଇଥିଲା । ତା' ପରେ ଦୁର୍ଭାଗ୍ୟବଶତଃ ୨ରୁ ୩ ମାସ ମଧ୍ୟରେ ସମସ୍ତ କଇଁଛଙ୍କଠାରୁ ସୂଚନା ମିଳିବା ବନ୍ଦ ହୋଇଯାଇଥିଲା ।


Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# କେନ୍ଦ୍ର ସରକାର ଲାଗୁ କରିବେ ନୂଆ ଟୋଲ୍ ପଲିସି

**ନୂଆଦିଲ୍ଲୀ, ୧୬।୪:** ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଏକ ବଡ଼ କଥା ପ୍ରକାଶ କରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ନୀତିନ ଗଡକରୀ କହିଛନ୍ତି ଯେ 'ସମ୍ପୂର୍ଣ୍ଣ ଦେଶରେ ନୂଆ ଟୋଲ୍ ପଲିସି ଲାଗୁ ହେବାକୁ ଯାଉଛି।' ଏହାକୁ ଆଗାମୀ ୧୦ରୁ ୧୫ ଦିନ ମଧ୍ୟରେ କାର୍ଯ୍ୟକାରୀ କରାଯାଇପାରିବ। କେନ୍ଦ୍ରମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ 'ଆଗାମୀ ସମୟରେ ପୁରା ଦେଶର ସମସ୍ତ ଟୋଲ୍ ପ୍ଲାଜାକୁ ହଟାଇ ଦିଆଯିବ'।

ଏଥି ସହ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ସୋମବାର, ଏପ୍ରିଲ୍ ୧୪, ୨୦୨୫ରେ ଏକ ଇଭେଣ୍ଟରେ କହିଥିଲେ ଯେ 'ଦେଶର ବିଭିନ୍ନ ସ୍ଥାନରୁ ଖୁବ୍ ଶୀଘ୍ର ଫିଜିକାଲ ଟୋଲ୍ ବୁଥ୍ ହଟାଯିବ'। ଏହା ସହିତ ନୂଆ ଟୋଲ୍ ପଲିସି ବିଷୟରେ ମଧ୍ୟ ସୂଚନା ଦିଆଯାଇଥିଲା। ନୀତି ଗଡକରୀ ଆହୁରି କହିଛନ୍ତି ଯେ 'ବର୍ତ୍ତମାନ ମୁଁ ଏହା ବିଷୟରେ ଅଧିକ କହିବି ନାହିଁ, କିନ୍ତୁ ମୁଁ କହିପାରିବି ଯେ ଆଗାମୀ ୧୫ ଦିନ ମଧ୍ୟରେ ଭାରତ ସରକାର ଏକ ନୂଆ ଟୋଲ୍



ପଲିସି ଲାଗୁ କରିବାକୁ ଯାଉଛନ୍ତି'। ଏକ ରିପୋର୍ଟ ଅନୁଯାୟୀ, ନୀତିନ ଗଡକରୀ କହିଛନ୍ତି ଯେ 'ନୂଆ ସିଷ୍ଟମ କାର୍ଯ୍ୟକାରୀ ହେବା ସହିତ, ସାଟେଲାଇଟ୍ ଟ୍ରାକିଂ ମାଧ୍ୟମରେ ଟୋଲ୍ ଅଟୋମେଟିକ୍ ଭାବରେ କଟାଯିବ'। ଏଥି ସହ ଆହୁରି ମଧ୍ୟ କହିଛନ୍ତି ଯେ ସାଟେଲାଇଟ୍ ମାଧ୍ୟମରେ ଗାଡ଼ି ନମ୍ବର ପ୍ଲେଟ୍ ଚିହ୍ନଟ କରାଯିବ ଏବଂ ଟୋଲ୍ ଅଟୋମେଟିକ୍ ଭାବରେ କଟିଯିବ। ସଡ଼କ ପରିବହନ ମନ୍ତ୍ରୀ ଦେଶର ରୋଡ୍ ଇନଫ୍ରାଷ୍ଟ୍ରକ୍ଚର ବିଷୟରେ ମଧ୍ୟ ବହୁତ କଥା କହିଥିଲେ। ଏଥି ସହ ନୀତିନ ଗଡକରୀ କହିଛନ୍ତି ଯେ 'ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତର ରୋଡ୍ ଇନଫ୍ରାଷ୍ଟ୍ରକ୍ଚର ଆମେରିକା ଅପେକ୍ଷା ଭଲ ହେବ'। କେନ୍ଦ୍ରମନ୍ତ୍ରୀ ମୁମ୍ବାଇ-ଗୋଆ ରାଜପଥ ବିଷୟରେ ମଧ୍ୟ କହିଥିଲେ ଯେ 'ଏହି ରାଜପଥ ଚଳିତ ବର୍ଷ ଜୁନ୍ ସୁଦ୍ଧା ସମ୍ପୂର୍ଣ୍ଣ ଭାବରେ ସମାପ୍ତ ହୋଇପାରିବ'। ମୁମ୍ବାଇ-ଗୋଆ ରାଜପଥ ନିର୍ମାଣ ହେବା ସହିତ, ଏହି ଦୁଇଟି ସ୍ଥାନ ମଧ୍ୟରେ ଟ୍ରାଭେଲ୍ ଟାଇମ୍ ବହୁତ କମ୍ ହୋଇପାରେ।



## ଆଜିର ସୁନା ଦର

ସୁନା ବଜାରରେ ନିଆଁ। ଦିନକୁ ଦିନ ନୂଆ ରେକର୍ଡ କରୁଛି ସୁନା ଦର। ଆଗକୁ ୧ଲକ୍ଷ ୩୦ ହଜାର ଛୁଇଁବା ଅନୁମାନ କରିଛି ବିଦେଶୀ ନିବେଶକ ବ୍ୟାଙ୍କ ଗୋଲଡମ୍ୟାନ୍ ସାଚସ। ଆମେରିକା-ଚୀନ ମଧ୍ୟରେ ବଢୁଥିବା ବାଣିଜ୍ୟ ଯୁଦ୍ଧ ଏବଂ ମାନ୍ଦାବସ୍ଥା ଆଶଙ୍କା ମଧ୍ୟରେ ଏ ବର୍ଷ ସୁନା ଦର ନୂଆ ରେକର୍ଡ କରିପାରେ। ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୬, ୧୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୮ ହଜାର ୧୫୦ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୬ ହଜାର ୧୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୮ ହଜାର ୧୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୬, ୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୮ ,୧୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୬, ୩୨୦ ଟଙ୍କା ଓ ୨୨ କ୍ୟାରେଟ୍ ୮୮,୩୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୬, ୧୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୮,୧୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୬, ୧୭୦ ଓ ୮୮ ,୧୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୦୦୦ ଟଙ୍କା ହୋଇଛି।

## ଯାଜପୁର ରୋଡରେ ଅତ୍ୟାଧୁନିକ ଚନ୍ଦନ ଜୁଏଲର୍ସର ନୂତନ ଶୋ' ରୁମ ଉଦଘାଟିତ



**ଯାଜପୁର ରୋଡ଼, ୧୬।୪(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହର ଅନ୍ତର୍ଗତ ଚୋରଦା ଛକର ରିଲିଆନ୍ସ ସ୍ମାର୍ଟ ନିକଟରେ ଚନ୍ଦନ ଜୁଏଲର୍ସର ଏକ ନୂତନ ଅତ୍ୟାଧୁନିକ ସୋ ରୁମ ଉଦଘାଟିତ ହୋଇଯାଇଅଛି। ଏହି ସୋ ରୁମ ଟିକୁ ପ୍ରତିଷ୍ଠାନର ସ୍ୱତାଧିକାରୀ ଶ୍ରୀ ଚନ୍ଦନ କୁମାର କର୍ମୋକର'ଙ୍କ ପିତା ତପନ କୁମାର କର୍ମୋକର ଓ ମାତା ରିତା କର୍ମୋକର'ଙ୍କ ଦ୍ୱାରା ଫିତା କାଟି ଅନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଯିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାହକଙ୍କ ଚାହିଦା ମୁତାବକ ବିଭିନ୍ନ ବ୍ରାଣ୍ଡ ଓ ଅତ୍ୟାଧୁନିକ ଡିଜାଇନର ସୁନା ଗହଣା ଓ ରୁପାରେ ତିଆରି ଉପକରଣ ମାନ ଏଠାରେ ମିଳୁଥିବା ନେଇ ପ୍ରତିଷ୍ଠାନର ପ୍ରତିଷ୍ଠାତା ରଞ୍ଜନ କୁମାର କର୍ମୋକର ସୂଚନା ଦେଇଥିଲେ। କଳିଙ୍ଗନଗରର ମୁଖଶାଳା ବ୍ୟାସନଗର ହୋଇଥିବାରୁ ଏଠାରେ ଲୋକସଂଖ୍ୟା ଦିନକୁ ଦିନ ବଢୁ ଥିବାରୁ ଲୋକମାନଙ୍କ ଚାହିଦା ଓ ପସନ୍ଦକୁ ଦୃଷ୍ଟିରେ ରଖି ଏଭଳି ଏକ ଅତ୍ୟାଧୁନିକ ସୋ ରୁମ ଖୋଲା ଯାଇଥିବାରୁ ବ୍ୟବସାୟ ଭଲ ହେବା ନେଇ ଆଶା ରଖିଥିବା ସ୍ୱତାଧିକାରୀ ଶ୍ରୀ ତପନ କର୍ମୋକର କହିଛନ୍ତି। ବିଭିନ୍ନ ତାରକସି କାର୍ଯ୍ୟକୁ ନେଇ ନିର୍ମିତ ହୋଇଥିବା ସୁନା ଗହଣାର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ଚନ୍ଦନ ଜୁଏଲର୍ସ ବ୍ୟାସନଗରରେ ପ୍ରତିଷ୍ଠିତ ହୋଇଥିବାରୁ ସହର ବାସିଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ଆଜିର ପ୍ରଥମ ଦିନରେ ଗ୍ରାହକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଗ୍ରାହକ ମାନଙ୍କ ପାଇଁ ସବୁ ଜିନିଷ କ୍ରୟ ଉପରେ ବିଭିନ୍ନ ପ୍ରକାର ଅଫର ମେ ମାସ ୫ ତାରିଖ ପର୍ଯ୍ୟନ୍ତ ରହିଥିବା ଷ୍ଟୋରର ମ୍ୟାନେଜର ପ୍ରକାଶ ସାହୁ ଗ୍ରାହକ ମାନଙ୍କୁ ସୂଚନା ଦେଇଛନ୍ତି।


## ଏବେ ଚଳନ୍ତା ଟ୍ରେନରେ ଲାଗିବ ଏଟିଏମ୍

**ନୂଆଦିଲ୍ଲୀ, ୧୬।୪:** ଟ୍ରେନ ଯାତ୍ରୀଙ୍କ ପାଇଁ ଖୁସି ଖବର। ଏବେ ଚଳନ୍ତା ଟ୍ରେନ ଭିତରୁ ଉଠାଇ ପାରିବେ ଟଙ୍କା। ଚେକ୍ ବୁକ୍ ଅର୍ଡର କରିବା ସହ ଷ୍ଟେଟମେଣ୍ଟ ମଧ୍ୟ ପାଇପାରିବେ। କାରଣ ଟ୍ରେନରେ ଲାଗିବ ଏଟିଏମ୍। ଯାହାର ଟ୍ରାଏଲ ଆରମ୍ଭ ହୋଇ ସାରିଛି। ଏହାର ପ୍ରଥମ ଟ୍ରାଏଲ ସଫଳ ମଧ୍ୟ ହୋଇଛି। ଯଦି ଆପଣ ମଧ୍ୟ ପ୍ରାୟତଃ ଟ୍ରେନରେ ଯାତ୍ରା କରୁଛନ୍ତି ତେବେ ଏହି ଖବର ଖାସ ଆପଣଙ୍କ ପାଇଁ। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥାଏ। ଏବେ ରେଳବାଇ ଟ୍ରେନ ଭିତରେ ଏଟିଏମ୍ ସୁବିଧା ଯୋଗାଇବା ପାଇଁ ପ୍ରସ୍ତୁତି କରୁଛି।

ଦେଶରେ ପ୍ରଥମ ଥର ପାଇଁ, ରେଳବାଇ ଟ୍ରେନ ଭିତରେ ଏକ ଏଟିଏମ୍ ସ୍ଥାପନ କରିଛି। ମଙ୍ଗଳବାର ଦିନ ଏହି ଏଟିଏମର ସଫଳ ପରୀକ୍ଷଣ କରାଯାଇଥିଲା। ଏହି ଏଟିଏମ୍ ପଞ୍ଚବଟୀ ଏକ୍ସପ୍ରେସର ଏକ ଏସି କୋଚରେ ସ୍ଥାପିତ ହୋଇଥିଲା। ଏହା ପ୍ରତିଦିନ ନାସିକର ମନମାଡ ଏବଂ ମୁମ୍ବାଇ ମଧ୍ୟରେ ଚଳାଚଳ କରେ। ରେଳବାଇ ସୂଚନା ମୁତାବକ ଏଟିଏମ ଟ୍ରେନ ଭିତରେ ସଠିକ ଭାବେ କାର୍ଯ୍ୟ କରିଥିଲା। କେବଳ କିଛି ସ୍ଥାନରେ ଅସୁବିଧା ହୋଇଥିଲା। ଯେଉଁ ସେକ୍ସନରେ ନେଟୱର୍କ ଦୁର୍ବଳ ଥିଲା କିମ୍ବା କୌଣସି ସୁଡ଼ଙ୍ଗ ଦେଇ ଟ୍ରେନ ଯିବା ସମୟରେ ଟଙ୍କା ଉଠାଇବାରେ ଅସୁବିଧା ହୋଇଥିଲା। ଭୁସାଭଲର ଡିଭିଜନାଲ ରେଳ ପ୍ରବନ୍ଧକ ଇତି ପାଣ୍ଡେ କହିଛନ୍ତି, ଲୋକମାନେ ଏହାକୁ



ଖୁବ ପସନ୍ଦ କରିଛନ୍ତି। ସେ କହିଥିଲେ, 'ଏବେ ଲୋକମାନେ ଚଳନ୍ତା ଟ୍ରେନ୍‌ରେ ମଧ୍ୟ ଟଙ୍କା ଉଠାଇ ପାରିବେ।' ଆମେ ନିରନ୍ତର ମେସିନର କାର୍ଯ୍ୟଦକ୍ଷତା ଉପରେ ନଜର ରଖିବୁ। ଏକ ରିପୋର୍ଟ ଅନୁଯାୟୀ, ଏହି ଏଟିଏମ୍ ରେଳବାଇର ଭୁସାଭଲ ଡିଭିଜନ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ) ମଧ୍ୟରେ ଏକ ସହଭାଗୀତା ହୋଇଛି। ଏହା ଅଭିନବ ଏବଂ ନନ-ଫେୟାର ରାଜସ୍ୱ ଧାରଣା ଯୋଜନା (ଆଇଏନଏଫଆରଆଇଏସ) ଅଧୀନରେ କରାଯାଇଛି। ପାଣ୍ଡେ କହିଛନ୍ତି ଯେ ଟ୍ରେନରେ ଏଟିଏମ ସ୍ଥାପନ କରିବାର ଚିନ୍ତାଧାରା ପ୍ରଥମେ ଭୁସାଭଲ ଡିଭିଜନ ଦ୍ୱାରା ଆୟୋଜିତ ଆଇଏନଏଫଆରଆଇଏସର ଏକ ବୈଠକରେ ଆସିଥିଲା। ଯେତେବେଳେ ଏହି ପ୍ରସ୍ତାବ ଆସିଲା ସମସ୍ତେ ତୁରନ୍ତ ଏହା ଉପରେ ଆଲୋଚନା କରିଥିଲେ। ପଞ୍ଚବଟୀ ଏକ୍ସପ୍ରେସର ଯାତ୍ରୀମାନେ ଏହି ସୁବିଧା ଆରମ୍ଭ ହେବା ପରେ କହିଛନ୍ତି ଯେ ଟ୍ରେନରେ ଏଟିଏମ୍ ଥିବାରୁ ସେମାନେ ବହୁତ ଖୁସି। ଏହି ମେସିନ୍ ଏକ ଏସି କୋଚ୍‌ରେ ସ୍ଥାପିତ ହୋଇଛି କିନ୍ତୁ ଟ୍ରେନ୍‌ର ସମସ୍ତ ୨୨ଟି କୋଚ୍ ପରସ୍ପର ସହିତ ଜଡିତ ହୋଇଥିବାରୁ ଏହାକୁ ସହଜରେ ବ୍ୟବହାର କରାଯାଇପାରିବ। ସେହିଭଳି ଅନ୍ୟ ଜଣେ ଯାତ୍ରୀ କହିଛନ୍ତି ଯେ ଏହା ରେଳବାଇର ଏକ ଭଲ ପଦକ୍ଷେପ। ଲୋକମାନେ ଏବେ ଯାତ୍ରା ସମୟରେ ଟଙ୍କା ଉଠାଇ ପାରିବେ, ଚେକ୍ ବୁକ୍ ଅର୍ଡର କରିପାରିବେ ଏବଂ ଷ୍ଟେଟମେଣ୍ଟ ପାଇପାରିବେ। ଏହା ଲୋକଙ୍କ ପାଇଁ ବହୁତ ସହାୟକ ହେବ। ସୁରକ୍ଷା ଦୃଷ୍ଟିରୁ ଏହି ଏଟିଏମ ଉପରେ ୨୪ ଘଣ୍ଟା ନଜର ରଖାଯାଇଛି। ଯାହା ଦେଖିବା ପରେ ଅଧିକାରୀମାନେ କହିଛନ୍ତି ଯେ ଯଦି ଟ୍ରେନଗୁଡ଼ିକରେ ଏଟିଏମ୍ ସେବା ପସନ୍ଦ କରାଯାଏ, ତେବେ ଏହାକୁ ଅନ୍ୟ ପ୍ରମୁଖ ଟ୍ରେନଗୁଡ଼ିକରେ ମଧ୍ୟ ବିସ୍ତାର କରାଯିବ।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

**ଜାତୀୟ ବଜାରଠୁ ଓଡ଼ିଶା ଶସ୍ତା**

## ଖୁଚୁରା ମୁଦ୍ରାସ୍ଫୀତି ୩.୨୧%କୁ ହ୍ରାସ

**ଭୁବନେଶ୍ୱର, ୧୬।୪:** ଦୀର୍ଘଦିନର ବ୍ୟବଧାନ ପରେ ରାଜ୍ୟର ଦରଦାମ୍ ସ୍ଥିତି ନିୟନ୍ତ୍ରଣକୁ ଆସିଛି। ଜାତୀୟ ବଜାରଠାରୁ ଓଡ଼ିଶାରେ ଦରଦାମ୍ କମ୍ ହୋଇଛି। କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ କହୁଛି ଯେ ଚଳିତ ବର୍ଷ ମାର୍ଚ୍ଚରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୩.୧ ପ୍ରତିଶତକୁ ହ୍ରାସ ପାଇଛି। ତାହା ଜାତୀୟ ହାର ୩.୩୪ ପ୍ରତିଶତଠାରୁ କମ୍। ଜାତୀୟ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ପାଞ୍ଚ ବର୍ଷର ସର୍ବନିମ୍ନ ସ୍ତରକୁ ହ୍ରାସ ପାଇଛି। ଲୋକମାନେ ନିଜ ଦୈନନ୍ଦୀନ ଜୀବନରେ ବ୍ୟବହାର କରୁଥିବା ସାମଗ୍ରୀଗୁଡ଼ିକର ଖୁଚୁରା ମୂଲ୍ୟରେ ହେଉଥିବା ପରିବର୍ତ୍ତନକୁ ଦର୍ଶାଇବା ଲାଗି କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପ୍ରତି ମାସରେ ମୁଦ୍ରାସ୍ଫୀତି ତଥ୍ୟ ଜାରି କରୁଛନ୍ତି।

୨୦୨୪ ଡିସେମ୍ବରରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୯୬ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। ସେଥିପାଇଁ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ଦର ନିୟନ୍ତ୍ରଣ ଲାଗି ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ଚିଠି ଲେଖିଥିଲେ।



୨୦୨୫ ଜାନୁଆରି ପରଠାରୁ ରାଜ୍ୟରେ ଦରଦାମ୍ ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେବା ଆରମ୍ଭ ହୋଇଥିଲା। ଜାନୁଆରିରେ ରାଜ୍ୟର ମୁଦ୍ରାସ୍ଫୀତି ହାର ୬.୦୫ ପ୍ରତିଶତକୁ ଖସିଥିଲା। ସର୍ବାଧିକ ସୁଧାର ଫେବ୍ରୁଆରିରେ ଘଟିଥିଲା। ଏହି ମାସରେ ମୁଦ୍ରାସ୍ଫୀତି ୩.୮୬ ପ୍ରତିଶତକୁ ହ୍ରାସ ପାଇଥିଲା। ମାର୍ଚ୍ଚରେ ତାହା ଆଉ କିଛି ପାହାଚ ତଳକୁ ଖସିଥିବାରୁ ଖାଉଟିଙ୍କୁ ଆବଶ୍ୟକ ଆଶ୍ୱସ୍ତି ମିଳିଥିବା ଅନୁମାନ କରାଯାଉଛି। ଫେବ୍ରୁଆରି ତୁଳନାରେ ମାର୍ଚ୍ଚରେ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମୁଦ୍ରାସ୍ଫୀତିରେ ସୁଧାର ଘଟିଛି। ଏହି ସମୟରେ ସହରାଞ୍ଚଳ ମୁଦ୍ରାସ୍ଫୀତି ୨.୭୫ ପ୍ରତିଶତରୁ ହ୍ରାସ ପାଇ ୨.୬୫ ପ୍ରତିଶତ ହୋଇଛି। ସେହିପରି, ଗ୍ରାମୀଣ ମୁଦ୍ରାସ୍ଫୀତି ୪.୩୦ ପ୍ରତିଶତରୁ ହ୍ରାସ ପାଇ ୩.୪୪ ପ୍ରତିଶତ ହୋଇଛି। ରାଜ୍ୟର ସହରାଞ୍ଚଳରେ ଦରଦାମ୍ ଜାତୀୟ ହାର ୩.୪୩ ପ୍ରତିଶତଠାରୁ ଉନ୍ନତ ଥିବା ବେଳେ ଗ୍ରାମାଞ୍ଚଳରେ କିନ୍ତୁ ତାହା ଜାତୀୟ ହାର ୩.୨୫ ପ୍ରତିଶତଠାରୁ ସାମାନ୍ୟ ଅଧିକ ରହିଛି। ତେଣୁ, ଗ୍ରାମାଞ୍ଚଳରେ ଦରଦାମ୍ ନିୟନ୍ତ୍ରଣ ଲାଗି ଆହୁରି ଠୋସ୍ ପଦକ୍ଷେପର ଆବଶ୍ୟକତା ଥିବା ଏହି ତଥ୍ୟ ଦର୍ଶାଉଛି। କେନ୍ଦ୍ର ସରକାର ଆଜି ପାଇକାରୀ ମୁଦ୍ରାସ୍ଫୀତି ତଥ୍ୟ ମଧ୍ୟ ଜାରି କରିଛନ୍ତି। ଖାଦ୍ୟ ସାମଗ୍ରୀ ଓ ଇନ୍ଧନ ଶସ୍ତା ହୋଇଥିବାରୁ ମାର୍ଚ୍ଚରେ ପାଇକାରୀ ମୁଦ୍ରାସ୍ଫୀତି ହାର ୨.୦୫ ପ୍ରତିଶତକୁ ହ୍ରାସ ପାଇଛି। ଚଳିତ ବର୍ଷ ଫେବ୍ରୁଆରିରେ ତାହା ୨.୩୮ ପ୍ରତିଶତ ଥିଲା। ମାର୍ଚ୍ଚରେ ଉଭୟ ପାଇକାରୀ ଓ ଖୁଚୁରା ବଜାରରେ ଦରଦାମ୍ କମ୍ ହୋଇଛି।

## ରିଜର୍ଭ ବ୍ୟାଙ୍କ ଦେବ ୨.୫ ଲକ୍ଷ କୋଟି ଭର୍ତ୍ତି ହୋଇଯିବ ସରକାରଙ୍କ ଭଣ୍ଡାର

**ନୂଆଦିଲ୍ଲୀ, ୧୬।୪:** ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ମୋଟା ଅଙ୍କର ଲାଭାଂଶ ପ୍ରଦାନ କରିବ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏହା ସରକାରଙ୍କୁ ଅଢ଼େଇ ଲକ୍ଷ କୋଟି ଟଙ୍କା ଦେଇପାରେ ବୋଲି ଆକଳନ କରାଯାଇଛି। ଗତଥର ତୁଳନାରେ ଏକ ପଞ୍ଚମାଂଶ ଅଧିକ ଲାଭାଂଶ ଦେବ ରିଜର୍ଭ ବ୍ୟାଙ୍କ। ରିଜର୍ଭ ବ୍ୟାଙ୍କର ହେଉଥିବା ଲାଭର କିଛି ଅଂଶକୁ ଏହା ପ୍ରତିବର୍ଷ ସରକାରଙ୍କୁ ଲାଭାଂଶ ଆକାରରେ ପ୍ରଦାନ କରୁଛି। ଗତ କିଛି ବର୍ଷ ହେଲାଣି ରିଜର୍ଭ ବ୍ୟାଙ୍କର ଲାଭାଂଶ ସରକାରଙ୍କ ଆର୍ଥିକ ଗଣିତକୁ ସଜାଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ବିକାଶମୂଳକ କାର୍ଯ୍ୟ ଓ କଲ୍ୟାଣକାରୀ ଯୋଜନା ଲାଗୁ କରିବା ପାଇଁ ସରକାରଙ୍କୁ ଆଉ ବିପୁଳ ଋଣ କରିବାକୁ ପଡୁନାହିଁ। ବିତ୍ତୀୟ ନିଅଣ୍ଟକୁ ମଧ୍ୟ ନିୟନ୍ତ୍ରଣରେ ରଖିବାରେ ଏହା ସହାୟକ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ୨.୧ ଲକ୍ଷ କୋଟି ଟଙ୍କା ଲାଭାଂଶ ଦେଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ଟଙ୍କା ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ରିଜର୍ଭ ବ୍ୟାଙ୍କ ବିପୁଳ ଆମେରିକୀୟ ଡଲାର ବିକ୍ରି କରି ସେଥିରୁ ଆୟ କରିଛି। ବ୍ୟାଙ୍କଗୁଡ଼ିକୁ ଦେଇଥିବା ଋଣ ଉପରେ ସୁଧ ପାଇଛି। ଏଥର ରୋଜଗାର ଅଧିକ ହୋଇଥିବାରୁ ଲାଭାଂଶ ପରିମାଣ ଅଢ଼େଇ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ରିଜର୍ଭ ବ୍ୟାଙ୍କରୁ ୨.୨ ଲକ୍ଷ କୋଟି ଟଙ୍କାର ଲାଭାଂଶ ମିଳିବା ସମ୍ଭାବନା ରହିଛି।

# ଥମୁନି ଶୁଳ୍କ ଯୁଦ୍ଧ: ଚୀନ ଉପରେ ୨୪୫% ଶୁଳ୍କ ଲଗାଇଲା ଆମେରିକା

**ନୂଆଦିଲ୍ଲୀ, ୧୬।୪:** ଆମେରିକା ଏବଂ ଚୀନ୍ ମଧ୍ୟରେ ଶୁଳ୍କ ଯୁଦ୍ଧ ବନ୍ଦ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ। ୨ ଏପ୍ରିଲରେ ଯେତେବେଳେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଚୀନ୍ ଉପରେ ୩୪ ପ୍ରତିଶତ ଶୁଳ୍କ ଲାଗୁ କଲେ, ଜବାବରେ ଚୀନ୍ ମଧ୍ୟ ଆମେରିକା ଉପରେ ସମାନ ଶୁଳ୍କ ଲାଗୁ କରି ଦେଲା। ଏହାପରେ ଟ୍ରମ୍ପ ପୁଣି ଶୁଳ୍କ ବଢ଼ାଇ ୮୪ ପ୍ରତିଶତ ଏବଂ ପରେ ୧୨୫ ପ୍ରତିଶତକୁ ବୃଦ୍ଧି କରିଦେଲେ। ପୁଣି ଆମେରିକାକୁ ଜବାବ ଦେଇ ଚୀନ ମଧ୍ୟ ଆମେରିକା ଉପରେ ସେତିକି ଶୁଳ୍କ ବଢ଼ାଇ ଦେଲା। ଆଉ ଚୀନ୍‌ରେ ଏଭଳି ପ୍ରତି ଜବାବରେ ଆମେରିକା ମଙ୍ଗଳବାର ବିଳମ୍ବିତ ରାତିରେ ଚୀନ ଉପରେ ଶୁଳ୍କ ବୃଦ୍ଧିକୁ ଆକାଶ ଛୁଆଁ କରିଛି। ଚୀନ ଉପରେ ୨୪୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି ଟ୍ରମ୍ପ ସରକାର।

ସେପଟେ ଟ୍ରମ୍ପଙ୍କ ଶୁଳ୍କକୁ ନେଇ ଚୀନ ପ୍ରତିକ୍ରିୟା ରଖିଛି। ଚୀନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଚୀନ ବାଣିଜ୍ୟ ଯୁଦ୍ଧ ଲଢ଼ିବାକୁ ଭୟ କରେ ନାହିଁ। ଅନ୍ୟପଟେ ଶୁଳ୍କ ବୃଦ୍ଧି କରିବା ପୂର୍ବରୁ ଟ୍ରମ୍ପ କହିଥିଲେ ଆଲୋଚନା ମାଧ୍ୟମରେ ସମାଧାନ ଏବେ





ଚୀନ ଉପରେ ନିର୍ଭର କରେ। ଟ୍ରମ୍ପଙ୍କ ଏଭଳି ବୟାନକୁ ନେଇ ଚୀନ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଯଦି ଆମେରିକା ପ୍ରକୃତରେ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଚାହୁଁଛି, ତେବେ ଅତ୍ୟଧିକ ଚାପ ପ୍ରୟୋଗ କରିବା ବନ୍ଦ କରୁ। ସେ ଏହା ମଧ୍ୟ କହିଛନ୍ତି ଯେ ଟ୍ରମ୍ପଙ୍କୁ ଧମକ ଦେବା ଏବଂ ବ୍ଲାକମେଲିଂ ବନ୍ଦ କରିବା ଉଚିତ ଏବଂ ସମାନତା, ସମ୍ମାନ ଏବଂ ପାରସ୍ପରିକ ଲାଭ ଭିତ୍ତିରେ ଚୀନ୍ ସହିତ କଥାବାର୍ତ୍ତା କରିବା ଉଚିତ।

ତେବେ ଚୀନ ଉପରେ ଲଗାଯାଇଥିବା ଏହି ଶୁଳ୍କ ସମସ୍ତ ସାମଗ୍ରୀରେ ଲାଗୁ ହେବ ନାହିଁ। ପୂର୍ବରୁ ଟ୍ରମ୍ପ ସରକାର ସମସ୍ତ ପ୍ରକାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ଶୁଳ୍କ ଛାଡ଼ କରିଥିଲେ। ତେଣୁ ଏହା ସେ କ୍ଷେତ୍ରରେ ଲାଗୁ ହେବ ନାହିଁ। ତେବେ ଅନ୍ୟ କିଛି ସାମଗ୍ରୀ ଉପରେ ଆମେରିକାର ଏହି ଶୁଳ୍କ ଅଲଗା ଅଲଗା ଭାବେ ଲାଗୁ ହେବ। ଆମେରିକା ଶୁଳ୍କ ବୃଦ୍ଧି ପରେ ଚୀନ ଜବାବରେ କେବଳ ଶୁଳ୍କ ବୃଦ୍ଧି କରୁ ନାହିଁ, ତା ସହିତ ବହୁତ ବିରଳ ଓ ଖୁବ୍ ଦରକାରୀ ଧାତୁ ଓ ମ୍ୟାଗ୍ନେଟ୍ ରପ୍ତାନୀ ବନ୍ଦ କରିଦେଇଥିଲା, ଯାହା ଅଟୋ, ମହାକାଶ ଏବଂ ପ୍ରତିରକ୍ଷା ଭଳି କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ। କେବଳ ସେତିକି ନୁହେଁ, ଆମେରିକା ଠାରୁ, ଗୋମାଂସ, କୁକୁଡ଼ା ଏବଂ ପ୍ରାକୃତିକ ଗ୍ୟାସ୍ ଭଳି ସାମଗ୍ରୀ କିଣିବା ହ୍ରାସ କରିଛି। ଚୀନ୍ ମଧ୍ୟ ଏହାର ବିମାନ କମ୍ପାନୀଗୁଡ଼ିକୁ ବୋଇଂ ଜେଟ୍‌ର ଆଉ କୌଣସି ବିତରଣ ନ ନେବାକୁ ନିର୍ଦ୍ଦେଶ ଦେଇଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ସି ଜିନପିଙ୍ଗ ପ୍ରଶାସନ ବିମାନ କମ୍ପାନୀଗୁଡ଼ିକୁ ଆମେରିକୀୟ କମ୍ପାନୀଗୁଡ଼ିକଠାରୁ ବିମାନ ସମ୍ବନ୍ଧୀୟ ଉପକରଣ କ୍ରୟ ବନ୍ଦ କରିବାକୁ ମଧ୍ୟ କହିଛି। ଏବେ ନୂଆ ଅପ୍‌ଡେଟ୍ ଖବର ହେଲା ଚୀନ ଆମେରିକା ବିମାନ ନିର୍ମାଣକାରୀ କମ୍ପାନୀ ବୋଇଂଠାରୁ ବିମାନ କିଣିବାକୁ ଡିଲ୍ ରଦ୍ଦ କରି ଦେଇଛି। ବୋଇଂ ଜେଟ୍‌ର ଆଉ କୌଣସି ଡେଲିଭରି ନ ନେବାକୁ ଚୀନ ନିଜ ବିମାନ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ସି ଜିନପିଙ୍ଗ ପ୍ରଶାସନ ବିମାନ କମ୍ପାନୀଗୁଡ଼ିକୁ ଆମେରିକୀୟ କମ୍ପାନୀଗୁଡ଼ିକଠାରୁ ବିମାନ-ସମ୍ବନ୍ଧୀୟ ଉପକରଣ କ୍ରୟ ବନ୍ଦ କରିବାକୁ ମଧ୍ୟ କହିଛି।



## ଜଳବାୟୁ ପରିବର୍ତ୍ତନର ପ୍ରଭାବ



# ଯୋଡ଼ିହେଲା ଆଉ ୫୦ ଉତ୍ତପ୍ତ ଦିବସ

ସମ୍ପ୍ରତି ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ହେତୁ ଚିନ୍ତାଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ୨୦୧୯ରୁ ୨୦୨୩ ମଧ୍ୟରେ ବାର୍ଷିକ ହାରାହାରି ୪୬ ଦିନ ଅତିରିକ୍ତ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ଉତ୍ତପ୍ତଦିନ ଅନୁଭୂତ ହେବା ସହ କେବଳ ୨୦୨୩ରେ ଏହାର ସଂଖ୍ୟା ୫୦ ଥିଲା, ଯାହାକି ଅତ୍ୟନ୍ତ ଉଦ୍‌ବେଗଜନକ। ଗତ ବର୍ଷ ଅତିରିକ୍ତ ଉତ୍ତପ୍ତ ଦିନ ଅନୁଭୂତ ହୋଇଥିବା ତଥ୍ୟ ପ୍ରକାଶିତ 'ଲାନ୍‌ସେଟ୍ କାଉଣ୍ଟଡାଉନ୍'ର ଅଷ୍ଟମ ବାର୍ଷିକ ରିପୋର୍ଟରେ ଦିଆଯାଇଛି।

ବିଶ୍ୱସ୍ତରୀୟ ୫୭ଟି ଅନୁଷ୍ଠାନର ୧୨୨ ଜଣ ବିଶେଷଜ୍ଞ ଓ ମିଳିତ ଜାତିସଂଘର ବିଭିନ୍ନ ପ୍ରତିଷ୍ଠାନର ମିଳିତ ଉଦ୍ୟମରେ ଏପରି ଚିନ୍ତାଜନକ ପ୍ରସଙ୍ଗର ଅବତାରଣା କରାଯାଇଛି। ସୂଚନାଯୋଗ୍ୟ, ବିଶେଷ କରି ବାୟୁମଣ୍ଡଳକୁ ସବୁଜ ବାଷ୍ପ ନିର୍ଗମନ ଦ୍ୱାରା ପ୍ରେରିତ ବୈଶ୍ୱିକ ତାପମାତ୍ରା ବୃଦ୍ଧି ଯୋଗୁଁ ସାର୍ବଜନୀନ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଚାଲିଛି। ତେବେ ଏଥି ଯୋଗୁଁ ବିଶେଷ କରି ବୟସ୍କ ଓ ଶିଶୁଙ୍କ ମଧ୍ୟରେ ମୃତ୍ୟୁହାର ସଂକଟଜନକ ସ୍ତରରେ ପହଞ୍ଚିଛି ବୋଲି କୁହାଯାଇଛି।

ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ ୧୫ଟି ସ୍ୱାସ୍ଥ୍ୟ ସଂକଟ ସୂଚକାଙ୍କ ମଧ୍ୟରୁ ସମ୍ପ୍ରତି ୧୦ଟିରେ ଚିନ୍ତାଜନକ ସ୍ଥିତି ଦେଖିବାକୁ ମିଳିଛି। ୨୦୨୩ ମସିହାରେ ୩୧ଟି ଦେଶରେ ୧୦୦ରୁ ଅଧିକ ସ୍ୱାସ୍ଥ୍ୟ ଲାଗି ବିପଜ୍ଜନକ ଉତ୍ତପ୍ତ ଦିବସ ଅନୁଭୂତ ହୋଇଥିଲା। ସେହିପରି ବିଶ୍ୱର ଅନେକ ସ୍ଥାନରେ ଦିନ ତାପମାତ୍ରା ତୁଳନାରେ ରାତ୍ରିର ତାପମାତ୍ରାରେ ଦ୍ରୁତ ବୃଦ୍ଧି ଦେଖାଦେଇଥିଲା। ଏଥିଯୋଗୁଁ ସୃଷ୍ଟ ନିଦ୍ରା ବିଭ୍ରାଟ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରତିକ୍ରିୟା ପକାଇଥିଲା। ୧୯୮୬ରୁ ୨୦୦୫ ମସିହା ତୁଳନାରେ ୨୦୨୩ ମସିହାରେ ହାରାହାରି ୬ ପ୍ରତିଶତ ଶୟନ ନଷ୍ଟ ହୋଇଯାଇଥିଲା। ଏହା ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ କ୍ଷତିକାରକ ପ୍ରଭାବ ପକାଇଥିଲା ବୋଲି ଲାନ୍‌ସେଟ୍ ରିପୋର୍ଟ ସ୍ପଷ୍ଟ କରିଛି। ସେହିପରି ୨୦୨୩ ମସିହାରେ ୬୫ ବର୍ଷରୁ ଅଧିକ ବୟସ୍କ ଲୋକମାନେ ହାରାହାରି ୯.୩ ଅଧିକ ଉତ୍ତପ୍ତ ଦିନ ଭୋଗିଥିଲେ, ପରିଣାମ ସ୍ୱରୂପ ୧୯୯୦ ଦଶକ ତୁଳନାରେ ଗତବର୍ଷ ବୃଦ୍ଧମାନଙ୍କ ମୃତ୍ୟୁରେ ୧୬୭ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏଥି ସହିତ ଗ୍ରୀଷ୍ମଲହରୀ, ମରୁଡ଼ି ଓ ଅନ୍ୟାନ୍ୟ ଚରମ ପାଣିପାଗ ସ୍ଥିତି ଯୋଗୁଁ ୨୦୨୨ ସୁଦ୍ଧା ୧୨୪ ଦେଶର ପ୍ରାୟ ୧୫.୧ କୋଟି ଲୋକ ମଧ ଭୀଷଣ ଖାଦ୍ୟାଭାବର ସମ୍ମୁଖୀନ ହୋଇଥିଲେ। ସେହିପରି ଉଷ୍ମତା ବୃଦ୍ଧି ଯୋଗୁଁ ଡେଙ୍ଗୁ, ମ୍ୟାଲେରିଆ ଓ ୱେଷ୍ଟ୍ ନାଇଲ୍ ଭାଇରସ୍ ପରି ରୋଗ ନୂଆ ନୂଆ ଇଲାକାରେ ବ୍ୟାପିବା ଦେଖାଯାଇଥିଲା।



## ଦେଖିବାକୁ ମିଳିବନି
# ୩୮ ପ୍ରତିଶତ ବୃକ୍ଷ ପ୍ରଜାତି!



ଏକ ନୂତନ ବୈଶ୍ୱିକ ମୂଲ୍ୟାଙ୍କନ ଅନୁସାରେ ପୃଥିବୀର ଏକ-ତୃତୀୟାଂଶରୁ ଅଧିକ ବୃକ୍ଷ ପ୍ରଜାତି ଜଙ୍ଗଲରେ ବିଲୁପ୍ତ ହେବାର ଆଶଙ୍କା ରହିଛି।ଏହା ବିଲୁପ୍ତ ହେଉଥିବା ପକ୍ଷୀ, ସ୍ତନ୍ୟପାୟୀ, ସରୀସୃପ ଓ ଉଭୟଚର ପ୍ରାଣୀ ପ୍ରଜାତି ପ୍ରତି ଥିବା ବିପଦ ସ୍ତରକୁ ଅତିକ୍ରମ କରିଗଲାଣି। 'ବଟାନିକ୍ ଗାର୍ଡେନ୍ କଞ୍ଜର୍ଭେସନ୍ ଇଣ୍ଟର୍‌ନେସ୍‌ନାଲ୍' (ବିଜିସିଆଇ) ଓ 'ଇଣ୍ଟର୍‌ନେସ୍‌ନାଲ୍ ୟୁନିଅନ୍ ଫର୍ କଞ୍ଜର୍ଭେସନ୍ ଅଫ୍ ନେଚର୍' (ଆଇୟୁସିଏନ୍) ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା ଦର୍ଶାଯାଇଛି। କଲମ୍ବିଆସ୍ଥିତ କେଲି ଠାରେ ଆୟୋଜିତ ଜାତିସଂଘ ଜୈବ ବିବିଧତା ସମ୍ମିଳନୀ (ସିଓପି ୧୬)ରେ ଏକ ହଜାରରୁ ଅଧିକ ବୈଜ୍ଞାନିକଙ୍କ ଗବେଷଣା ନିଷ୍କର୍ଷ ପରେ ଏହି ରିପୋର୍ଟ ପ୍ରକାଶିତ ହୋଇଛି। ଏହି ସମ୍ମିଳନୀରେ ବିଶ୍ୱର ପରିବେଶବିତ୍, ଜଳବାୟୁ ବିଜ୍ଞାନୀଙ୍କ ସମେତ ବିଭିନ୍ନ ରାଷ୍ଟ୍ରର ନୀତି ନିର୍ଦ୍ଧାରକମାନେ ଉପସ୍ଥିତ ହୋଇ ଏକ ବିଶ୍ୱ ସଂରକ୍ଷଣ ସଙ୍କଳ୍ପ ପ୍ରଗତିର ମୂଲ୍ୟାଙ୍କନ କରିଛନ୍ତି। ଏହି ରିପୋର୍ଟର ତଥ୍ୟ ଅନୁଯାୟୀ, ବିଶ୍ୱର ଜଙ୍ଗଲରୁ ପ୍ରାୟ ୩୮ ପ୍ରତିଶତ ଗଛ ପ୍ରଜାତି ଲୁପ୍ତ ହେବାକୁ ଯାଉଛି।

ବିଶ୍ୱସ୍ତରରେ ଗଛଗୁଡ଼ିକ ପାଇଁ ପ୍ରାଥମିକ ବିପଦ ହେଉଛି କୃଷି ଜମି ସୃଷ୍ଟି ଓ କୀଟନାଶକ ପ୍ରୟୋଗ। ଏହି ବିପଦ ବିଶେଷ ଭାବରେ ନାତିଶୀତୋଷ୍ଣ ଅଞ୍ଚଳରେ ଅଧିକ ଦେଖିବାକୁ ମିଳୁଛି।

ମ୍ୟାଗନୋଲିଆସ୍, ଓକ୍, ମେପଲ୍‌ସ ଓ ଏବୋନି ଭଳି ବୃକ୍ଷ ପ୍ରଜାତିଗୁଡ଼ିକ ସବୁଠାରୁ ଅଧିକ ସଙ୍କଟାପନ୍ନ। ଏହି ବିପଦ ସମଗ୍ର ପରିସଂସ୍ଥା ଉପରେ ଘୋର କୁପ୍ରଭାବ ପକାଉଥିବାରୁ ଏହା ଏକ ବିଶ୍ୱସ୍ତରୀୟ ଜୈବବିବିଧତା ସଙ୍କଟକୁ ପ୍ରତିଫଳିତ କରୁଛି। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ କାଶ୍ମୀର ଭଳି ହିମାଳୟ ଅଞ୍ଚଳର ବୃକ୍ଷ ପ୍ରଜାତି ଉପରେ ମଧ୍ୟ ଏହି ବିପଦ ବାରି ହୋଇ ପଡ଼ିଲାଣି।

ବୃକ୍ଷ ସଂରକ୍ଷଣର ପ୍ରଭାବ ଏହି ବିପଦର ମୁକାବିଲା କରିବାକୁ ଅସମର୍ଥ, କାରଣ ଅସଂଖ୍ୟ ପ୍ରଜାତିର ପକ୍ଷୀ ଓ କୀଟପତଙ୍ଗଙ୍କ ବାସସ୍ଥଳୀ ଅସୁରକ୍ଷିତ ହୋଇପଡ଼ିଛି ଏବଂ ସେମାନେ ବିଲୁପ୍ତିର ଦ୍ୱାରଦେଶରେ ଛିଡ଼ା ହୋଇଛନ୍ତି। ଗୋଟିଏ ବୃକ୍ଷ ବା ଉଦ୍ଭିଦ ପ୍ରଜାତି ହରାଇବାର ଅର୍ଥ ହେଉଛି ତାହା ଉପରେ ନିର୍ଭରଶୀଳ ଅନେକ ପ୍ରଜାତିର ଜୀବଙ୍କ ସମେତ ମୃତ୍ତିକା କ୍ଷୟକୁ ତ୍ୱରାନ୍ୱିତ କରିବା ବୋଲି ବୃକ୍ଷ ସଂରକ୍ଷଣ ଗବେଷକ ଷ୍ଟିଭେନ୍ ବାକ୍‌ମାନ୍ କହିଛନ୍ତି।

# ବିଲୋପନ ପଥରେ ▶ ଆଫ୍ରିକୀୟ ପେଙ୍ଗୁଇନ୍



ନିଜର କଳା-ଧଳା ରଙ୍ଗର ପର ପାଇଁ ପରିଚିତ ଆଫ୍ରିକୀୟ ପେଙ୍ଗୁଇନ୍ ପ୍ରଜାତି ଏବେ ବିପଦଗ୍ରସ୍ତ। ତାହାର ସଂରକ୍ଷଣକୁ ଦୃଷ୍ଟିରେ ରଖି ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍) ପକ୍ଷରୁ ଏହି ଲୋକପ୍ରିୟ ପକ୍ଷୀକୁ ଏକ ବିଲୁପ୍ତପ୍ରାୟ ପ୍ରଜାତି ଭାବେ ଘୋଷଣା କରାଯାଇଛି। ଫଳରେ ପୃଥିବୀରେ ଦେଖାଦେଉଥିବା ୧୮ଟି ପେଙ୍ଗୁଇନ୍ ପ୍ରଜାତିଙ୍କ ଭିତରୁ ଏହା ପ୍ରଥମ ପ୍ରଜାତି ଭାବେ ବିଲୁପ୍ତପ୍ରାୟ ଜୀବଜନ୍ତୁ ତାଲିକାରେ ସ୍ଥାନ ପାଇଛି। ଏହି ନିରୀହ ବିରଳ ପ୍ରଜାତିର ସଂରକ୍ଷଣ, ପୁନରୁଦ୍ଧାର ଓ ଥଇଥାନ ପାଇଁ ଆନ୍ତର୍ଜାତିକ ସଂସ୍ଥା 'ବ୍ଲୁ ମେରାଇନ୍' ସହଯୋଗରେ 'ସାନ୍‌କୋବ୍' ଓ 'ବାର୍ଡଲାଇଫ୍ ସାଉଥ୍ ଆଫ୍ରିକା' ଭଳି ଅନୁଷ୍ଠାନ ଦକ୍ଷିଣ ଆଫ୍ରିକା ସରକାରଙ୍କ ଠାରୁ ତ୍ୱରିତ ପଦକ୍ଷେପ ଆଶା ରଖିଛନ୍ତି। ବିଶେଷ କରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖାଦେଇଥିବା ଖାଦ୍ୟାଭାବ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ଶିକାର ଯୋଗୁଁ ଆଫ୍ରିକୀୟ ପେଙ୍ଗୁଇନ୍‌ମାନଙ୍କ ଅସ୍ତିତ୍ୱ ପ୍ରତି ଏଭଳି ବିପଦ ଦେଖାଦେଇଛି। ଯଦିଓ ଦକ୍ଷିଣ ଆଫ୍ରିକାର ନିର୍ଦ୍ଦିଷ୍ଟ ଉପକୂଳମାନଙ୍କରେ ମାଛଧରା ଉପରେ କଟକଣା ଜାରି ହୋଇଛି, ତେବେ ଏହି ପେଙ୍ଗୁଇନ୍‌ମାନଙ୍କ ସଂରକ୍ଷଣ ପାଇଁ ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଗବେଷକମାନେ ମତ ଦେଇଛନ୍ତି। ସେଥିପାଇଁ ମାଛଧରା ଉଦ୍ୟୋଗକୁ କୌଣସି ପ୍ରକାର ପ୍ରଭାବିତ ନକରି ଏହି ପେଙ୍ଗୁଇନ୍‌ମାନଙ୍କୁ ଖାଦ୍ୟାନ୍ୱେଷଣ ଓ ଚଳପ୍ରଚଳରେ ଅଧିକ ବ୍ୟାପକ କ୍ଷେତ୍ର ଉପଲବ୍ଧ କରାଇବାକୁ ଅନୁଧ୍ୟାନକାରୀମାନେ ଗୁରୁତ୍ୱାରୋପ କରିଛନ୍ତି। ଆଫ୍ରିକୀୟ ପେଙ୍ଗୁଇନ୍‌ମାନଙ୍କର ଏପରି ଅବିଶ୍ୱସନୀୟ ସଂଖ୍ୟାହ୍ରାସ ଯୋଗୁଁ ସାମୁଦ୍ରିକ ଜୈବବିବିଧତା ଭୀଷଣ ଭାବରେ ପ୍ରଭାବିତ ହେଉଛି। ଆଞ୍ଚଳିକ ଅର୍ଥନୀତିରେ ମଧ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକ ସଦ୍ୟ ସାମାଜିକ-ଅର୍ଥନୈତିକ ରିପୋର୍ଟ ଅନୁସାରେ, ଦକ୍ଷିଣ ଆଫ୍ରିକାର ପ୍ରସିଦ୍ଧ 'ବୋଲ୍‌ଡର୍ସ କଲୋନି' ସମେତ ବିଭିନ୍ନ ପେଙ୍ଗୁଇନ୍ କଲୋନିର ବାର୍ଷିକ ଆୟ ୬୧.୩ କୋଟି ଆଫ୍ରିକୀୟ ରାଣ୍ଡ୍ (ଜାର୍) ବା ଭାରତୀୟ ମୁଦ୍ରାରେ ୩୦୨ କୋଟିରୁ ଅଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

# କ୍ଷୁଦ୍ର ଜୀବଜନ୍ତୁଙ୍କ ପାଇଁ ଚିନ୍ତିତ ଦେବୀ

ପରିବେଶ ଯୋଦ୍ଧା






ଶୁଆ, ଶାରି, ବେଙ୍ଗ ହୁଅନ୍ତୁ ବା ବୁଢ଼ିଆଣୀ, ଆମ ଚାରିପଟେ ଦେଖାଯାଉଥିବା ଏହି ଛୋଟ ଛୋଟ ଜୀବଜନ୍ତୁଙ୍କ ସମ୍ପର୍କରେ ଆପଣ କେବେ ଚିନ୍ତା କରିଛନ୍ତି? ଅଧିକାଂଶଙ୍କ ଠାରୁ ଉତ୍ତର ଆସିବ- ନା। ଗାଁ ଗହଳିରେ ଏବେ ବି ଶୁଣିବାକୁ ମିଳେ, 'ବେଙ୍ଗ ବୋବାଇଲେ ବର୍ଷା ହୁଏ'। ହେଲେ ଶେଷଥର ପାଇଁ ଆମେ କେବେ ବେଙ୍ଗର କେଁକଟର ଶୁଣିଥିଲେ କାହାର ମନେ ଅଛି କି? କଥାକୁହା ପକ୍ଷୀ 'ଶାରି'ର ଚୋରାଚାଲାଣ ଫଳରେ ଶାରି ସଂଖ୍ୟା କେତେ କମିଲାଣି ଆମର ନିଘା ଅଛି କି? ପ୍ରକୃତି କୋଳରୁ କେତେ ଯେ ଛୋଟ ଛୋଟ ଜୀବଜନ୍ତୁ ହଜିଗଲେଣି ତାହାର ଖବର ଆମ ପାଖେ ଅଛି କି? ସତ କହିଲେ, ଆମେ ଏସବୁ ପ୍ରତି ବିଶେଷ ଯତ୍ନବାନ୍ ନୋହୁ। ପ୍ରକୃତିର ବିଧ୍ୱଂସ ତୃଳମୂଳ ସ୍ତରରୁ ଆରମ୍ଭ ହୋଇଥିବାବେଳେ ଏହି ଛୋଟଛୋଟ ଜୀବଜନ୍ତୁଙ୍କ ଉପକାରିତା, ସେମାନଙ୍କ ଜୀବନଶୈଳୀ, ବ୍ୟବହାର ସମ୍ପର୍କରେ କୁନିକୁନି ପିଲାଙ୍କୁ ସଚେତନ କରାଉଛନ୍ତି ରିଜିଓନାଲ ମ୍ୟୁଜିୟମ୍ ଅଫ୍ ନ୍ୟାଚୁରାଲ୍ ହିଷ୍ଟ୍ରିର ବୈଜ୍ଞାନିକ ଦେବୀ ପ୍ରିୟଦର୍ଶିନୀ।

ଦେବୀ ପ୍ରିୟଦର୍ଶିନୀ କହନ୍ତି, "ପୂର୍ବରୁ ଏମିତି ବହୁ କୀଟପତଙ୍ଗ, କ୍ଷୁଦ୍ରାତିକ୍ଷୁଦ୍ର ଜୀବ ଦେଖିବାକୁ ମିଳୁଥିଲେ ଯେଉଁମାନେ କି ନିର୍ଦ୍ଦିଷ୍ଟ ଋତୁର ଆଗମନ ଖବର ବିଭିନ୍ନ ସଙ୍କେତ ଜରିଆରେ ବ୍ୟକ୍ତ କରୁଥିଲେ। କିନ୍ତୁ ଏବେ ଏ ସବୁରୁ ଅନେକ ଲୁପ୍ତପ୍ରାୟ। ପୁଣି ଏହି ଛୋଟ ଜନ୍ତୁଙ୍କର ଗୁରୁତ୍ୱ ଆମେ ନ ବୁଝି ସେମାନଙ୍କୁ ମାରି ଚାଲିଛେ। ଏଣୁ ଛୋଟ ଛୋଟ ପିଲାଙ୍କୁ ନେଇ ନେଚର ୱାକ୍ କରାଇବା ସହ ମୁଁ ସେମାନଙ୍କୁ ଏହି ଜୀବଜନ୍ତୁମାନଙ୍କର ଉପକାରିତା ଓ ଗୁରୁତ୍ୱ ବୁଝାଏ। ସେମାନଙ୍କୁ ନ ମାରି ସେମାନଙ୍କ ସୁରକ୍ଷା କିଭଳି କରାଯାଇପାରିବ, ସେ ସମ୍ପର୍କରେ ବୁଝାଏ। ଆମେ ଅଣବୈଜ୍ଞାନିକ କ୍ଷେତ୍ରରୁ ଆସୁଥିବା ଲୋକମାନଙ୍କୁ ନେଇ ସଚେତନତା ଶିବିରର ଆୟୋଜନ କରୁଛୁ। ସେମିତି ବିଜ୍ଞାନ କ୍ଷେତ୍ରରେ ଜ୍ଞାନ ରଖିଥିବା ଲୋକଙ୍କୁ ନେଇ ଆମେ କର୍ମଶାଳାମାନ କରୁଛୁ। ଶୁଆ, ଶାରି, ବଣିଠାରୁ ଆରମ୍ଭ କରି ନିତିଦିନିଆ ପକ୍ଷୀଙ୍କ ସହ ବର୍ଷା, ଖରା ଓ ଶୀତ ଦିନରେ ଦେଖାଯାଉଥିବା ଜନ୍ତୁମାନଙ୍କୁ ନେଇ ନିରୀକ୍ଷଣ କରାଯାଉଛି।" ଏଥିସହ ସେ ବୁଢ଼ିଆଣୀ ଓ ବିଛା ଭଳି ଜନ୍ତୁଙ୍କ ଅସ୍ତିତ୍ୱ ଓ ପ୍ରଜନନକୁ ନେଇ ଗବେଷଣା କରୁଛନ୍ତି। ଦେବୀ ଭିତରକନିକାରେ ଲୁଣିପାଣି କୁମ୍ଭୀର ଓ ମଧ୍ୟପ୍ରଦେଶର ପାନ୍ନା ନ୍ୟାସନାଲ୍ ପାର୍କର ବ୍ୟାଘ୍ର ପ୍ରକଳ୍ପରେ କାର୍ଯ୍ୟ କରିସାରିଛନ୍ତି।

# ଉତ୍ତପ୍ତୀକରଣ ସହନଶୀଳ କ୍ରାନ୍ତୀମଣ୍ଡଳୀୟ ବୃଷ୍ଟିବନ



ଭାରତର ପଶ୍ଚିମଘାଟ ପର୍ବତମାଳା ଓ ଦକ୍ଷିଣ ଆମେରିକାର ଆମାଜନ ପରି କ୍ରାନ୍ତୀମଣ୍ଡଳୀୟ ବୃଷ୍ଟିବନଗୁଡ଼ିକ ବିଶ୍ୱ ଉତ୍ତପ୍ତୀକରଣ ଜନିତ ବିପର୍ଯ୍ୟୟର ମୁକାବିଲା ପାଇଁ ସକ୍ଷମ ବୋଲି ଏକ ନୂଆ ଗବେଷଣାରୁ ଜଣାପଡ଼ିଛି। ଖଡ଼ଗପୁର ଆଇଆଇଟି, କୋଲକାତା ବିଶ୍ୱବିଦ୍ୟାଳୟ ଓ ପଶ୍ଚିମ ଓଣ୍ଟାରିଓ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଅଧ୍ୟୟନ ଅନୁସାରେ, ଏହି ଅରଣ୍ୟଗୁଡ଼ିକ ପାରିବେଶିକ ପରିବର୍ତ୍ତନକୁ ଆଦରିନେବାରେ ସିଦ୍ଧହସ୍ତ। ଅବଶ୍ୟ କିଛି ଗବେଷକଙ୍କ ମତରେ ହାରାହାରି ବୈଶ୍ୱିକ ତାପମାତ୍ରାରେ ୨ ଡିଗ୍ରି ସେଲ୍‌ସିଅସ୍ ବୃଦ୍ଧି ଘଟିଲେ ତାହା ବୃକ୍ଷମାନଙ୍କର ଶ୍ୱାସକ୍ରିୟା ହାରକୁ ସର୍ବାଧିକ କରାଇ ତାହା ବୃକ୍ଷରାଜିର ମୃତ୍ୟୁର କାରଣ ସାଜିବ। ମାତ୍ର ଗବେଷକମାନଙ୍କ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ଦକ୍ଷିଣ ଆମେରିକାର ଏଣ୍ଡିଜ୍ ପର୍ବତମାଳାର ନିମ୍ନ ତଥା ଉଷ୍ମ ଇଲାକାରେ ଥିବା ବୃକ୍ଷଗୁଡ଼ିକ ଉଚ୍ଚ ତଥା ଥଣ୍ଡା ଅଞ୍ଚଳର ବୃକ୍ଷମାନଙ୍କ ତୁଳନାରେ ଅଧିକ ପରିବେଶ ପରିବର୍ତ୍ତନ ସହନଶୀଳ। ସେହିପରି ହିମାଳୟର ଚିରହରିତ ବା ପତ୍ରଝଡ଼ା ବୃକ୍ଷଗୁଡ଼ିକର ପୁଷ୍ପଧାରଣ ସମୟ ଧୀରେ ଧୀରେ ପରିବର୍ତ୍ତନ ହୋଇଚାଲିଛି। ତେବେ ସେମାନେ ଗୁଜରାଟର ବାସ୍ତାନ କୋଇଲାଖଣି ଶଯ୍ୟାରେ ୫୬ ନିୟୁତ ବର୍ଷ ତଳେ ଜୀବାଶ୍ମ ହୋଇ ରହିଥିବା ଶାଳ, ତାଳ ଓ ହେନ୍ତାଳ ଆଦି ବୃକ୍ଷର ବିବିଧତାକୁ ଲକ୍ଷ୍ୟ କରି ଏକ ଭିନ୍ନ ନିର୍ଯ୍ୟାସ ପାଇଛନ୍ତି। ତାହା ଅନୁଯାୟୀ, ସୁଦୂର ଅତୀତରେ ହିମାଳୟ ସୃଷ୍ଟି ପୂର୍ବରୁ ଭାରତ ସମୁଦ୍ର ପରିବେଷ୍ଟିତ ଏକ କ୍ରାନ୍ତୀମଣ୍ଡଳୀୟ ଅଞ୍ଚଳ ହୋଇ ରହିଥିଲା। ତେବେ ଧୀରେ ଧୀରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପ ପରିମାଣ ବଢ଼ିବା ସାଙ୍ଗକୁ ସମଗ୍ର ଅଞ୍ଚଳ ଉଷ୍ମ ହେବାକୁ ଲାଗିଲା। ତାପମାତ୍ରା ଅସ୍ୱାଭାବିକ ଭାବେ ୪୦ ଡିଗ୍ରି ସେଲ୍‌ସିଅସ୍‌କୁ ବଢ଼ି ପୁଣି ୩୦ ଡିଗ୍ରିକୁ ଖସି ଆସିଥିଲା। ସେହି ସମୟରେ ବୃଷ୍ଟିବନଗୁଡ଼ିକ ଉଚ୍ଚ ତାପମାତ୍ରା ସହିବାରେ ସକ୍ଷମ ହୋଇଥିଲେ। ବୃଷ୍ଟିପାତରେ ବୃଦ୍ଧି ଓ ତାପମାତ୍ରାରେ ହ୍ରାସ ଯୋଗୁଁ ପଶ୍ଚିମଘାଟ ପର୍ବତରେ ପ୍ରାଚୀନ ବୃଷ୍ଟିବନ ସୁରକ୍ଷିତ ରହିଛି ବୋଲି ଗବେଷକମାନଙ୍କ ମତ।

